


ଅଲଗା ହେଲେ ତାରା-ବୀର!
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-198 •TUESDAY •13 JANUARY 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୯୮ •ମଙ୍ଗଳବାର •୧୩ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


ଇସ୍ରୋ ମିଶନ ବିଫଳ

# ମହାକାଶରେ ପିଏସ୍‌ଏଲ୍‌ଭି ସି୬୨ ବାଟବଣା

■ ଶ୍ରୀହରିକୋଟା, ୧୨।୧: ଭାରତର ପୋଲାର ସାଟେଲାଇଟ୍ ଲଞ୍ଚ ଭେହିକଲ୍ (ପିଏସ୍‌ଏଲ୍‌ଭି)ର ୬୪ତମ ମିସନ ଆଜି ଫେଲ୍ ମାରିଛି। ଉତ୍‌କ୍ଷେପଣ ହେବାର କିଛି ସମୟ ପରେ ରକେଟ୍ ବାଟବଣା ହେବାରୁ ଏହା ସହିତ ଯାଇଥିବା ୧୬ଟି ଉପଗ୍ରହ ମହାକାଶରେ ହଜିଯାଇଛନ୍ତି। କ୍ରମାଗତ ଦ୍ୱିତୀୟ ଥର ଲାଗି ପିଏସ୍‌ଏଲ୍‌ଭିର ତୃତୀୟ ପର୍ଯ୍ୟାୟରେ ଏଭଳି ତ୍ରୁଟି ଇସ୍ରୋ ପାଇଁ ବଡ଼ ଧରଣର ଝଟକା ବୋଲି କୁହାଯାଉଛି।

ପିଏସ୍‌ଏଲ୍‌ଭି-ସି୬୨ର ଉତ୍‌କ୍ଷେପଣ ପାଇଁ ଗତକାଲି ରାତିରୁ ଚଳଚଞ୍ଚଳ ଥିଲା ଶ୍ରୀହରିକୋଟା ସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ର। ଆଜି ଦିନ ଠିକ୍ ୧୦ଟା ୧୮ ମିନିଟରେ ପିଏସ୍‌ଏଲ୍‌ଭି ସଫଳତା ସହ ଉତ୍‌କ୍ଷେପଣ ହୋଇଥିଲା। ଏହା ଇଓଏସ୍-ଏନ୍୧ ସମେତ ୧୬ଟି ଉପଗ୍ରହ ନେଇ ଯାତ୍ରା କରିଥିଲା। ପ୍ରଥମ ଦୁଇଟି ପର୍ଯ୍ୟାୟ ଠିକ୍ ଭାବେ କାର୍ଯ୍ୟ କରିଥିଲା। ମାତ୍ର ତୃତୀୟ ପର୍ଯ୍ୟାୟ ଶେଷ ଆଡ଼କୁ ରକେଟ୍ ଏହାର ନିର୍ଦ୍ଧାରିତ ଗତିପଥରୁ ହଟିବା ଆରମ୍ଭ କରିଥିଲା। ଏହାକୁ ନେଇ ମହାକାଶ କେନ୍ଦ୍ରରେ ନିରବତା ଛାଇ ଯାଇଥିଲା। ପରେ

**ଉତ୍‌କ୍ଷେପଣ ପରେ ଗତିପଥରୁ ବାହାରିଗଲା**

**ମହାକାଶରେ ହଜିଗଲା ୧୬ଟି ଉପଗ୍ରହ**



ଭାରତୀୟ ମହକାକାଶ ଅନୁସନ୍ଧାନ କେନ୍ଦ୍ର ଇସ୍ରୋ ପକ୍ଷରୁ ଘୋଷଣା କରାଯାଇଥିଲା ଯେ ପିଏସ୍‌ଏଲ୍‌ଭି-ସି୬୨ ମିସନ ବିଫଳ ହୋଇଛି। ଚାରୋଟି ପର୍ଯ୍ୟାୟ ବିଶିଷ୍ଟ ଏହି ରକେଟ ପ୍ରଥମ ଦୁଇଟି ପର୍ଯ୍ୟାୟ ସଫଳତା ସହିତ କାର୍ଯ୍ୟ କରିଥିଲା। କିନ୍ତୁ ତୃତୀୟ ପର୍ଯ୍ୟାୟ ଶେଷ ଆଡ଼କୁ ଏହା ନିଜର ଗତିପଥରୁ ଅଲଗା ହୋଇଯାଇଥିଲା। ଏପରି କାହିଁକି ହେଲା? ଡାଟା ବିଶ୍ଳେଷଣ କରିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଇସ୍ରୋ ମୁଖ୍ୟ ଡ. ଭି. ନାରାୟଣନ୍ ପ୍ରକାଶ କରିଛନ୍ତି। ଫଳରେ କୌଣସି ଉପଗ୍ରହକୁ ଏହାର କକ୍ଷପଥରେ ସ୍ଥାପିତ କରାଯାଇ ପାରିନାହିଁ। ତେବେ ଏସଂପର୍କରେ ଅଧିକ କିଛି କହିବାକୁ ସେ ମନା କରିଦେଇଛନ୍ତି। ପିଏସ୍‌ଏଲ୍‌ଭି ସହ ଆଜି ଯେଉଁ ଉପଗ୍ରହ ପ୍ରେରଣ କରାଯାଇଥିଲା ସେଥିରେ ଥିଲା ଭାରତର ଗୁଇନ୍ଦା ଉପଗ୍ରହ 'ଅନ୍ୱେଷ'। ଗତବର୍ଷ ମଧ୍ୟ ପିଏସ୍‌ଏଲ୍‌ଭି ଉତ୍‌କ୍ଷେପଣର କିଛି ସମୟ ପରେ ▶ପୃଷ୍ଠା-୭



# ଟ୍ରମ୍ପ ନିଜକୁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି କହିଲେ

■ ୱାଶିଂଟନ୍, ୧୨।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ସେ ନିଜକୁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଘୋଷଣା କରିଛନ୍ତି। ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଏକ ପୋଷ୍ଟ କରି ଏହି କଥା ଉଲ୍ଲେଖ କରିଛନ୍ତି। ଏହି ପୋଷ୍ଟରେ ଟ୍ରମ୍ପଙ୍କ ଫଟୋ ଓ 'ଭେନେଜୁଏଲା କର୍ଯ୍ୟକାରୀ ରାଷ୍ଟ୍ରପତି'ର କ୍ୟାପସନ ରହିଛି। ଏଥିରେ ସେ ୨୦୨୬ରୁ ଦାୟିତ୍ୱ ଗ୍ରହଣ କରିବା ବିଷୟରେ ଉଲ୍ଲେଖ କରିଛନ୍ତି। ଟ୍ରମ୍ପ ନିଜକୁ ୪୫ ଓ ୪୭ତମ ରାଷ୍ଟ୍ରପତି ଭାବେ ମଧ୍ୟ ବର୍ଣ୍ଣନା କରିଛନ୍ତି। ତେବେ ଏହି ପଦବୀ ସମ୍ପର୍କରେ ହ୍ୱାଇଟ୍ ହାଉସ କିମ୍ବା ଆମେରିକା ପ୍ରଶାସନ ପକ୍ଷରୁ କୌଣସି ଆନୁଷ୍ଠାନିକ ବିବୃତ୍ତି ଜାରି କରାଯାଇନାହିଁ। ସୂଚନାଯୋଗ୍ୟ ଯେ, ଜାନୁଆରୀ ୨ରେ ଆମେରିକା ଭେନେଜୁଏଲ ବିରୋଧରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଗିରଫ କରି ନ୍ୟୁୟର୍କକୁ ଆଣିଥିଲେ। ଏହି



ଦୁଇଜଣଙ୍କ ବିରୋଧରେ କୋର୍ଟରେ ମକଦ୍ଦମା ରୁଜୁ କରାଯାଇଛି। ଟ୍ରମ୍ପ କହିଛନ୍ତି ଯେ, ଭେନେଜୁଏଲା ପ୍ରଶାସନକୁ ଆମେରିକା ହିଁ ଚଳାଇବ। ମାଦୁରୋଙ୍କୁ ଗାଦିଚ୍ୟୁତ କରିବା ପରେ ଉପ- ରାଷ୍ଟ୍ରପତି ରୋଡ୍ରିଗ୍ୱେଜଙ୍କୁ ଗତ ସପ୍ତାହରେ ଦେଶର ଅନ୍ତରୀଣ ରାଷ୍ଟ୍ରପତି ନିଯୁକ୍ତି କରାଯାଇଥିଲା। ଏବେ ଭେନେଜୁଏଲା ତୈଳ ପାଇଁ କେଉଁ କମ୍ପାନୀ ଆମେରିକା ଯିବ ତାହା ଆମେରିକା ନିଷ୍ପତ୍ତି ନେବ। ଆମେରିକାର ଆକ୍ରମଣରେ ଭେନେଜୁଏଲାର ୧୦୦ ଜଣ ସୈନିକ ମୃତ୍ୟୁବରଣ କରିଥିଲେ।

ବଡ଼ ଚାଷୀଙ୍କୁ ସରକାରୀ ଝଟ୍‌କା

# ମିଳିବନି ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି

■ ଭୁବନେଶ୍ୱର, ୧୨।୧(ସମିସ): ରାଜ୍ୟରେ ଧାନ କିଣାକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ମଧ୍ୟରେ ଚାଷୀ ଦହଗଞ୍ଜ ହେଉଥିବାବେଳେ ସେମାନଙ୍କ କଟା ଘା'ରେ ଚୂନ ମାରିଛନ୍ତି ରାଜ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବଡ଼ ଚାଷୀ ଅର୍ଥାତ୍ ୧୫୦ କ୍ୱିଣ୍ଟାଲଠାରୁ ଅଧିକ ଧାନ ବିକ୍ରି କରୁଥିବା ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ମିଳୁଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ମିଳିବ ନାହିଁ ବୋଲି ଯୋଗାଣମନ୍ତ୍ରୀଙ୍କ ଘୋଷଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ନିଜ ଘୋଷଣା ଅନୁଯାୟୀ ଚାଷୀଙ୍କଠାରୁ ସବୁ ଧାନ ଉଠାଇବେ। ମାତ୍ର ୧୫୦ କୁଇଣ୍ଟାଲ ଧାନ ପରେ ଆଉ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ଦିଆଯିବ ନାହିଁ। ଚାଷୀ ୧୫୦ କୁଇଣ୍ଟାଲ ଧାନ ପର୍ଯ୍ୟନ୍ତ ୩୧୦୦ ଟଙ୍କା ଦର ପାଇବେ। ଏହା ବାଦେ ଆଉ ଯେତେ ଧାନ ଦେବେ ତାହା ୨୩୬୯ ଟଙ୍କାରେ ସରକାର କିଣିବେ। ସାରା ରାଜ୍ୟରେ ଏହି ନିୟମ ଲାଗୁ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

ମନ୍ତ୍ରୀଙ୍କ ଏହି ଉକ୍ତି ପରେ ସାରା ରାଜ୍ୟରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ରାଜ୍ୟ ସରକାର ଚାଷୀଙ୍କୁ ଇନ୍‌ପୁଟ ସହାୟତା ଘୋଷଣା କରିବା ପରେ ଅନେକ ପ୍ରଶଂସା ନେଇଥିଲେ। ହେଲେ ପ୍ରଥମ ବର୍ଷରୁ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ସହ କଟନି ଛଟନି ପରିମାଣ ବଢ଼ିଗଲା। କ୍ୱିଣ୍ଟାଲ ପିଛା ୧୨-୧୫ କିଲୋ ଧାନ କଟନିଛଟନି କରିବା ପରେ ସରକାରଙ୍କ ଉପରେ ଚାଷୀଙ୍କ ଅସନ୍ତୋଷ ବଢ଼ିଥିଲା। ଚଳିତ ବର୍ଷ ବର୍ତ୍ତମାନ

**୧୫୦ କ୍ୱିଣ୍ଟାଲ ପରେ ଧାନ କ୍ୱିଣ୍ଟାଲକୁ ମିଳିବ ୨୩୬୯ ଟଙ୍କା**

**କ୍ଷତିଗ୍ରସ୍ତ ହେବେ ୫ ଏକରରୁ ଅଧିକ ଚାଷ କରିଥିବା ଚାଷୀ**

ପର୍ଯ୍ୟନ୍ତ ଧାନ କିଣା ସ୍ୱାଭାବିକ ହୋଇପାରୁ ନାହିଁ। ପଶ୍ଚିମ ଓଡ଼ିଶାରେ ୨ ମାସ ହେବ ସରକାରୀ ଭାବେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଏବେ ପର୍ଯ୍ୟନ୍ତ ସବୁ ଚାଷୀଙ୍କୁ ଟୋକନ ମଧ୍ୟ ମିଳିପାରି ନାହିଁ। ଏହାକୁ ନେଇ ଉପକୂଳରୁ-ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ସବୁଠି ଚାଷୀ ପ୍ରତିକ୍ରିୟାଶୀଳ ହେଉଛନ୍ତି। ଏହାକୁ ପ୍ରଶମିତ କରିବା ବଦଳରେ ଚାଷୀ ନୌଟଙ୍କି କରୁଛନ୍ତି ଓ ଦଲାଲଗିରି କରୁଥିବା ଉପମୁଖ୍ୟମନ୍ତ୍ରୀ ଆକ୍ଷେପ କରିଛନ୍ତି। ଏହି ସମୟରେ ଯୋଗାଣ ମନ୍ତ୍ରୀ ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି ଉପରେ ଚାଷୀଙ୍କୁ ଇନ୍‌ପୁଟ ସବସିଡ଼ି ଦିଆଯିବ ନାହିଁ ବୋଲି ଘୋଷଣା ଚାଷୀଙ୍କ କ୍ରୋଧକୁ ବିସ୍ଫୋରିତ କରିଛି।

ବର୍ତ୍ତମାନ ସରକାରୀ ନିୟମ ଅନୁଯାୟୀ ଅଣଜଳସେଚିତ ଜମି ମାଲିକଙ୍କଠାରୁ ଏକର ପିଛା ୧୩ କ୍ୱିଣ୍ଟାଲ ଧାନ ନିଆଯାଉଥିବା ବେଳେ ଜଳସେଚିତ ଜମି ମାଲିକଙ୍କ ଠାରୁ ୧୯ କୁଇଣ୍ଟାଲ ଧାନ ନିଆଯାଉଛି। ବାସ୍ତବରେ ରାଜ୍ୟରେ ବର୍ତ୍ତମାନ ଏକର ପିଛା ଉତ୍ପାଦନର ପରିମାଣ ୨୫-୩୦ କୁଇଣ୍ଟାଲ ପର୍ଯ୍ୟନ୍ତ ରହୁଛି। ପୂର୍ବରୁ ଚାଷୀମାନେ ଉତ୍ପାଦିତ ଧାନ ରଖିବାକୁ ବାଧ୍ୟ ହେଉଥିଲେ। ଏହାସହିତ ବଳକା ଧାନକୁ ଶାଗମାଛ ଦରରେ ବିକ୍ରି କରୁଥିଲେ। ମାତ୍ର ଏଥିରେ ପୁଣି କଟକଣା ଲଗାଯାଇଛି।

ଏ ସମ୍ପର୍କରେ କଂଗ୍ରେସ ସମବାୟ ବିଭାଗର ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ କହିଛନ୍ତି, ସରକାର ଜାଣିଶୁଣି ଧାନ କିଣୁନାହାନ୍ତି। ଏହାଫଳରେ ଚାଷୀମାନେ ବାଧ୍ୟ ହୋଇ ଅଭାବୀ ବିକ୍ରୀ ଜାଲରେ ପଡ଼ିବେ। ମିଲର ମାନଙ୍କ ସହିତ ସଲାସୁତୁରା କରି କୋଟି କୋଟି ଟଙ୍କା ଚାନ୍ଦା ନେଇ ରାଜ୍ୟର ଚାଷୀମାନଙ୍କୁ ଏ ସରକାର ଜାଣିଶୁଣି ହଇରାଣ କରୁଛି। ଏ ବର୍ଷ ୭୫ କୁଇଣ୍ଟାଲରୁ ଅଧିକ ଧାନ କୌଣସି ଚାଷୀଙ୍କ ପାଖରୁ କିଣିବେ ▶ପୃଷ୍ଠା-୭

# ଜଗଦୀପ ଧନଖଡ଼ ଅସୁସ୍ଥ


■ ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ସୋମବାର ଅସୁସ୍ଥତା କାରଣରୁ ଦିଲ୍ଲୀର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଗତ ସପ୍ତାହନ୍ତରେ ଦୁଇଥର ବେହୋଶ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୭୪ ବର୍ଷୀୟ ଧନଖଡ଼ ଜାନୁଆରୀ ୧୦ରେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଓ ତାଙ୍କୁ ଏମ୍ସ ନିଆଯାଇଥିଲା।



ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ଭର୍ତ୍ତି ହେବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଧନଖଡ଼ ଗତବର୍ଷ ଜୁଲାଇ ୨୧ରେ ଉପ-ରାଷ୍ଟପତି ପଦରୁ ଇସ୍ତଫା ଦେଇଥିଲେ। ଏହାକୁ ନେଇ ସେତେବେଳେ ବେଶ ଚର୍ଚ୍ଚା ଚାଲିଥିଲା। ସେ ଶନିବାର ଦିନ ଶୌଚାଳୟକୁ ଯିବା ସମୟରେ ଦୁଇଥର ଚେତାଶୂନ୍ୟ ହୋଇପଡିଥିଲେ ବୋଲି ଅଧିକାରୀମାନେ କହିଛନ୍ତି। ଫଳରେ ତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନିଆଯାଇଥିଲା। ତାଙ୍କର ଏମ୍‌ଆରଆଇ କରାଯିବ ବୋଲି ଏମ୍ସର ତରଫରୁ କୁହାଯାଇଛି। ତେବେ ଏପର୍ଯ୍ୟନ୍ତ ଧନଖଡ଼ କିମ୍ବା ତାଙ୍କ ପରିବାର ତରଫରୁ ସ୍ୱାସ୍ଥ୍ୟାବସ୍ଥା ନେଇ କୌଣସି ସରକରୀ ସୂଚନା ଦିଆଯାଇନାହିଁ।

# ପୁଣି ଫେରିଲା ଶୀତ

■ ଭୁବନେଶ୍ୱର,୧୨।୧(ସମିସ): ପୁଣି ଫେରିଲା ଶୀତ। ପାକିସ୍ତାନ ଏବଂ ଆଫଗାନିସ୍ତାନ ବାୟୁମଣ୍ଡଳର ମଧ୍ୟ ଭାଗରେ ସକ୍ରିୟ ପଶ୍ଚିମାଝଡ଼ ବର୍ତ୍ତମାନ ଅପସାରଣ ହୋଇଛି। ଏହାସହ ଦେଶର ମଧ୍ୟ ଭାଗରେ ଗୁରୁଚାପବଳୟ ସକ୍ରିୟତା ହେତୁ ଉତ୍ତର ତଥା ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ବଢ଼ିଛି। ଫଳରେ ରାଜ୍ୟରୁ ଜଳୀୟବାଷ୍ପର ହ୍ରାସ ହେବା ସହ ତାପମାତ୍ରା ହ୍ରାସ ହୋଇଛି। ଏଥିଯୋଗୁଁ ରାଜ୍ୟରେ ପୁଣି ହାଡ଼ଭଙ୍ଗା ଶୀତ ଦେଖାଦେଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ପ୍ରାୟ ୩-୪ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି।



ପାଣିପାଗ କେନ୍ଦ୍ର କହିଛି, ଗତ ୨୪ ଘଣ୍ଟାରେ ରାଉରକେଲାରେ ତାପମାତ୍ରା ୬.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୭, କେନ୍ଦୁଝରରେ ୧୦, ସମ୍ବଲପୁରରେ ୧୧.୭, ବାଲେଶ୍ୱରରେ ୧୧.୮, ଭୁବନେଶ୍ୱର ୧୨.୩, ହୀରାକୁଦରେ ୧୩.୧, ଚାନ୍ଦବାଲିରେ ୧୩.୬ ଓ ପାରାଦୀପରେ ୧୪ଡିଗ୍ରୀ ରେକର୍ଡ ହୋଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ରାଜ୍ୟରେ ତାପମାତ୍ରା ଆହୁରି ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ପାରଦ ତଳମୁହାଁ ହେବା ସହ ଆଜିଠୁ ପୁଣି ଶୀତ ଅନୁଭବ ହେବ। ▶ପୃଷ୍ଠା-୭

ବିପଦରେ ସରକାରୀ ବ୍ୟାଙ୍କ

# ବିନା ବନ୍ଧକରେ ୪୬.୯ ଲକ୍ଷ କୋଟି ଋଣ

■ ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି)): ଦେଶର ସରକାରୀ ବ୍ୟାଙ୍କଗୁଡ଼ିକର ଅସ୍ତିତ୍ୱ ଏବେ ବିପଦରେ। ପୂର୍ବରୁ ଅଣ-କାର୍ଯ୍ୟକାରୀ ସମ୍ପତ୍ତି(ଏନ୍ପିଏ)ରେ ବୃଦ୍ଧିକୁ ନେଇ ବ୍ୟାଙ୍କଗୁଡ଼ିକ ସମସ୍ୟାରେ ରହିଥିବାବେଳେ ଏବେ ବିନା ଗ୍ୟାରେଣ୍ଟିଯୁକ୍ତ ଋଣ ପରିମାଣରେ ବୃଦ୍ଧି ଆଉ ଏକ ଚିନ୍ତାର ବିଷୟ ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏବେ ବିନା ବନ୍ଧକରେ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ବିନା କୌଣସି ବନ୍ଧକ ବା ଗ୍ୟାରେଣ୍ଟିରେ ବ୍ୟାଙ୍କଗୁଡ଼ିକ ଦେଇଛନ୍ତି ୪୬.୯ ଲକ୍ଷ କୋଟି ଟଙ୍କାର ଋଣ। ଗତ ୨୦ ବର୍ଷରେ ଏହି ବିନା ଗ୍ୟାରେଣ୍ଟିରେ ଦିଆଯାଇଥିବା ଋଣ ପରିମାଣ ୨୩ ଗୁଣ ବୃଦ୍ଧି ପାଇଛି। ୨୦୦୫ରେ ବିନା କୌଣସି ବନ୍ଧକରେ ବ୍ୟାଙ୍କଗୁଡ଼ିକ ୨ ଲକ୍ଷ କୋଟି ଟଙ୍କାର ଋଣ ଦେଇଥିବାବେଳେ ୨୦୨୫ରେ ଏହି ପରିମାଣ ୪୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଯାଇଛି, ଯାହା ଗତ ଦୁଇ ଦଶନ୍ଧି ମଧ୍ୟରେ ବ୍ୟାଙ୍କଗୁଡ଼ିକର ଅସୁରକ୍ଷିତ ଋଣକୁ ଦ୍ରୁତ ଗତିରେ ବଢ଼ାଇ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ସଦ୍ୟତମ ରିପୋର୍ଟରେ କୁହାଯାଇଛି।

**୨୦ ବର୍ଷରେ ଋଣ ପରିମାଣ ୨୩ ଗୁଣ ବଢ଼ିଛି**

**୨୦୦୫ରେ ୨ ଲକ୍ଷ କୋଟିର ଋଣ, ୨୦୨୫ରେ ୪୬ ଲକ୍ଷ କୋଟି ଟପିଛି**



ଭାରତୀୟବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଋଣ ପ୍ରଦାନ ପଦ୍ଧତିରେ ଏକ ବଡ଼ ସାଂରଚନିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଷ୍ଟେଟ୍ ବ୍ୟାଙ୍କର ଏହି ସଦ୍ୟତମ ରିପୋର୍ଟ ଅନୁଯାୟୀ, ଦେଶରେ ଅସୁରକ୍ଷିତ ଋଣ ପରିମାଣ ରେକର୍ଡ ୪୬.୯ ଲକ୍ଷ କୋଟି ଟଙ୍କାରେ ▶ପୃଷ୍ଠା-୭

# ବଢ଼ିଲା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଚର୍ଚ୍ଚା

**୫୦ ବିଧାନସଭା ଆସନ ବଢ଼ିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଆକଳନ**

**ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେଲେ କ୍ଷତିରେ ପଡ଼ିବ ଓଡ଼ିଶା**

**୨୦୨୯ ନିର୍ବାଚନ ପୂର୍ବରୁ ସମ୍ଭବ ହେବନି ସୀମା ପୁନଃ ନିର୍ଦ୍ଧାରଣ**

■ ଭୁବନେଶ୍ୱର, ୧୨।୧ (ସମିସ): ରାଜ୍ୟରେ ବିଧାନସଭା ଓ ଲୋକସଭା ଆସନର ସୀମା ପୁନର୍ନିର୍ଦ୍ଧାରଣ (ଡିଲିମିଟେସନ) ପରେ ବିଧାନସଭା ଆସନ ସଂଖ୍ୟା ପ୍ରାୟ ୨୦୦ ଛୁଇଁପାରେ। ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଟିପ୍ପଣୀ ପରେ ରାଜ୍ୟରୁ ଜାତୀୟସ୍ତର ପର୍ଯ୍ୟନ୍ତ ବିଭିନ୍ନ ମହଲରେ ସୀମା ପୁନଃନିର୍ଦ୍ଧାରଣକୁ ନେଇ ପୁଣି ଗୁଞ୍ଜରଣ ସୃଷ୍ଟି ହୋଇଛି। ପୂର୍ବରୁ ଜନସଂଖ୍ୟା ଆଧାରରେ ଡ଼ିଲିମିଟେସନ ହେବ ବୋଲି ହେଉଥିବା ଚର୍ଚ୍ଚା ସତ୍ୟ ହେଲେ ଓଡ଼ିଶା କ୍ଷତିରେ ପଡ଼ିବାର ସମ୍ଭାବନା ରହିଛି। ମାତ୍ର ମୁଖ୍ୟମନ୍ତ୍ରୀ ବିଧାନସଭା ଆସନ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


ଜୋହୋ ପ୍ରତିଷ୍ଠାତା ଦେବେ ବିଶ୍ୱର ୪ର୍ଥ ବୃହତ୍ ମହଙ୍ଗା ଛାଡ଼ପତ୍ର

# ପତ୍ନୀଙ୍କୁ ଦେବେ ୧୪ ହଜାର କୋଟି କ୍ଷତିପୂରଣ

■ ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଛାଡପତ୍ର ଘଟଣାକୁ ନେଇ ଚର୍ଚ୍ଚାରେ ଜୋହୋ ପ୍ରତିଷ୍ଠାତା ଏବଂ ସିଇଓ ଶ୍ରୀଧର ଭେମ୍ବୁ। କାରଣ ଭେମ୍ବୁ ଛାଡ଼ପତ୍ରରେ ପତ୍ନୀଙ୍କୁ ଦେବେ ୧୪,୦୦୦ କୋଟି ଟଙ୍କା କ୍ଷତିପୂରଣ। ତେବେ ଏହାକୁ ବିଶ୍ୱର ୪ର୍ଥ ବୃହତ୍ ଏବଂ ଭାରତର ସବୁଠାରୁ ମହଙ୍ଗା ଛାଡ଼ପତ୍ର ବୋଲି କୁହାଯାଉଛି। ଆମେରିକାର କାଲିଫର୍ଣ୍ଣିଆରେ ଚାଲିଥିବା ଛାଡପତ୍ର ମାମଲାରେ କୋର୍ଟ ଭେମ୍ବୁଙ୍କୁ ୧.୭ ବିଲିୟନ ଡଲାର (୧୪ ହଜାର କୋଟି ଟଙ୍କା)ର ବଣ୍ଡ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଧର ଭେମ୍ବୁ ଏବଂ ତାଙ୍କ ପତ୍ନୀ ପ୍ରମିଳା ଶ୍ରୀନିବାସନଙ୍କ ମଧ୍ୟରେ ଛାଡପତ୍ରର ମୁଖ୍ୟ କାରଣ ହେଉଛି, ଜୋହୋରେ ଅଂଶଧନର ମାଲିକାନା। ଏହି ଛାଡପତ୍ର ବିବାଦ କାଲିଫର୍ଣ୍ଣିଆରେ ରହୁଥିବା ସମୟରେ ଦମ୍ପତିଙ୍କ ଦ୍ୱାରା ବୈବାହିକ ସମ୍ପତ୍ତିର ବିଭାଜନକୁ ନେଇ ଆରମ୍ଭ ହୋଇଥିଲା।



ଆଇଆଇଟି-ମାଡ୍ରାସରୁ ସ୍ନାତକ କରିବା ପରେ ଭେମ୍ବୁ ୧୯୮୯ରେ ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ପିଏଚ୍ଡି କରିବା ପାଇଁ ଆମେରିକା ଯାଇଥିଲେ। ୧୯୯୩ରେ ଆମେରିକା ଯିବାର ୪ ବର୍ଷ ପରେ ସେ ଉଦ୍ୟୋଗୀ ପ୍ରମିଳା ଶ୍ରୀନିବାସନଙ୍କୁ ବିବାହ କରିଥିଲେ। ୧୯୯୬ ରେ ଭେମ୍ବୁ ଏବଂ ତାଙ୍କ ସହଯୋଗୀମାନେ ଆଡଭେଣ୍ଟନେଟ୍ ନାମକ ଏକ ସଫ୍ଟୱେର୍ ଡେଭଲପମେଣ୍ଟ କମ୍ପାନୀ ଆରମ୍ଭ କରିଥିଲେ। ୨୦୦୯ରେ ସେମାନେ ଏହାର ନାମ ଜୋହୋ କର୍ପୋରେସନ୍ ରଖିଥିଲେ। ପତ୍ନୀ ପ୍ରମିଳାଙ୍କ ସହ ପ୍ରାୟ ତିନି ଦଶନ୍ଧି ଧରି ସେ କାଲିଫର୍ଣ୍ଣିଆରେ ରହୁଥିଲେ। ଏହି ଦମ୍ପତିଙ୍କର ଏକ ୨୬ ବର୍ଷୀୟ ପୁଅ ମଧ୍ୟ ଅଛି। ୨୦୧୯ରେ ଭେମ୍ବୁ ଭାରତ ଫେରିଆସି ତାମିଲନାଡୁର ମାଥାଲମପାରାଇ ଗ୍ରାମରୁ ଜୋହୋକୁ ପରିଚାଳନା କରିବା ଆରମ୍ଭ କରିଥିଲେ। ଶ୍ରୀନିବାସନଙ୍କ ଅଭିଯୋଗ ଅନୁଯାୟୀ, ଭେମ୍ବୁ କମ୍ପାନୀର ଅଧିକାଂଶ ସେୟାର ତାଙ୍କ ଭଉଣୀ ▶ପୃଷ୍ଠା-୭

## ତେଲଙ୍ଗାନାରେ ବିଷ ଦେଇ ୩୦୦ ବୁଲା କୁକୁରଙ୍କୁ ହତ୍ୟା

ହାଇଦରାବାଦ୍, ୧୨।୧(ଏଜେନ୍ସି): ତେଲଙ୍ଗାନାର ହନମକୋଣ୍ଡା ଜିଲ୍ଲାରେ ୩୦୦ ବୁଲା କୁକୁରଙ୍କ ହତ୍ୟା କରାଯିବା ଘଟଣା ସାମ୍ନାକୁ ଆସିଛି। ପଶୁଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ୍‌ର ପ୍ରାସଙ୍ଗିକ ଧାରା ଅନୁଯାୟୀ ୨ ଜଣଙ୍କ ବିରୋଧରେ ଏହି ମାମଲା ନେଇ ଏଫ୍‌ଆଇଆର ରୁଜୁ କରାଯାଇଛି। ପଶୁ କଲ୍ୟାଣ କର୍ମୀ ଆଦୁଲାପୁରମ ଗୌତମ ଓ ଫରଜାନା ବେଗମ ଜାନୁଆରୀ ୨ରେ ଶ୍ୟାମପେଟ ଥାନାରେ ଅଭିଯୋଗ କରିଥିଲେ। ଜାନୁଆରୀ ୬ରୁ ଆରମ୍ଭ ହୋଇ ତିନିଦିନ ମଧ୍ୟରେ ଶ୍ୟାମପେଟ ଓ ଆରେପାଲି ଗାଁରେ ୩୦୦ ବୁଲା କୁକୁରଙ୍କୁ ବିଷ ଦେଇ ହତ୍ୟା କରାଯାଇଛି ବୋଲି ଅଭିଯୋଗ ହୋଇଛି। ହତ୍ୟା ପରେ ମୃତଦେହଗୁଡ଼ିକୁ ଗାଁ ବାହାରେ ପୋତି ଦିଆଯାଇଥିଲା। ଗାଁର ସରପଞ୍ଚ ଓ ଗ୍ରାମ ପଞ୍ଚାୟତ ସଚିବଙ୍କ ସମେତ ୮ ଜଣ ଲୋକ ହିଁ ଏହି ଅପରାଧ ଘଟାଇଛନ୍ତି ବୋଲି ଅଭିଯୋଗ କରାଯାଇଛି। ସରପଞ୍ଚ ଓ ସଚିବ ଦୁଇ ଲୋକଙ୍କୁ ପଇସା ଦେଇ ବୁଲା କୁକୁରଙ୍କୁ ହତ୍ୟା କରିବା ପରେ ମୃତଦେହ ଗୁଡ଼ିକୁ ପୋତିବା ପାଇଁ ନିୟୋଜିତ କରିଥିଲେ। ପୁଲିସ ମଧ୍ୟ ଏନେଇ ମାମଲା ରୁଜୁ କରିଛି। ପ୍ରଶାସନ ଏହି ମାମାଲାକୁ ଗମ୍ଭୀରତା ସହ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ କରିବ ବୋଲି ପ୍ରତିଶ୍ରୁତି ଦେଇଛି।

## ଜର୍ମାନୀରେ ଭାରତୀୟଙ୍କ ପାଇଁ ଭିସା ମୁକ୍ତ ଟ୍ରାନ୍‌ଜିଟ୍

ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜର୍ମାନୀ ଚାନ୍ସଲର ଫ୍ରେଡ୍ରିଚ ମର୍ଜ ଗୁଜରାଟର ଗାନ୍ଧୀନଗରରେ ପରସ୍ପରକୁ ଭେଟିଛନ୍ତି। ଦୁହେଁ ମହାତ୍ମା ମନ୍ଦୀର କନଭେନସନରେ ଏକାଠି ବସି ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଥିଲେ। ଆଲୋଚନା ପରେ ମୋଦୀ କହିଥିଲେ ଯେ, ଭାରତ ଓ ଜର୍ମାନୀ ଘନିଷ୍ଠ ସହଯୋଗୀ। ଏଥିପାଇଁ ଭାରତରେ ଆଜି ଜର୍ମାନୀର ୨୦୦୦ କମ୍ପାନୀ ଅଛନ୍ତି। ଦୁଇ ଦେଶ ନୂଆ ପ୍ରକଳ୍ପକୁ ଆଗକୁ ବଢ଼ାଉଛନ୍ତି ଓ ପ୍ରତ୍ୟେକ କ୍ଷେତ୍ରରେ ଏକାଠି କାର୍ଯ୍ୟ କରୁଛନ୍ତି। ଦୁଇ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ଓ ଏହା ଦୁଇ ଦେଶର ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ସେ କହିଥିଲେ। ଦୁଇ ନେତା ସବୁ କାର୍ଯ୍ୟକ୍ରମରେ ଗୋଟିଏ କାର୍‌ରେ ହିଁ ସାଥି ହୋଇ ଯାତ୍ରା କରିଥିଲେ। ସୋମବାର ସକାଳେ ଦୁହେଁ ସାବରମତୀ ଆଶ୍ରମରେ ପହଞ୍ଚିଥିଲେ। ଦୁହେଁ ସେଠାରେ ସାଥି ହୋଇ ଗୁଡ଼ି ଉଡାଇଥିଲେ। ଆଜିର ଯୁଗରେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ନୀତିର ବହୁତ ଆବଶ୍ୟକତା ରହିଛି ବୋଲି ମର୍ଜ କହିଛନ୍ତି। ଏହାସହିତ ସେ ଘୋଷଣା କରିଛନ୍ତି ଯେ, ଜର୍ମାନୀରେ ଭାରତୀୟ ପର୍ଯ୍ୟଟକଙ୍କୁ ଭିସା ମୁକ୍ତ ଟ୍ରାନଜିଟ ସୁବିଧା ଯୋଗାଇ ଦିଆଯିବ।

## ପକ୍ଷୀ ମାଡ଼ ପରେ ବାରାଣସୀରେ ବିମାନର ଜରୁରୀ ଅବତରଣ

ବାରଣାସୀ, ୧୨।୧(ଏଜେନ୍ସି): ଗୋରଖପୁରରୁ ବେଙ୍ଗାଲୁରୁ ଯାଉଥିବା ଏକ ଇଣ୍ଡିଗୋ ବିମାନ ବାରାଣସୀରେ ଜରୁରୀକାଳୀନ ଅବତରଣ କରିଛି। ପକ୍ଷୀ ମାଡ଼ ହେବା କାରଣରୁ ଏଭଳି ସ୍ଥିତି ଉପୁଜିଥିଲା। ଏହି ବିମାନରେ ୨୧୬ ଜଣ ଯାତ୍ରା କରୁଥିଲେ। ସବୁ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି ବିମାନ ବନ୍ଦର କର୍ତ୍ତୃପକ୍ଷ ତରଫରୁ ସୂଚନା ଦିଆଯାଇଛି। ସୁରକ୍ଷା କାରଣରୁ ବିମାନକୁ ଅବତରଣ କରାଯାଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ପକ୍ଷୀ ମାଡ଼ ହେବା ପରେ ବିମାନକୁ ଆଗକୁ ଯିବା ପାଇଁ ଅନୁମତି ଦିଆଯାଇ ନଥିଲା। ଗୋରଖପୁରରୁ ଏହି ୬ଇ-୪୩୭ ବିମାନ ରବିବାର ସନ୍ଧ୍ୟା ୬.୨୫ରେ ଉଡାଣ ଭରିଥିଲା ଓ ଏହା ବେଙ୍ଗାଲୁରୁରେ ୯.୦୨ରେ ଅବତରଣ କରିଥାନ୍ତା। କିନ୍ତୁ ଟେକଅଫ୍‌ର ୧୫ ମିନିଟ ପରେ ହିଁ ବିମାନରେ ପକ୍ଷୀ ମାଡ଼ ହୋଇଥିଲା। ଏହି ସମୟରେ ବିମାନ ଜୋନପୁରର ଆଖପାଖ ଆକାଶରେ ଥିଲା। ଫଳରେ ପାଇଲଟ ତୁରନ୍ତ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି) ସହ ଯୋଗାଯୋଗ କରିଥିଲେ। ଏହାପରେ ବିମାନ ୬.୫୬ରେ ବାରଣାସୀ ବିମାନ ବନ୍ଦରରେ ଅବତରଣ କରିଥିଲା। ପାଖାପାଖି ରାତି ୮.୪୦ରେ ବିମାନରୁ ସବୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଯାତ୍ରୀମାନେ ଭୟଭୀତ ଥିବା ଦେଖାଯାଇଥିଲା।

## ବରିଷ୍ଠ ବାମପନ୍ଥୀ ନେତା ସମୀର ପୁଟାଟୁଣ୍ଡୁଙ୍କ ପରଲୋକ

କୋଲକାତା, ୧୨।୧(ଏଜେନ୍ସି): ପଶ୍ଚିମବଙ୍ଗର ବରିଷ୍ଠ ବାମପନ୍ଥୀ ନେତା ସମୀର ପୁଟାଟୁଣ୍ଡୁ ରବିବାର ରାତିରେ ପରଲୋକ ଗମନ କରିଛନ୍ତି। କୋଲକାତାର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ପରଲୋକ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା ଓ ତାଙ୍କ ନିକଟରେ ପତ୍ନୀ ଅନୁରାଧା ଉପସ୍ଥିତ ଥିଲେ। ପୁଟାଟୁଣ୍ଡୁ ପଶ୍ଚିମବଙ୍ଗ ବାମପନ୍ଥୀ ଆନ୍ଦୋଳନର ଜଣେ ପ୍ରମୁଖ ଅଗ୍ରଣୀ ବ୍ୟକ୍ତିଥିଲେ। ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଜଣେ ପ୍ରଭାବଶାଳୀ ନେତା ଥିଲେ। କିନ୍ତୁ ପରେ ଆଦର୍ଶଗତ ମତଭେଦ ଯୋଗୁଁ ସେ ସୈଫୁଦ୍ଦିନ ଚୌଧୁରୀଙ୍କ ସହ ଦଳ ଛାଡି ଡେମୋକ୍ରାଟିକ ସୋସିଆଲିଜମ (ପିଡିଏସ୍) ପାର୍ଟି ପ୍ରତିଷ୍ଠା କରିଥିଲେ। କିନ୍ତୁ ଏହି ଦଳ ନିର୍ବାଚନରେ ସଫଳତା ହାସଲ କରିପାରି ନଥିଲା। ସେ ସିଙ୍ଗୁର, ନନ୍ଦୀଗ୍ରାମରେ ଜମି ଅଧିଗ୍ରହଣ ବିରୋଧ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏହି ଆନ୍ଦୋଳନଗୁଡ଼ିକ ୨୦୦୦ ଦଶକର ଶେଷ ଭାଗରେ ମମତା ବାନାର୍ଜୀଙ୍କ ନେତୃତ୍ୱରେ ହୋଇଥିଲା।

## ବିଏସ୍‌ଏଫ୍ ଶିବିରରେ ନିଆଁ; ଜଣେ ଯବାନ ମୃତ

ଶ୍ରୀନଗର, ୧୨।୧(ଏଜେନ୍ସି): ଜମ୍ମୁ-କଶ୍ମୀର ବନ୍ଦିପୋରା ଜିଲ୍ଲାରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଏକ ଶିବିରର ବିଲ୍ଡିଂରେ ନିଆଁ ଲାଗିଛି। ଫଳରେ ଜଣେ ଯବାନ ମୃତ୍ୟୁବରଣ କରିଛନ୍ତି। ମୃତ ଯବାନ ହେଉଛନ୍ତି ପଞ୍ଜାବ ଜଳନ୍ଧରର କନଷ୍ଟେବଳ ରମେଶ କୁମାର। ସେ ବିଏସ୍‌ଏଫ୍‌ରେ ଧୋବା ଭାବେ ନିଯୁକ୍ତି ପାଇଥିଲେ। ଗତକାଲି ସନ୍ଧ୍ୟାରେ ବନ୍ଦିପୋରାର ମୋଡର ଅଞ୍ଚଳରେ ସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପର ଏକମହଲା ବିଶିଷ୍ଟ ଟ୍ରେଡ୍‌ସମ୍ୟାନ କୋଠାରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା।

# ମକରରେ ବଦଳିବ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଠିକଣା

ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଦିଲ୍ଲୀର ରାଇସିନା ହିଲ୍ସ ନିକଟରେ ପ୍ରଧାନମନ୍ତ୍ରୀଙ୍କ ନୂଆ କର୍ଯ୍ୟାଳୟର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମକର ସଂକ୍ରାନ୍ତି ।।ରେ ନୂଆ କାର୍ଯ୍ୟାଳୟରେ କାର୍ଯ୍ୟ ଆରମ୍ଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ନୂଆ କାର୍ଯ୍ୟାଳୟ ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କୁହାଯାଉଛି। ଏହି ନୂଆ କର୍ଯ୍ୟାଳୟ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପର ଅଂଶବିଶେଷ। କାର୍ଯ୍ୟାଳୟ ନିକଟରେ ପ୍ରାଧାନମନ୍ତ୍ରୀଙ୍କ ବାସଭବନ ମଧ୍ୟ ନିର୍ମାଣ କରାଯାଉଛି। ଏହାର ନିର୍ମାଣ ଶେଷ ପରେ ପ୍ରଧାନମନ୍ତ୍ରୀ ୭ ଲୋକକଲ୍ୟାଣ ମାର୍ଗସ୍ଥିତ ଏବେକାର ବାସଭବନ ଛାଡି ନୂଆ ବାସଭବନକୁ ଯିବେ। ପ୍ରଧାନମନ୍ତ୍ରୀଙ୍କ ନୂଆ କର୍ଯ୍ୟକାଳ ନାମ ପ୍ରଥମେ ଏକଜିକ୍ୟୁଟିଭ କମ୍ପ୍ଲେକ୍ସ ରଖାଯାଇଥିଲା। ତେବେ ପରେ ଏହାକୁ ବଦଳାଯାଇ 'ସେବା ତୀର୍ଥ' ରଖାଯାଇଛି। ଏହାର ଅର୍ଥ ହେଉଛି ସେବାର ସ୍ଥାନ। ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅନୁସାରେ ନୂଆ ସଂସଦ ଭବନ ଓ ଉପ-ରାଷ୍ଟ୍ରପତି ଏନକ୍ଲେଭ ପୂର୍ବରୁ ପ୍ରସ୍ତୁତ ହୋଇସାରିଛି। ସେବା ତୀର୍ଥ କମ୍ପ୍ଲେକ୍ସରେ ୩ଟି କୋଠା ରହିଛି। ସେବା ତୀର୍ଥ-୧ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟ ହେବ। ସେବା ତୀର୍ଥ-୨ କ୍ୟାବିନେଟ ସଚିବାଳୟ ହେବ। ସେବା ତୀର୍ଥ-୩ ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟାଙ୍କ କାର୍ଯ୍ୟାଳୟ ହେବ ବୋଲି କୁହଯାଇଛି।



# ଇରାନରେ ହିଂସା ଜାରି; ଗଲାଣି ୫୫୦ ଜୀବନ

ଲସ୍ ଏଞ୍ଜେଲସ, ୧୨।୧(ଏଜେନ୍ସି): ଗତ ଦୁଇ ସପ୍ତାହ ଧରି ଇରାନରେ ସରକାର ବିରୋଧୀ ପ୍ରତିବାଦ ଜାରି ରହିଛି। ଇରାନରେ ମାନବାଧିକାର କର୍ମୀ ସମ୍ବାଦ ସଂସ୍ଥା (ଏଚ୍‌ଆରଏଏନ୍‌ଏ) ଦେଇଥିବା ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ୮ ଜଣ ଶୁଶିଙ୍କ ସମେତ ଏହି ହିଂସ୍ରକ ଆନ୍ଦୋଳନରେ ମୋଟ୍ ୫୪୪ ଜଣ ମୃତ୍ୟୁବରଣ କରିଛନ୍ତି ଓ ୧୦.୬୮୧ ଜଣଙ୍କୁ ଗିରଫ କରାଯାଇ ଜେଲ୍‌ରେ ଭର୍ତ୍ତି କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନ ତା'ର ରେଡ୍ ଲାଇନ୍ ଅର୍ଥାତ ଲକ୍ଷ୍ମଣ ରେଖା ପାର୍ କରିଛି। ଫଳରେ ଆମେରିକା ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଚିନ୍ତା କରୁଛି। ଟ୍ରମ୍ପ କହିଛନ୍ତି ଯେ, ସରକାର ଯେପରି ପ୍ରତିବାଦକୁ ଦମନ କରିବା ପାଇଁ ଇରାନ ରେଡ୍ ଲାଇନ୍ ଅତିକ୍ରମ କରୁଛି। ସମ୍ବାଦିକଙ୍କ ସହ କଥା ହେବା ବେଳେ ଟ୍ରମ୍ପ କହିଛନ୍ତି ଯେ, ଇରାନ ପ୍ରଦର୍ଶନକାରୀଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନେଉଛି ଓ କ'ଣ କରୁଛି ସେ ତାହା ଉପରେ ଆମେରିକା ତୀକ୍ଷ୍ଣ ନଜର ରଖିଛି। ଇତିମଧ୍ୟରେ ଇରାନ ଆଲୋଚନା ପାଇଁ ଏକ ପ୍ରସ୍ତାବ ଦେବା ସହ ଆମେରିକା ସହ ଯୋଗାଯୋଗ ରକ୍ଷା କରିଛି। ଏ ନେଇ ଏକ ବୈଠକ ସ୍ଥିତ କରିବା ପାଇଁ ଆଲୋଚନା ଚାଲିଛି। ତଥାପି, ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଥମ ପଦକ୍ଷେପ ନେବାକୁ ପଡ଼ିପାରେ। କାରଣ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି ଓ ଗିରଫ ହେଉଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଟ୍ରମ୍ପ କହିଛନ୍ତି।

ଅନପଟେ ଇରାନ ବୈଦେଶିକ ମନ୍ତ୍ରୀ ଅଭିଯୋଗ କରି କହିଛନ୍ତି ଯେ, ଦେଶରେ ଚାଲିଥିବା ହିଂସାତ୍ମକ ଆନ୍ଦୋଳନ ଏବେ ରକ୍ତାକ୍ତ ହୋଇଛି ଓ ଏହା ଟ୍ରମ୍ପଙ୍କୁ ହସ୍ତକ୍ଷେପ କରିବା ପାଇଁ ବାହାନା ଦେଉଛି। ପ୍ରଦର୍ଶନକାରୀମାନେ ପୁଲିସକର୍ମୀଙ୍କୁ ମାରିବା ସହ ଜିଅନ୍ତା ଜଳାଉଛନ୍ତି। ଦେଶବ୍ୟାପୀ ଚାଲିଥିବା ପ୍ରତିବାଦ ଏବେ ନିୟନ୍ତ୍ରଣକୁ ଆସିଛି ବୋଲି ସେ କହିଛନ୍ତି। ଆନ୍ଦୋଳନ ଚାଲିଥିବା ବେଳେ ଭାରତୀୟ ନାଗରିକଙ୍କୁ ଗିରଫ କରାଯିବା କଥା ମିଥ୍ୟା ବୋଲି ଇରାନ ରାଷ୍ଟ୍ରଦୂତ ମୋହମ୍ମଦ ଫଥାଲୀ ଏକ୍ସରେ ସୂଚନା ଦେଇଛନ୍ତି। ପୁଣି ଯଦି ଆମେରିକା ଆକ୍ରମଣ କରେ ତେବେ ଇରାନ ଆମେରିକା ସମେତ ଇସ୍ରାଏଲ ସୈନ୍ୟଙ୍କୁ ଆକ୍ରମଣ କରିବ।

ଆମେରିକାରେ ଇରାନ ସର୍ବୋଚ୍ଚ ନେତା ଅଲି ହୋସେଇନି ଖାମେନେଇଙ୍କ ବିରୋଧରେ ଆୟୋଜିତ ରାଲି ଭିତରକୁ ଏକ ଟ୍ରକ ମାଡିଯିବା ଫଳରେ ଆତଙ୍କ ସୃଷ୍ଟି ହୋଇଥିଲା। ଏହି ଘଟଣା ରବିବାର ଅପରାହ୍ଣରେ ଲସ୍ ଏଞ୍ଜେଲ୍ସର ୱେଷ୍ଟଉଡ ଅଞ୍ଚଳରେ ଘଟିଥିଲା। ଏଠାରେ ଇରାନରେ ଚାଲିଥିବା ପ୍ରତିବାଦକୁ ସମର୍ଥନ କରି ଶହଶହ ଲୋକ ଶୋଭାଯାତ୍ରା କରୁଥିଲେ। ତେବେ ଏହି ଘଟଣାରେ କେତେଲୋକ ଆହତ ହୋଇଛନ୍ତି ସେ ନେଇ କିଛି କୁହାଯାଇନାହିଁ। ରାଲି ଭିତରକୁ ଟ୍ରକ୍ ମାଡିଯିବା ଫଳରେ ଲୋକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ିବା ଆରମ୍ଭ କରିଥିଲେ। ଉତ୍ୟକ୍ତ ପ୍ରଦର୍ଶନକାରୀମାନେ ସମ୍ପୃକ୍ତ ଟ୍ରକ ଡ୍ରାଇଭରଙ୍କୁ ଅଟକାଇ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ।





### ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରିବ ଆମେରିକା

### ଇରାନରେ ଥିବା ନାଗରିକଙ୍କୁ ସତର୍କ କରାଇଲା ଭାରତ

ଇରାନରେ ଚାଲିଥିବା ହିଂସାତ୍ମକ ଆନ୍ଦୋଳନ ଦିନକୁ ଦିନ ଉଗ୍ର ହେବାରେ ଲାଗିଥିବା ବେଳେ ଭାରତ ସେଠାରେ ଥିବା ନିଜର ନାଗରିକଙ୍କୁ ସତର୍କ କରାଇଛି। ଭାରତ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି। ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ନାଗରିକଙ୍କୁ ବାହରକୁ ନ ବହାରିବା ପାଇଁ ଓ କୌଣସି ପ୍ରକାର ଘଟଣାରେ ନ ଫସିବା ସତର୍କ କରାଇଛି। ଇରାନ୍‌ରେ ବହୁ ସଂଖ୍ୟାରେ ଭାରତୀୟ ଛାତ୍ର ଓ ପ୍ରବାସୀ ରହୁଛନ୍ତି। ପ୍ରତିବନ୍ଧକ ସତ୍ତ୍ୱେ ରାଜଧାନୀ ତେହେରାନସ୍ଥିତ ଆମ ଦୂତାବାସ ଛାତ୍ରଙ୍କ ସଂଘଗୁଡିକ ସହ ସମ୍ପର୍କ ରକ୍ଷା କରିଛି। ଏପର୍ଯ୍ୟନ୍ତ ସମସ୍ତେ ସୁରକ୍ଷିତ ଅଛନ୍ତି ଓ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇନାହାନ୍ତି। ଘରୁ ବାହାରକୁ ବାହରିଲେ ଭାରତୀୟ ନାଗରିକମାନେ ବିପଦର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି।

# ବିଜୟଙ୍କୁ ସିବିଆଇର ୬ ଘଣ୍ଟା ଜେରା

ଚେନ୍ନଇ, ୧୨।୧(ଏଜେନ୍ସି): ସିବିଆଇ ସୋମବାର ତାମିଲ ଅଭିନେତା ତଥା ତାମିଲିଗା ଭେଟ୍ରୀ କାଝଗମ (ଟିଭିକେ) ପାର୍ଟି ମୁଖ୍ୟ ବିଜୟ ଥଲାପତିଙ୍କୁ ୬ ଘଣ୍ଟା ପଚରାଉଚରା କରିଛି। ବିଜୟ ସକାଳ ୧୧.୨୯ରେ କଡ଼ା ସୁରକ୍ଷା ବଳୟ ଭିତରେ ସିବିଆଇ ମୁଖ୍ୟ କାର୍ଯ୍ୟାଳୟ ପହଞ୍ଚିଥିଲେ ଓ ସନ୍ଧ୍ୟା ୬ଟାରେ ବାହରକୁ ବାହାରିଥିଲେ। କରୁର ଦଳଚକଟା ମାମଲାରେ ତାଙ୍କୁ ପଚରା ଉଚରା କରାଯାଇଥିଲେ। ତେବେ ଏହି ଘଟଣା ପାଇଁ ତାଙ୍କ ପାର୍ଟି ଦାୟୀ ନୁହେଁ ବୋଲି ସେ ସିବିଆଇକୁ ସ୍ପଷ୍ଟ କରିଥିଲେ। ଦଳାଚକଟା ଆଗକୁ ନ ବଢ଼ିବା ପାଇଁ ସେ ତୁରନ୍ତ ସେ ଜାଗା ଛାଡି ଚାଲିଯାଇଥିଲେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୫ ସେପ୍ଟେମ୍ବର ୨୭ରେ କରୁରରେ ବିଜୟଙ୍କ ରାଲିରେ ଦଳାଚକଟା ହୋଇଥିଲା। ଏଥିରେ ୪୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୬୦ରୁ ଅଧିକ ଲୋକ ଆହତ ହୋଇଥିଲେ। ବିଜୟଙ୍କୁ ପାଖରୁ ଦେଖିବା ପାଇଁ ଆବଶ୍ୟକତାଠାରୁ ଭିଡ଼ ଏକାଠି ହେବା କାରଣରୁ ଏହି ଘଟରା ଘଟିଥିଲା। ସେତେବେଳେ ଏହି ଘଟଣାକୁ ନେଇ ଦେଶ ସାରା ଚର୍ଚ୍ଚା ଚାଲିଥିଲା। ଏହାପୂର୍ବରୁ ସିବିଆଇ ଜାନୁଆରୀ ୬ରେ ବିଜୟଙ୍କ ସମନ ଜାରି କରିଥିଲା। ରାଲି ପାଇଁ ବିଜୟଙ୍କୁ ୧୦ ହଜାର ଲୋକଙ୍କ ପାଇଁ ଅନୁମତି ଥିଲା। ପ୍ରଶାସନ ୫୦ ଲୋକ ଏକାଠି ହେବେ ବୋଲି ଅନୁମାନ କରୁଥିଲା। କିନ୍ତୁ ୧ ଲକ୍ଷ ୨୦ ହଜାର ଲୋକ ଏକାଠି ହେବା ଫଳରେ ଦଳଚକଟା ସ୍ଥିତି ସୃଷ୍ଟି ହୋଇଥିଲା।



# ଆସନ୍ତାବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଭାରତରେ ଆମେରିକାର ନୂଆ ରାଷ୍ଟ୍ରଦୂତ ସର୍ଗିଓ ଗୋର ସୋମବାର ନୂଆଦିଲ୍ଲୀରେ ଦାୟିତ୍ୱ ସମ୍ଭାଳିଛନ୍ତି। ପଦ ସମ୍ଭାଳିବା ପରେ ସେ ଭାରତ ଓ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ନେଇ ସକାରାତ୍ମକ ବାର୍ତ୍ତା ଦେଇଛନ୍ତି। ଭାରତ ଅପେକ୍ଷା ଆମେରିକା ପାଇଁ କୌଣସି ଦେଶ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଦୁଇଦେଶ ଆସନ୍ତାକାଲି ଫୋନ୍ ମାଧ୍ୟମରେ ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଗୋର କହିଛନ୍ତି। ସେ ଏହି କ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଥିବା ବନ୍ଧୁତାକୁ ପ୍ରକୃତ ବୋଲି ବର୍ଣ୍ଣନା କରିଥିଲେ। ପ୍ରକୃତ ବନ୍ଧୁଙ୍କ ମଧ୍ୟରେ ମତଭେଦ ରହିଥାଏ, କିନ୍ତୁ ଶେଷରେ ସେମାନେ ସର୍ବଦା ସେମାନେ ମତଭେଦକୁ ଦୂର କରିବାରେ ସକ୍ଷମ ହୋଇଥାନ୍ତି। ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ସହଭାଗୀତାକୁ ପରବର୍ତ୍ତୀ ସ୍ତରକୁ ନେବା ଆମର ଲକ୍ଷ୍ୟ। ଆସନ୍ତାବର୍ଷ ଟ୍ରମ୍ପ ଭାରତ ଆସିପାରିନ୍ତି ବୋଲି ସେ କହିଛନ୍ତି।

ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ନେବା ପରେ ଗୋର ପ୍ରଥମେ 'ନମସ୍ତେ' ସହିତ ତାଙ୍କର ଭାଷଣ ଆରମ୍ଭ କରିଥିଲେ। ଭାରତରେ ଆମେରିକା ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ହେବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଥିଲେ। ସେ ଭାରତକୁ ଏକ ଅସାଧାରଣ ରାଷ୍ଟ୍ର ଭାବେ ବର୍ଣ୍ଣନା କରିଥିଲେ। ଭାରତରେ କାର୍ଯ୍ୟ କରିବା ନିଶ୍ଚିତ ଭାବେ ଏକ ସମ୍ମାନର ବିଷୟ। ଭାରତ ହେଉଛି ବିଶ୍ୱର ସର୍ବପୁରାତନ ଗଣତନ୍ତ୍ର ଓ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ସଂଗମ। ଭାରତ ଏକ ବଡ଼ ଦେଶ। ତେଣୁ ବାଣିଜ୍ୟ ନେଇ ଚୁକ୍ତି ପ୍ରକ୍ରିୟା ସେତେଟା ସହଜ ନୁହେଁ। କିନ୍ତୁ ଦୁଇ ଦେଶ ଏ ନେଇ ଚେଷ୍ଟିତ ଅଛନ୍ତି ବୋଲି ସେ କହିଛନ୍ତି। ଗୋରଙ୍କୁ ଭାରତର ରାଷ୍ଟ୍ରଦୂତ ଚୟନ କରିବାକୁ ଟ୍ରମ୍ପ ୭ ମାସ ସମୟ ନେଇଥିଲେ। ୨୦୨୫ ଜାନୁଆରୀରେ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପ ଗୋରଙ୍କୁ ଭାରତର ରାଷ୍ଟ୍ରଦୂତ ଭାବେ ମନୋନୀତ କରିଥିଲେ। ରାଷ୍ଟ୍ରପତି ନିର୍ବାଚନ ସମୟରେ ଟ୍ରମ୍ପଙ୍କ ପାଇଁ ଗୋର ପାଣ୍ଠି ସଂଗ୍ରହ କରିବାରେ ଆଗୁଆ ରହିଥିଲେ। ଗୋର ଟ୍ରମ୍ପଙ୍କ ପୁଅ ଜୁନିଅର ଟ୍ରମ୍ପଙ୍କ ବନ୍ଧୁ ଭାବେ ଜଣାଶୁଣା।



ସର୍ଗିଓ ଗୋର

# ଦିଲ୍ଲୀରେ ତାପମାତ୍ରା ୩.୨ ଡିଗ୍ରୀ

ନୂଆଦିଲ୍ଲୀ, ୧୨।୧(ଏଜେନ୍ସି): ଦିଲ୍ଲୀ ସମେତ ସାରା ଉତ୍ତର ଭାରତରେ ପ୍ରବଳ ଶୀତ ଓ ଥଣ୍ଡା ଜାରି ରହିଛି। ରାଜଧାନୀ ଦିଲ୍ଲୀରେ ଚଳିତ ଶୀତଋତୁରେ ପ୍ରଥମଥର ପାଇଁ ତାପମାତ୍ରା ୩ ଡିଗ୍ରୀ ତଳକୁ ଖସିଛି। ଆୟା ନଗରରେ ସର୍ବନିମ୍ନ ତାପମାତ୍ରା ୨.୯ ଡିଗ୍ରୀ ରେକର୍ଡ କରାଯାଇଛି। ପାଲମ ବିମାନ ବନ୍ଦରରେ ୧୩ ବର୍ଷ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ପୁରୁଣା ରେକର୍ଡ ଭାଙ୍ଗିଛି। ପ୍ରବଳ ଥଣ୍ଡା ପାଇଁ ସେହିପରି ନୋଏଡ଼ାରେ ଜାନୁଆରୀ ୧୫, ଗୋରଖପୁର- ଆଗ୍ରାରେ ୧୩, ମିରଟ୍‌ରେ ୧୨ ତାରିଖ ପର୍ଯ୍ୟନ୍ତ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ପାର୍ବତ୍ୟାଞ୍ଚଳରେ ତୁଷାରପାତ କାରଣରୁ ସାରା ଉତ୍ତର ଭାରତରେ କଡ଼ା ଥଣ୍ଡା ଅନୁଭୂତ ହେଉଛି। ରବିବାର ରାଜସ୍ଥାନରେ ବହୁ ଅଞ୍ଚଳରେ ତାପମାତ୍ରା ଶୂନ ଡିଗ୍ରୀକୁ ଖସିଛି। ଫତେପୁରରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୨ ଓ ନାଗୋରରେ ବିଯୁକ୍ତ ୧ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଉତ୍ତରାଖଣ୍ଡର ପିଥୋରାଗଡ଼, ଆଦି କୈଳାଶ, ରୁଦ୍ରପ୍ରୟାଗ ଓ କେଦାନାଥଧାମରେ ତାପମାତ୍ରା ବିଯୁକ୍ତ ୧୬ ଡିଗ୍ରୀରେ ପହଞ୍ଚିଛି। ମଧ୍ୟପ୍ରଦେଶରେ ଅଧିକାଂଶ ଜିଲ୍ଲାରେ ରାତିରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥିଲା। ସେହିପରି ବିହାରର ୫ଟି ଜିଲ୍ଲାରେ ସର୍ବନିମ୍ନ ତାପମାତ୍ର ୬ ଓ ୧୧ ଜିଲ୍ଲାରେ ୮ ଡିଗ୍ରୀଥିଲା ଏବଂ ୨୪ଟି ଜିଲ୍ଲାରେ ଘନ କୁହୁଡି ଦେଖିବାକୁ ମିଳିଥିଲା।

ସବୁଠାରୁ ଶୀତୁଆ ସକାଳ; ୧୩ ବର୍ଷର ରେକର୍ଡ ଭାଙ୍ଗିଲା



# ଥାନାରେ ପତ୍ନୀଙ୍କୁ ଗୁଳିକରି ହତ୍ୟା

ହରଦୋଇ, ୧୨।୧(ଏଜେନ୍ସି): ଉତ୍ତରପ୍ରଦେଶର ହରଦୋଇରେ ଜଣେ ପତି ଥାନା ଭିତରେ ହିଁ ନିଜ ପତ୍ନୀଙ୍କୁ ଗୁଳିକରି ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି। ପତ୍ନୀ ୫ ଦିନପୂର୍ବେ ନିଜ ପ୍ରେମକଙ୍କ ସହ ପଳାଇଯାଇଥିଲେ। ପୁଲିସ ରବିବାର ମହିଳା ଓ ତାଙ୍କ ପ୍ରେମିକଙ୍କୁ ଥାନାକୁ ଆଣିଥିଲେ ଓ ପତିଙ୍କୁ ଫୋନ କରି ସୂଚନା ଦେଇଥିଲେ। ସୋମବାର ସକାଳେ ୩୦ ବର୍ଷୀୟ ସୋନୀ ଜଳଖିଆ କରି ଥାନା ମେସ୍‌ରୁ ବାହରୁଥିବା ସମୟରେ ସ୍ୱାମୀ ଅନୁପ (୩୮) ସେଠାରେ ପହଞ୍ଚିଥିଲେ। ହଠାତ ସେ ପିସ୍ତଲ ବାହର କରି ସୋନୀଙ୍କୁ ଗୁଳି କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ। ଗୁଳି ତାଙ୍କ ଛାତିରେ ଏପଟରୁ ସେପଟକୁ ବାହରି ଯାଇଥିଲା। ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହି ସମୟରେ ଅନୁପ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ତାଙ୍କୁ ପୁଲିସ କର୍ମୀ ଧରି ପକାଇଥିଲେ। ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ପାଇଁ ପୁଲିସ ଅଧିକକ୍ଷ ସବ-ଇନିସପେକ୍ଟରଙ୍କ ସମେତ ଦୁଇଜଣଙ୍କୁ ନିଲମ୍ବିତ କରିଛନ୍ତି। ସହର ମୁଖ୍ୟାଳୟଠାରୁ ୫୦ କିମି ଦୂରରେ ଥିବା ପାଲି ଥାନାରେ ଏହି ଘଟଣା ଘଟିଛି। ସୋନୀ ଓ ଅନୁପ ୧୭ ବର୍ଷ ତଳେ ବିବାହ କରିଥିଲେ। ହରିୟାଣାର ଗୁରୁଗ୍ରାମରେ ଏକ କମ୍ପାନୀରେ ଚାକିରି କରୁଥିବା ବେଳେ ଅନୁପଙ୍କ ସୁରଜିତଙ୍କ ସହ ପରିଚୟ ହୋଇଥିଲା ଓ ଦୁହିଁଙ୍କ ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଥିଲା। କନ୍ତୁ ସୁରଜିତଙ୍କ ସହ ସୋନୀ ସମ୍ପର୍କ ସ୍ଥାପନ କରିଥିଲେ। ପୁଲିସଠାରୁ ସୂଚନା ପାଇବା ପରେ ରାତିସାରା ଶୋଇ ନଥିଲା ବୋଲି ଅନୁପ କହିଛନ୍ତି। ଶେଷରେ ସକାଳ ୪ଟାରେ ସୋନୀଙ୍କୁ ମାରିବାକୁ ନିଷ୍ପତ୍ତି ନେଇଥିଲି ବୋଲି ସେ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଚାଲିଛି।

ପ୍ରେମିକ ସହ ପଳାଇଯାଇଥିଲେ



# ଏକତରଫା ପ୍ରେମ; ଇଞ୍ଜିନିୟରଙ୍କୁ ହତ୍ୟା

ବେଙ୍ଗାଲୁରୁ, ୧୨।୧(ଏଜେନ୍ସି): ବେଙ୍ଗାଲୁରୁରେ ଜାନୁଆରୀ ୩ରେ ଜଣେ ସଫ୍ଟଓୟାର ଇଞ୍ଜିନିୟର ଶର୍ମିଳା ଡିକେ (୩୪)ଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଜଣେ ୧୮ ବର୍ଷୀୟ ପଡୋଶୀ ଯୁବକ କର୍ଣ୍ଣେଲ କୁରାଇଙ୍କୁ ପୁଲିସ ଗିରଫ କରିଛି ବୋଲି ରବିବାର ସୂଚନା ଦେଇଛି। ପୁଲିସ ପଚରାଉଚରା ପରେ ସେ ହତ୍ୟା କରିଥିବା ସ୍ୱୀକାର କରିଛି। ଶର୍ମିଳା ଅଭିଯୁକ୍ତ କୁରାଇଙ୍କ ସହ ଯୌନ ସମ୍ପର୍କ ରକ୍ଷା କରିବାକୁ ମନା କରିଥିଲେ। ଏଥିରେ ଉତକ୍ଷୀପ୍ତ ହୋଇ ସେ ଏହି କାଣ୍ଡ ଘଟାଇଥିଲା। ପୁଲିସର କହିବା ଅନୁଯାୟୀ ଜାନୁଆରୀ ରାତି ୩ ରାତି ପ୍ରାୟ ୧୦.୩୦ରେ ରାମମୂର୍ତ୍ତି ନଗରର ସୁବ୍ରମଣ୍ୟ ଲେଆଉଟରେ ଏକ ଭଡ଼ା ଆପାର୍ଟମେଣ୍ଟରେ ନିଆଁ ଲାଗିଥିଲା। ଅଗ୍ନିଶମ ବାହିନୀ ନିଆଁ ଲିଭାଇବା ସମୟରେ ଶର୍ମିଳାଙ୍କ ମୃତଦେହ ଶୋଇବା ଘରୁ ମିଳିଥିଲା। ପ୍ରାରମ୍ଭିକ ଭାବେ ଏହା ସର୍ଟ ସର୍କିଟ କାରଣରୁ ଘଟିଥିବା ସନ୍ଦେହ କରାଯାଇଥିଲା। କିନ୍ତୁ ଫରେନସିକ ଯାଞ୍ଚ ପରେ ମାମଲାଟି ସନ୍ଦେହଜନକ ବୋଲି ଜଣାପଡ଼ିଥିଲା। ପୁଲିସ ପଡୋଶୀ କୁରାଇକୁ ସନ୍ଦେହ କରିଥିଲା। କୁରାଇ ରାତି ୯ଟାରେ ସ୍ଲାଇଡିଂ ଝରକା ଜରିଆରେ ଫ୍ଲାଟ ଭିତରରେ ପ୍ରବେଶ କରିଥିଲା। ସେ ଶର୍ମିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହୁଁଥିଲା। କିନ୍ତୁ ଶର୍ମିଳା ପାଟି କରିଥିଲେ। ଏହାପରେ ଦୁହିଁଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ସେ ଶର୍ମିଳାକଙ୍କ ମୁହଁ ବନ୍ଦ କରିବାକୁ ଚେଷ୍ଟା କରିଥିଲା। ଫଳରେ ଶର୍ମିଳା ବେହୋସ ହୋଇଯାଇଥିଲେ। ଏହାପରେ ଅଭିଯୁକ୍ତ କୋଠରୀରେ ନିଆଁ ଲଗାଇ ଦେଇଥିଲା ଓ ତାଙ୍କ ମୋବାଇଲ ଫୋନ ନେଇ ସେଠାରୁ ପଳାଇଯାଇଥିଲା। ଶ୍ୱାସରୁଦ୍ଧ ହୋଇ ଶର୍ମିଳା ମୃତ୍ୟୁବରଣ କରିଛନ୍ତି ବୋଲି ପୁଲିସ କହିଛି। ଅଧିକ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

୧୮ ବର୍ଷୀୟ ପଡ଼ୋଶୀ ଗିରଫ



# ୩୬୨୩ କୋଟିରେ ହେବ ନୂଆ ଲୋକସେବା ଭବନ

■ ଭବିଷ୍ୟତକୁ ଦୃଷ୍ଟିରେ ରଖି ୩୦୦ ଆସନର ବିଧାନସଭା କକ୍ଷ
■ ଗୋଟିଏ ପରିସରରେ ବିଧାନସଭା ଓ ଲୋକସେବା ଭବନ
■ ୯୫୨ କୋଟିରେ ଜୟଦେବ ବିହାର-ନନ୍ଦନକାନନ ଏଲିଭେଟେଡ୍ କରିଡର

ଭୁବନେଶ୍ୱର,୧୨।୧(ସମିସ): ରାଜ୍ୟରେ ନିର୍ମାଣ କରାଯିବ ନୂଆ ଲୋକସେବା ଭବନ, ବିଧାନସଭାର ନୂତନ ଗୃହ। ମୋଟ୍ ୭୧.୧ ଏକର ଜମିରେ ଏହି କ୍ୟାମ୍ପସ ତିଆରି ହେବ। ଏହି ନୂତନ ଅତ୍ୟାଧୁନିକ ଲୋକସେବା ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୋମବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ



କହିଛନ୍ତି ୭୧.୧୩ ଏକର ଜାଗାରେ ଗୋଟିଏ କ୍ୟାମ୍ପସ ଭିତରେ ଲୋକସେବା ଭବନ ଓ ରାଜ୍ୟ ବିଧାନସଭା ରହିବ। ଡିଲିମିଟେସନକୁ ଦୃଷ୍ଟିରେ ରଖି ବିଧାନସଭାକୁ ୩୦୦ ଆସନ ବିଶିଷ୍ଟ କରାଯିବ। ଏଥିପାଇଁ ୩,୬୨୩ କୋଟି ଟଙ୍କା ବ୍ୟୟ ହେବ। ଏପରିକି ନୂଆଦିଲ୍ଲୀରେ ନବନିର୍ମିତ ସଂସଦ ଭବନ ସେଣ୍ଟ୍ରାଲ ଭିଷ୍ଟା ଢ଼ାଞ୍ଚାରେ ଲୋକସେବା ଭବନ ଓ ବିଧାନସଭା ନିର୍ମାଣ ହେବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି । ତେବେ କେଉଁ ସ୍ଥାନରେ ଏହି ନୂତନ ଲୋକସେବା ଭବନ ନିର୍ମାଣ ହେବ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପୂର୍ତ୍ତ ବିଭାଗ ମଧ୍ୟ ସ୍ଥାନ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ରାଜଧାନୀର କେନ୍ଦ୍ରସ୍ଥଳରେ ଏତେ ପରିମାଣର ଖାଲି ଜମି ନ ଥିବାରୁ ବର୍ତ୍ତମାନ ଲୋକସେବା ଭବନ ଓ ବିଧାନସଭାକୁ ଭାଙ୍ଗି ସେହି ସ୍ଥାନରେ ନୂତନ ନିର୍ମାଣ ହୋଇପାରେ ବୋଲି ସାଧାରଣରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

ଅନ୍ୟପକ୍ଷରେ ଭୁବନେଶ୍ୱର ପାଇଁ ଆଜି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଭିତ୍ତି ପଡ଼ିଛି। ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୯୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂଆ ଏଲିଭେଟେଡ୍ କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଜୟଦେବ ବିହାର ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକରେ ଚାରିଟି ଫ୍ଲାଏ-ଓଭର ନିର୍ମାଣ କରାଯିବ। ଏହାଦ୍ୱାରା ରାଜ୍ୟର ଏକ ଗହଳିପୂର୍ଣ୍ଣ ସଡକରେ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆସିବ ଏବଂ ଜନସାଧାରଣ କମ୍ ସମୟ ମଧ୍ୟରେ ସୁବିଧାରେ ଯିବାଆସିବା କରିପାରିବେ ବୋଲି ସରକାର ଆଶା ରଖିଛନ୍ତି। ଏହି ରାସ୍ତା ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କଳିଙ୍ଗ ଷ୍ଟାଡିୟମ୍ (ଗେଟ୍ ନଂ-୪)ଠାରୁ ରଘୁନାଥପୁର ବ୍ରିଜ୍ ପର୍ଯ୍ୟନ୍ତ ୯.୫ କିଲୋମିଟର ରାସ୍ତାର ଆଧୁନିକୀକରଣ କରାଯିବ। ବର୍ତ୍ତମାନର ୬-ଲେନ୍ ରାସ୍ତାକୁ ୮-ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରାଯିବ। ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି କଳିଙ୍ଗ ହସ୍ପିଟାଲ୍ ଛକ, ଡମଣା ଛକ, କିଟ୍ ଛକ ଏବଂ କଳାରାହାଙ୍ଗ ଜଙ୍କସନଠାରେ ୪-ଲେନ୍ ବିଶିଷ୍ଟ ଫ୍ଲାଏଓଭର ନିର୍ମାଣ କରାଯିବ। ସେହିପରି ଜୟଦେବ ବିହାର ଛକଠାରେ ଏନ୍ଏଚ୍-୧୬ ଉପରେ ଏକ ୧୯୦ ମିଟର ଲମ୍ବର ୪-ଲେନ୍ ବିଶିଷ୍ଟ କେବୁଲ୍-ଷ୍ଟେଡ୍ ବ୍ରିଜ୍ ନିର୍ମାଣ କରାଯିବ। ରାସ୍ତାର ଦୁଇ ପାର୍ଶ୍ୱରେ ପ୍ରାୟ ୧୭.୫ କିଲୋମିଟର ଲମ୍ବର ୫.୫ ମିଟର ଓସାର ବିଶିଷ୍ଟ ସର୍ଭିସ୍ ରୋଡ୍ ଏବଂ ୯ କିଲୋମିଟର ଲମ୍ବର ୭.୫ ମିଟର ଓସାର ବିଶିଷ୍ଟ ସ୍ଲିପ୍ ରୋଡ୍ ନିର୍ମାଣ କରାଯିବ। ସହରର ବିଭିନ୍ନ ପ୍ରମୁଖ ଛକ ଯେପରିକି - ଜୟଦେବ ବିହାର, ଜାଭିୟର୍ ଛକ, କଳିଙ୍ଗ ହସ୍ପିଟାଲ୍ ଛକ, କେୟାର୍ ହସ୍ପିଟାଲ୍ ଛକ, ଡମଣା ଛକ, ଇନଫୋସିଟି ଛକ, ଶିଶୁ ବିହାର ଜଙ୍କସନ, କିଟ୍ ଛକ ଏବଂ କଳାରାହାଙ୍ଗ ଜଙ୍କସନ୍ଠାରେ 'ଏଟ୍ ଗ୍ରେଡ୍' ରାଉଣ୍ଡଅବାଉଟ୍ (ଗୋଲେଇ) ଆକୃତିରେ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଚାଲିଛି ସଡ଼କ ସୁରକ୍ଷା ସପ୍ତାହ

# ଗଞ୍ଜାମରେ ଦୁର୍ଘଟଣା ନେଲା ୪ଜୀବନ

ବ୍ରହ୍ମପୁର/କବିସୂର୍ଯ୍ୟନଗର/ଶେରଗଡ଼, ୧୨।୧(ସମିସ): ସୋମବାର ଗଞ୍ଜାମ ଜିଲ୍ଲାରେ ପୃଥକ୍ ପୃଥକ୍ ଦୁର୍ଘଟଣାରେ ୪ ଜଣଙ୍କ ଜୀବନ ଯାଇଛି। ଏଥିରେ ଏକାଧିକ ଆହତ ମଧ୍ୟ ହୋଇଛନ୍ତି।

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ପଞ୍ଚାୟତର ବାଳକୃଷ୍ଣପୁର ଛକରେ ଏକ ବସ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ସୋନପୁର ଜିଲ୍ଲାର ବିନୟ କୁମାର ବିଶି (୫୫) ଓ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଅର୍ଥଘର ପଟଣାର ତେଜସ୍ୱିନୀ ରାୟ (୨୪)। ବିନୟ ଓ ତେଜସ୍ୱିନୀ ଗୋଟିଏ କମ୍ପାନୀରେ କାମ କରନ୍ତି। ଆଜି ମଧ୍ୟାହ୍ନରେ ଦୁହେଁ ଏକ ସ୍କୁଟିରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଦିଗପହଣ୍ଡି ଅଭିମୁଖେ ଆସୁଥିବା ଏକ ବସ୍ ବାଳକୃଷ୍ଣପୁର ଛକରେ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିନୟଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ତେଜସ୍ୱିନୀଙ୍କୁ ଏମ୍କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।



■ ବାଳକୃଷ୍ଣପୁର ଛକରେ ଯାତ୍ରୀବାହୀ ବସ୍ ଧକ୍କାରେ ୨ ମୃତ
■ ଆଠଗଡ଼ପାଟଣାରେ ଟ୍ରାକ୍ଟର ଓଲଟି ଜଣେ ମୃତ
■ ମୃତକଙ୍କ ପରିବାରକୁ ଭେଟି ଫେରିବା ବେଳେ ଜଣେ ମୃତ

ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବସ୍ ଚାଳକଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପୁଲିସ ବୁଝାସୁଝା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

ଅନ୍ୟ ଏକ ଦୁର୍ଘଟଣା କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା ନିକଟରେ ଘଟିଛି। ଇଲେକ୍ଟ୍ରି ଖୁଣ୍ଟ ସହ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର୍ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ, ଟିକରପଡ଼ା ଅଞ୍ଚଳର ଶିବ ଦାସ। ଗୁରୁତରମାନଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ସେହିଭଳି, ବନ୍ଧାଗୁଡା ପଞ୍ଚାୟତ ବି.ଚିକିଲି ଛକଠାରେ ଡାଲାଅଟୋ ଓଲଟି ପଡ଼ିବାରୁ ଅଟୋରେ ବସିଥିବା ୧୪ଜଣ ମହିଳା ଛିଟିକି ପଡ଼ିଥିଲେ। ସମସ୍ତଙ୍କୁ ଶେରଗଡ଼ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ରୋହିଗାଁର ଉଲ୍ଲା ବିଷୋୟୀଙ୍କ ସ୍ତ୍ରୀ ସାରସ୍ୱ ବିଷୋୟୀ (୬୫)ଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାରେ ରଜନୀ ଜେନା, ଅମୂଲ୍ୟ ଜେନା, ଗାୟତ୍ରୀ ଜେନା, ଆରତୀ ଜେନା, ବଙ୍ଗାଳି ଜେନା, ଝୁମ୍ପା ଜେନା ଗୁରୁତର ହୋଇଛନ୍ତି। ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏମାନେ ସମସ୍ତେ ଗତକାଲି ଖିରିଡା ପଞ୍ଚାୟତ ହାଡ଼ିଚିରା ଗ୍ରାମକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଏହି ଅଘଟଣ ଘଟିଥିଲା।

ଗୋଟିଏପଟେ, ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଲୋକଙ୍କୁ ଦୁର୍ଘଟଣା ପ୍ରତି ସଚେତନ କରାଯାଉଥିବା ବେଳେ ଅନ୍ୟପଟେ ଦୁର୍ଘଟଣା ଗୋଟିଏ ପରେ ଗୋଟିଏ ଜୀବନ ନେଇ ଚାଲିଛି। ତେଣୁ ସରକାରଙ୍କ ସଡ଼କ ସୁରକ୍ଷା ସପ୍ତାହ ଖାଲି ପ୍ରହସନ ବୋଲି ଅଭିଯୋଗ ହେଉଛି।

## ହାତୀ ଆକ୍ରମଣରେ ମହିଳା ମୃତ

ଅନୁଗୋଳ,୧୨।୧(ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଶଙ୍ଖପୁର ଗ୍ରାମର ଡିହପଦା ସାହିରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଶଙ୍ଖପୁରର ଇଚ୍ଛା ଦେହୁରୀ (୭୦)। ସୋମବାର ସକାଳେ ସେ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଇଚ୍ଛାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ହାତୀଟିକୁ ଘଉଡ଼ାଇବା ସହ ଗୁରୁତର ଇଚ୍ଛାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନବୀନଙ୍କୁ ଭେଟିଲେ ୧୦ ବିଧାୟକ



## ଲୋକ ସମ୍ପର୍କ ସହ ସଙ୍ଗଠନକୁ ଦୃଢ଼ କରିବାକୁ ନବୀନଙ୍କ ପରାମର୍ଶ

ଭୁବନେଶ୍ୱର,୧୨।୧(ସମିସ): ସୋମବାର ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ବିଜେଡିର ୧୦ ଜଣ ବିଧାୟକ ସାକ୍ଷାତ କରିଛନ୍ତି । ଏହି ଅବସରରେ ସେମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ଓ ସଂଗଠନ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜଭୁତ କରିବା ସହ ଲୋକଙ୍କ ସହ ସିଧା ସଳଖ ସମ୍ପର୍କ ରଖିବା ପାଇଁ ନବୀନ ସେମାନଙ୍କୁ ପରାମର୍ଶ ଦେଇଛନ୍ତି।

ସାକ୍ଷାତ ସମୟରେ ନବୀନ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ପଚାରି ବୁଝିବା ସହ ଲୋକଙ୍କ ସୁବିଧା ଅସୁବିଧାକୁ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏହା ସହିତ ବିଧାୟକମାନଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଶ୍ରୀ ପଟ୍ଟନାୟକ ପଚାରି ବୁଝିଥିଲେ। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ବିଧାୟକ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଧାୟିକା ପ୍ରମିଳା ମଲ୍ଲିକ,ବିଧାୟିକା ସୁଜାତା ସାହୁ,ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ତୁଷାରକାନ୍ତି ବେହେରା, ନବ ମଲ୍ଲିକ, ସାରଦା ଜେନା ଓ ରମାକାନ୍ତ ଭୋଇ ପ୍ରମୁଖ ନବୀନଙ୍କୁ ଭେଟିଛନ୍ତି ।

## 'ସୁଶାସନ'ରେ ସାମିଲ ହେଲା ସଡ଼କ ସୁରକ୍ଷା

# ୧୪ଟି ନୂତନ ଅଟଳ ବସ୍ଷ୍ଟାଣ୍ଡ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨।୧ (ସମିସ): ଓଡ଼ିଶା ସରକାର ସଡ଼କ ସୁରକ୍ଷାକୁ ସୁ-ଶାସନର ଏକ ଅଂଶ ଭାବେ ଗ୍ରହଣ କରିଛନ୍ତି। ଏହାଦ୍ୱାରା ସରକାରୀ ଅଧିକାରୀମାନେ ସଡ଼କ ସୁରକ୍ଷା ଉପରେ ଅଧିକ ସତର୍କ ରହିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହାକୁ ଭିତ୍ତି କରି ରାଜ୍ୟରେ ଆଜିଠାରୁ 'ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ସମ୍ମାନ' ଘୋଷଣା ହୋଇଛି।

ସୋମବାର ଲୋକସେବାଭବନ ସମ୍ମିଳନୀ କକ୍ଷରେ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ସମସ୍ତ ଜିଲ୍ଲା, ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ସଡ଼କ ସୁରକ୍ଷା କ୍ଷେତ୍ରରେ ନେଇଥିବା ପଦକ୍ଷେପକୁ ଭିତ୍ତି କରି ସମ୍ମାନିତ କରାଯିବ। ଯେଉଁ ଜିଲ୍ଲାଗୁଡ଼ିକ ଭଲ ପ୍ରଦର୍ଶନ କରିବେ, ସେମାନେ ପୁରସ୍କାର ପାଇବେ ଏବଂ ଯେଉଁମାନଙ୍କ ପ୍ରଦର୍ଶନ ଖରାପ ହେବ, ସେମାନଙ୍କୁ ଉତ୍ତରଦାୟୀ କରାଯିବ। ସେହିପରି ବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ସଡ଼କ ସୁରକ୍ଷା ପାଇଁ ଗ୍ରହଣ କରିଥିବା ଉତ୍ତମ ପଦକ୍ଷେପ ଭିତ୍ତିରେ

■ ୪୬କୋଟି ଟଙ୍କାରେ ୧୦୦ଟି ନୂତନ ବସ୍ ସାମିଲ୍
■ ଭୁବନେଶ୍ୱରରେ ୧୫ଟି ଚାର୍ଜିଂ ଷ୍ଟେସନ୍ ଉଦ୍ଘାଟିତ
■ କଳିଙ୍ଗା ଘାଟିରେ ଲାଗିଲା 'ସତର୍କ ସୂଚନା ଘଣ୍ଟି'
■ 'ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ସମ୍ମାନ' ଆରମ୍ଭ

ପୁରସ୍କାର ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଆଜି ୧୪ଟି ନୂତନ ଅଟଳ ବସ୍ଷ୍ଟାଣ୍ଡକୁ ଲୋକାର୍ପଣ କରିଛନ୍ତି। ୧୫୬.୫୩ କୋଟି ଟଙ୍କା ବ୍ୟୟରେ ଏହି ବସ୍ଷ୍ଟାଣ୍ଡଗୁଡ଼ିକ ରାଜ୍ୟର ୧୦ଟି ଜିଲ୍ଲାରେ ନିର୍ମିତ ହୋଇଛି। ପୂର୍ବରୁ ୫୫ଟି ଅଟଳ ବସ୍ଷ୍ଟାଣ୍ଡ ଲୋକାର୍ପିତ ହୋଇଛି। ଏହାସହ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୬ କୋଟି ଟଙ୍କା ମୂଲ୍ୟର ୧୦୦ଟି ନୂତନ ବିଏସ୍-୬ ମାନର ଆଧୁନିକ ବସ୍ ଚଳାଚଳର ଶୁଭାରମ୍ଭ କରାଯାଇଛି। ନିଗମର ପୁରୁଣା ବସ୍ ବଦଳରେ ଏହି ସବୁ ପରିବେଶ ଅନୁକୂଳ ଅତ୍ୟାଧୁନିକ ନୂଆ ବସ୍ କିଣାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପରିବହନ ନିଗମ ପକ୍ଷରୁ ପରିଚାଳିତ ବସ୍ଗୁଡ଼ିକ ପାଇଁ ସ୍ମାର୍ଟକାର୍ଡ ବ୍ୟବସ୍ଥା ମଧ୍ୟ ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁରଠାରେ ଅତ୍ୟାଧୁନିକ ବସ୍ ଡିପୋରୁ ୨୫ଟି ନୂତନ ଇ-ବସ୍ ଚଳାଚଳର ମଧ୍ୟ ଶୁଭାରମ୍ଭ ହୋଇଥିଲା।

ଏହାବ୍ୟତୀତ, କଳିଙ୍ଗା ଘାଟିରେ ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସୂଚନା ଘଣ୍ଟିର ଶୁଭ ଉଦ୍ଘାଟନ କରିଥିଲେ। ଏହି ବ୍ୟବସ୍ଥାରେ ଘାଟିର ଉଭୟ ପଟୁ ଗାଡ଼ି ଆସୁଥିଲେ ସାଇରନ ବାଜି ସତର୍କ କରାଇବ। ଏହା ଏକ ପାଇଲଟ୍-ପ୍ରକଳ୍ପ ଭାବେ ଆରମ୍ଭ କରାଯାଇଛି। ସଫଳ ହେଲେ ଅନ୍ୟ ଘାଟି ରାସ୍ତାରେ କାର୍ଯ୍ୟକ୍ଷମ ହେବ। ସେହିପରି କଟକ-ଭୁବନେଶ୍ୱରର ଟ୍ୱିନସିଟିରେ ଉନ୍ନତ ଟ୍ରାଫିକ ପରିଚାଳନା ପାଇଁ ଆଇଆଇଟି ଖଡ଼ଗପୁର ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଚାର୍ଜିଂ ଷ୍ଟେସନ୍ର ମଧ୍ୟ ଆବଶ୍ୟକତା ରହିଛି। ଆଜି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୧୫ଟି ଚାର୍ଜିଂ ଷ୍ଟେସନ୍ର ଲୋକାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ଜଣ ମହିଳା ଗାଡ଼ି ଚାଳକମାନଙ୍କୁ ଗାଡ଼ି ଚାବି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଶିକ୍ଷାରୁ ସୁରକ୍ଷା ଏବଂ ଟେକ୍ନୋଲୋଜିର ପରିବର୍ତ୍ତନ ଧାରାରେ ଆମେ ସଡ଼କ ଦୁର୍ଘଟଣାକୁ ରୋକିପାରିବା।

# ୪୬ ଅଧିକାରୀ ଓ କର୍ମଚାରୀ ପାଇଲେ ପୁଲିସ ମହାନିର୍ଦ୍ଦେଶକ ପଦକ



କଟକ, ୧୨।୧(ସମିସ): ଓଡ଼ିଶା ପୁଲିସରେ କର୍ତ୍ତବ୍ୟରତ ୪୬ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ପୁଲିସ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। କଟକସ୍ଥିତ ଆର.କେ. ପାଢ଼ୀ ମେମୋରିଆଲ ହଲ୍ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ୪୬ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ନିମନ୍ତେ ସେମାନଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ।

ପଦକ ପାଇଥିବା ପ୍ରମୁଖଙ୍କ ମଧ୍ୟରେ ଆଇଜି (କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ରାୟଗଡା ଏସପି ସ୍ୱସ୍ତି ଏସ. କୁମାର, କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା, ଝାରସୁଗୁଡା ଏସପି ଗୁଣ୍ଡଲା ରେଡ୍ଡୀ ରାଘବେନ୍ଦ୍ର, କନ୍ଧମାଳ ଏସପି ହରୀଶ ବି.ସି, ଗଜପତି ଏସ୍ପି ଯତୀନ୍ଦ୍ର କୁମାର ପଣ୍ଡା, କମାଣ୍ଡାଣ୍ଟ ପ୍ରଫୁଲ୍ଲ କୁମାର ସିଂହଙ୍କ ସହ ୩ଜଣ ଅତିରିକ୍ତ ଏସପି, ୫ଜଣ ଡିଏସ୍ପି, ୫ଜଣ ଇନ୍ସପେକ୍ଟର୍, ୭ଜଣ ସବ୍-ଇନ୍ସପେକ୍ଟର୍, ୫ଜଣ ଆସିଷ୍ଟାଣ୍ଟ ସବ୍-ଇନ୍ସପେକ୍ଟର୍, ୫ଜଣ ହାବିଲଦାର ଓ ୯ଜଣ କନଷ୍ଟେବଲ/ଓଏପିଏଫ/ସିପାହୀ ଅନ୍ତର୍ଭୁକ୍ତ ଥିଲେ। ଏହି ଅବସରରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଗୁଇନ୍ଦା ନିର୍ଦ୍ଦେଶକ ଆର.ପି. କୋଚେଙ୍କ ସମେତ ଅନେକ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା।

# ମକରରେ ଦଶମ ବିଦ୍ୟାର୍ଥୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ଛୁଟି ବାତିଲ

■ ବାରିପଦା ଉପଖଣ୍ଡ ପିଲାଙ୍କୁ ଶିକ୍ଷାଦାନ ପାଇଁ ଆଇଟିଡିଏ ପିଏଙ୍କ ନିର୍ଦ୍ଦେଶ
■ କୁହୁଳୁଛି ଅସନ୍ତୋଷ

ବାରିପଦା, ୧୨।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ହୋଇଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ହଷ୍ଟେଲରେ ରହି ପଢୁଥିବା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଛୁଟି ବାତିଲ କରାଯାଇଛି। ଏଥିସହ ଛୁଟି ସମୟରେ ସେମାନଙ୍କୁ ଶିକ୍ଷାଦାନ ପାଇଁ ବାରିପଦା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାକୁ ନେଇ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲ୍ଲାର ପରମ୍ପରା ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପରିବାରରେ ଏହି ପର୍ବ ସମସ୍ତ ସଦସ୍ୟ ଏକତ୍ର ପାଳନ କରିଥା'ନ୍ତି। ସକାଳେ ମକର ବୁଡ଼ ପକାଇ ନିଆଁପୁହାଁଠାରୁ ପିଠାପଣା, ମାଛମାଂସ ପ୍ରତ୍ୟେକ ଘରେ ହୋଇଥାଏ। ଏପରି ସ୍ଥଳେ ହଷ୍ଟେଲରେ ପିଲାଙ୍କୁ ଅଟକ ରଖିବା ପରମ୍ପରାକୁ ଅସମ୍ମାନ ସଦୃଶ୍ୟ ହୋଇଛି। ରାଜ୍ୟ ସରକାର ୧୪ ତାରିଖ ଛୁଟି ସହ ୧୫ତାରିଖକୁ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଛୁଟି ଅନୁମୋଦନ କରିଥିବା ବେଳେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ନିର୍ଦ୍ଦେଶନାମା ଅସନ୍ତୋଷ ସୃଷ୍ଟି କରିଛି।

# ସମୂହ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

## ଛୁଟି ପୂର୍ବରୁ ସଚିବଙ୍କୁ ଦେବେ ବସ୍ତା ଭର୍ତ୍ତି ଦରଖାସ୍ତ

ଭୁବନେଶ୍ୱର, ୧୨।୧(ସମିସ): ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ପ୍ରାଥମିକ ଶିକ୍ଷକଙ୍କ ଦାବି ସରକାର ପୂରଣ କରୁ ନାହାଁନ୍ତି। ଏକାଧିକ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇ ମଧ୍ୟ ବିଳମ୍ବିତ କରୁଛନ୍ତି। ଏଣୁ ଜାନୁଆରୀ ଶେଷ ସୁଦ୍ଧା ଶିକ୍ଷକଙ୍କ ସମସ୍ତ ଦାବିକୁ ସରକାର ପୂରଣ ନକଲେ ଫେବୃଆରୀ ପହିଲାରୁ ସମୂହ ଭାବେ ଛୁଟିରେ ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ରବିବାର ଅନୁଷ୍ଠିତ ରାଜ୍ୟ ଷ୍ଟିଅରିଂ କମିଟି ସଦସ୍ୟ ଓ ଜିଲ୍ଲା ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି। ସେମାନଙ୍କ ଏକାଧିକ ଦାବିକୁ ପୂରଣ ପାଇଁ ପ୍ରକ୍ରିୟା ଓ ସରକାରଙ୍କ ଆନ୍ତରିକତା ସମ୍ପର୍କରେ ଆଲୋଚନା ଓ ସମୀକ୍ଷା କରିଛନ୍ତି। ସରକାର ଦାବି ପୂରଣ କରିବା ବଦଳରେ ଏକ କମିଟି ଗଢ଼ି କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବାରୁ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏଣୁ ରାଜ୍ୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ କାର୍ଯ୍ୟରତ ଲକ୍ଷଲକ୍ଷ ଶିକ୍ଷକ ସେମାନଙ୍କ ଜିଲ୍ଲା ସଭାପତି ଓ ସମ୍ପାଦକଙ୍କ ମାଧ୍ୟମରେ ଦୁଇଟି ଛୁଟି ଦରଖାସ୍ତ ପ୍ରଦାନ କରିବେ। ତନ୍ମଧ୍ୟରୁ ଗୋଟିଏ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ଏବଂ ଅନ୍ୟଟି ଶିକ୍ଷା ବିଭାଗ ସଚିବଙ୍କୁ ପ୍ରଦାନ କରିବେ। ଜାନୁଆରୀ ଶେଷ ସପ୍ତାହରେ ବିଇଓଙ୍କୁ ଏବଂ ଫେବୃଆରୀ ପହିଲାରେ ସମସ୍ତ ଦରଖାସ୍ତକୁ ବସ୍ତାରେ ଭର୍ତ୍ତି କରି ସଚିବଙ୍କୁ ପ୍ରଦାନ କରିବେ। ଏହା ସହିତ ସମୂହ ଛୁଟି ସମ୍ପର୍କରେ ସେହିଦିନ ଘୋଷଣା କରାଯିବ ବୋଲି ମହାସଂଘର ଆବାହକ ରାମଲାଲ ପଟେଲ କହିଛନ୍ତି।

ଶିକ୍ଷକଙ୍କ ଏହି ନିଷ୍ପତ୍ତି ଅଭିଭାବକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ପରୀକ୍ଷା ପୂର୍ବରୁ ଶିକ୍ଷକମାନେ ଆନ୍ଦୋଳନ କଲେ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ପ୍ରଭାବିତ ହେବାର ଆଶଙ୍କା କରୁଛନ୍ତି। ଅପରପକ୍ଷରେ ଶିକ୍ଷକଙ୍କ ନିଷ୍ପତ୍ତିରେ ସରକାର ମଧ୍ୟ ଅଡ଼ୁଆରେ ପଡ଼ିବାର ଆଶଙ୍କା ଅଧିକ ରହିଛି। ସାରା ରାଜ୍ୟରେ ଶିକ୍ଷାଦାନ ଠପ୍ ହୋଇଗଲେ ଛାତ୍ରଛାତ୍ରୀ ଓ ଅଭିଭାବକ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇ ପାରନ୍ତି। ଏଣେ ଶିକ୍ଷକମାନେ ସେମାନଙ୍କ ଦାବି ପୂରଣ ପାଇଁ ଚୂଡ଼ାନ୍ତ ଲଢ଼େଇ ଲଢ଼ିବାକୁ ପ୍ରସ୍ତୁତିକୁ ଜୋରଦାର କରୁଛନ୍ତି। ଏହି ବୈଠକରେ ମହାସଂଘର ସମସ୍ତ ଜିଲ୍ଲା ସଭାପତି ସମେତ ବ୍ଲକ୍ ସ୍ତରୀୟ ଶିକ୍ଷକ ନେତୃତ୍ୱ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

## ଦୁର୍ଘଟଣାରେ ଦୁଇ ଭାଇ ମୃତ

ଗୁଣୁପୁର,୧୨।୧(ସମିସ): ଗୁଣୁପୁର ସହର ନିକଟସ୍ଥ ଲିମାମଡ଼ା ଗ୍ରାମ ମୁଖ୍ୟ ରାସ୍ତାରେ ଗତ ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଦୁଇ ସମ୍ପର୍କୀୟ ଭାଇଙ୍କର ଅକାଳ ବିୟୋଗ ଘଟିଛି। ମୃତକ ଦୁଇ ଭାଇ ହେଲେ ଗୁଡାରି ବ୍ଲକ୍ କଦମା ପଞ୍ଚାୟତ ନିଲାଗୁଡା ଗ୍ରାମର ମୁନା କିମ୍ବାକା (୨୪) ଏବଂ କ୍ରିଷ୍ଣା କିମ୍ବାକା(୨୧)। ସୂଚନା ଅନୁଯାୟୀ, ମୁନା ଓ କ୍ରିଷ୍ଣା କୌଣସ କାମରେ ଗୁଣୁପୁର ଆସିଥିଲେ। କାମ ସାରି ବିଳମ୍ବିତ ରାତିରେ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଲିମାମଡା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ସହ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା।




# ଯାଜପୁରର ପ୍ରମୁଖ ପ୍ରକଳ୍ପ ଆଭାସୀରେ ଉଦ୍‌ଘାଟିତ

ଯାଜପୁର,୧୨।୧(ସମିସ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଯାଜପୁର ଜିଲ୍ଲା ପୂର୍ତ୍ତ ବିଭାଗର ତିନୋଟି ପ୍ରମୁଖ ପ୍ରକଳ୍ପର ଲୋକାର୍ପଣ କରିବା ସହ ଅନ୍ୟ ତିନୋଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,



ଯାଜପୁରରେ ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କୋମଲ୍ କୁମାର ସ୍ୱାଇଁ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ବୈତରଣୀ ନଦୀ ଉପରେ ଲାଲବାଗ ପାଖ କିଲାଘାଟ-ବେହେରାପାଟଣା ସଂଲଗ୍ନ ସୁଉଚ୍ଚ ସେତୁ ନିର୍ମାଣ, ବନ୍ଧାଲୋ- ଏଣ୍ଡରପଦା ୬.୮ କିମି ରାସ୍ତାର ଉନ୍ନତୀକରଣ, ପ୍ରଶସ୍ତୀକରଣ, କପିଳାଦେଇ ମଳିଆ ବଳଭଦ୍ରପୁର ୧୫.୭ କିମି ରାସ୍ତାର ଉନ୍ନତୀକରଣ, ପାଣିକୋଇଲିରୁ ରଗଡ଼ି ୧୯ କିମି ରାସ୍ତାର ଉନ୍ନତୀକରଣ ପ୍ରକଳ୍ପର ଉଦଘାଟନ କରାଯାଇଛି। ଯାଜପୁର ଓ ପାଣିକୋଇଲି ରାସ୍ତା ଓ କୋଠାବାଡ଼ି ଡିଭିଜନରେ ମୋଟ ୭୨ କୋଟି ଟଙ୍କା ବ୍ୟୟରେ ଉଦଘାଟନ ହୋଇଥିବା ତିନୋଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି ଏବଂ ୧୧୨ କୋଟି ଟଙ୍କାର ଅନ୍ୟ ତିନୋଟି ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିଛନ୍ତି। ଏହାସହ ଓଡ଼ିଶା ରାଜ୍ୟ ଆଞ୍ଚଳିକ ପରିବହନ ନିଗମ ପକ୍ଷରୁ ଦଶରଥପୁର ବ୍ଲକରେ ମୋଟ ୧୧ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମଙ୍ଗଳପୁର-କନିକାପଡ଼ା ଅଟଳ ବସ୍‌ଷ୍ଟାଣ୍ଡ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଯାଜପୁର ବିଧାୟିକା ସୁଜାତା ସାହୁ, ଓଏସଆରଟିସି ଜିଲ୍ଲା ପରିଚାଳକ ଅମଲେଶ ସିହ୍ନା, ବ୍ଲକ ଅଧ୍ୟକ୍ଷ ଏବଂ ଜିଲ୍ଲା ପରିଷଦ ସଦସ୍ୟ ଯୋଗ ଦେଇଥିଲେ। ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁରରେ ଷ୍ଟାଫ କ୍ୱାର୍ଟର ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ।

## ଉଦ୍‌ଘାଟିତ ହେଲା ମଙ୍ଗଳପୁର- କନିକାପଡା ବସଷ୍ଟାଣ୍ଡ



ମଙ୍ଗଳପୁର,୧୨।୧(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥ ମଙ୍ଗଳପୁର-କନିକାପଡ଼ା ବସ୍‌ଷ୍ଟାଣ୍ଡଟିକୁ ଅଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ବିଧାୟିକା ସୁଜାତା ସାହୁ, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ତହସିଲଦାର ଶୁଭ୍ରାଂଶୁ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ମଙ୍ଗଳପୁର ପଞ୍ଚାୟତର ସମିତିସଭ୍ୟା ସରିତା ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବସ୍‌ଷ୍ଟାଣ୍ଡର ନାମ ପରିବର୍ତ୍ତନକୁ ନେଇ କଂଗ୍ରେସ ପକ୍ଷରୁ ରବିବାର ଉତ୍ସବ ମନାଯାଇଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ବିଜେଡି ସରକାର ସମୟରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଉଦ୍ୟମରେ ମଙ୍ଗଳପୁର ଠାରେ ଏଭଳି ଅତ୍ୟାଧୁନିକ ମଡେଲ ବସଷ୍ଟାଣ୍ଡ ନିର୍ମାଣ ହୋଇ ଆଜି ଉଦ୍‌ଘାଟନ ହୋଇଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସଙ୍କୁ ଦଶରଥପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଧନ୍ୟବାଦ ଦେବା ଶହ ବିଭିନ୍ନ ସ୍ଥାନରେ ଧନ୍ୟବାଦ ତୋରଣ ଲଗାଯାଇଥିବା ଦେଖିବା ପାଇଁ ମିଳିଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଧିକାରୀ ମାନେ ଉପସ୍ଥିତ ଥିବା ବେଳେ ଶତାଧିକ ମହିଳା ମାନେ ଉପସ୍ଥିତ ଥିଲେ।

## ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତିଙ୍କୁ ମା'ବିରଜା ସମ୍ମାନ

ଯାଜପୁର,୧୨।୧(ସମିସ): ଯାଜପୁରର ଜିଲ୍ଲା ଅଗ୍ରଣୀ ଅନୁଷ୍ଠାନ ମା' ଯଶୋଦା ପରିଷଦ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହଭାଗିତାରେ ରାଜ୍ୟସ୍ତରୀୟ ଶିଶିର ମହୋତ୍ସବ ଓ ଶିଶିର ସମ୍ମାନ ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗୀତ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗୀତଜ୍ଞ ଦିନେଶ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ଡ. ତ୍ରିଲୋଚନ ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ନାଟ୍ୟକାର ସାର୍ ନଟବାର ଦାସ ଯୋଗଦେଇ କଳା ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ମଧ୍ୟରେ ସମାଜସେବୀ ନାରାୟଣ ପତି ଓ ମୋହନ ଚରଣ ପଣ୍ଡା ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦଶଟି ଜିଲ୍ଲାର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିନୟ ଏବଂ ସମାଜସେବା କ୍ଷେତ୍ରରେ ଯାଜପୁର ସପନପୁର ନିବାସୀ ତଥା ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ରଙ୍କୁ ମା'ବିରଜା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନିରାକାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟଙ୍କୁ ଶୀତବସ୍ତ୍ର ଦେବାକୁ ଦାବି

ରଗଡି,୧୨।୧(ସମିସ): ସାରା ରାଜ୍ୟ ବର୍ତ୍ତମାନ ଶୀତ ପ୍ରକୋପରେ ଥରୁଛି। ଗରିବ ଅସହାୟ ଲୋକ ଏଥିରେ ଅଧିକ ପ୍ରଭାବିତ ହୋଇଛନ୍ତି। ବିଶେଷ କରି ଯେଉଁମାନେ ସହର ବଜାରରେ ଯାଯାବର ଭାବେ ଜୀବନ ବିତାଉଛନ୍ତି ସେମାନଙ୍କୁ ଶୀତ ଅସ୍ତବ୍ୟସ୍ତ କରିଛି। ଏହାକୁ ଦୃଷ୍ଟିରେ ରଖି ସରକାର ସେମାନଙ୍କ ପାଇଁ ଶୀତବସ୍ତ୍ରର ବ୍ୟବସ୍ଥା କରିବାକୁ କୋରେଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଭିକାରୀ ବରାଳ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ ସେ ନବନିଯୁକ୍ତ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଟେଲିଫୋନରେ କଥା ହୋଇଥିବା କହିଛନ୍ତି। ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଶ୍ରୀମତୀ ଗର୍ଗ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ବରାଳ ଜଣାଇଛନ୍ତି। ଏଥିସହିତ ସେ ବିରୋଧୀ ଦଳ ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ସେ ମଧ୍ୟ ଏକଥାକୁ ସରକାରଙ୍କ ଦୃଷ୍ଟିକୁ ଆଣିବେ ବୋଲି କହିଥିବା ଶ୍ରୀ ବରାଳ କହିଛନ୍ତି। ଗରିବ ଅସହାୟଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କରିଥିବା ବେଳେ ଶୀତରେ କଷ୍ଟ ପାଉଥିବା ଲୋକଙ୍କୁ ଶୀତବସ୍ତ୍ର ଦେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି।

## ଶିକ୍ଷାବିତଙ୍କ ପରଲୋକ



ଦାନଗଦି,୧୨।୧(ସମିସ): ବର୍ଷିୟାନ୍ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଜେନା (୮୩)ଙ୍କର ରାଛିପୁରସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି। ସେ ବ୍ରାହ୍ମଣୀଦେବୀ ହାଇସ୍କୁଲରୁ ପ୍ରଧାନଶିକ୍ଷକ ଭାବେ ଅବସର ନେଇଥିଲେ। ସେ ଜିଲ୍ଲା ତଥା ଜିଲ୍ଲା ବାହାରେ ବିଭିନ୍ନ ସ୍ଥାନରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରି ଛାତ୍ର ମହଲରେ ବେଶ୍ ଆଦରଣୀୟ ଥିଲେ।

ଗତ କିଛିଦିନ ହେବ ଗୁରୁତର ଅସୁସ୍ଥ ଥାଇ କଟକ ଏବଂ ଭୁବନେଶ୍ୱରରେ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ନିକଟରେ ସେ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଗତକାଲି ରାତିରେ ତାଙ୍କ ବାସଭବନରେହିଁ ଶଯ୍ୟାଶାୟୀ ଅବସ୍ଥାରେ ପ୍ରାଣବାୟୁ ଉଡିଯାଇଥିଲା। ଗାଁ ଶ୍ମଶାନରେ ବଡ଼ପୁଅ ରଣଜିତ୍ ମୁଖାଗ୍ନି ଦେଇଥିଲେ। ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁକିନ୍ଦା, ଦାନଗଦି, କୋରେଇ, ବ୍ୟାସନଗର, ରାଛିପୁର ସମେତ ଆଖପାଖ ଅଞ୍ଚଳର ତରୁଣ ଦାସ, ବାବାଜୀ ଚରଣ ମଲ୍ଲିକ, ରବୀନ୍ଦ୍ର ରାଉତ, ବରିଷ୍ଠ ସାମ୍ବାଦିକ ସୁଜିତ୍ କୁମାର ମଲ୍ଲିକ, ନଟବର ମଲ୍ଲିକ, ଧନେଶ୍ୱର ବାରିକ, ଦିପ୍ତିମୟୀ କୁଅଁର, ପ୍ରଣବ ବିଶ୍ୱାଳ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମରଶରୀର ନିକଟରେ ପହଞ୍ଚି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ସାମ୍ବାଦିକ ସଂଗ୍ରାମ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧନା



ଯାଜପୁର,୧୨।୧(ସମିସ): ଯାଜପୁର ବ୍ଲକ ସାନସୁଆର ପଞ୍ଚାୟତ ଅନ୍ତର୍ଗତ ପୁରୁଣାଦୁର୍ଗା ପୂଜା ସମିତି ପକ୍ଷରୁ ବରିଷ୍ଠ ସାମ୍ବାଦିକ ସଂଗ୍ରାମ ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରରେ ଏକ ବିଶେଷ ଅବସରରେ ତାଙ୍କୁ ଉପାୟନ , ପୁଷ୍ପଗୁଚ୍ଛ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତି ପ୍ରଦାନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ଚିତ୍ତରଞ୍ଜନ ମିଶ୍ର ଓ ନିରଞ୍ଜନ ମିଶ୍ର ଉପସ୍ଥିତ ରହି ଏହି ସମ୍ମାନ ପ୍ରଦାନ କରିଛନ୍ତି। ଶ୍ରୀ ଷଡ଼ଙ୍ଗୀ ଏଭଳି ସମ୍ମାନ ଗ୍ରହଣ କରି ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପୁରସ୍କାର ବିତରଣୀ

ପ୍ରୀତିପୁର,୧୨।୧(ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ଅଧୀନ ଚକ୍ରପୁର ଠାରେ ଅବସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଷୋଡ଼ଶତମ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଓ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିକୃତିକୁ ସୁସଜ୍ଜିତ ଗାଡିରେ ବିଦ୍ୟାଳୟର ଛାତ୍ରଛାତ୍ରୀ



ମଧୁସୂଦନପୁର, ସୁନ୍ଦରପୁର, ବୋଇତାଲୁପାଟଣା, ବାରଙ୍ଗ, ଅଙ୍ଗାଲୋ, ଅରିଲୋ, କଣ୍ଟିପୁର, ରଣପୁର ଆଦି ଗ୍ରାମ ପରିକ୍ରମା କରିବା ପରେ ବିଦ୍ୟାଳୟ ପରିସରକୁ ପ୍ରବେଶ କରିଥିଲେ। ଏହାପରେ ବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବ ସହିତ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମାଜସେବୀ ଅଜିତ କୁମାର ସାମଲ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଶିକ୍ଷାବିତ୍ ଗୋବିନ୍ଦଚନ୍ଦ୍ର ସାମଲ, ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଗୋପୀନାଥ ଦାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫକୀର ଚରଣ ସାମଲ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବଳଭଦ୍ର ଦାଶ, ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ଗଣେଶ ପ୍ରସାଦ ସାମଲ ଅତିଥି ପରିଚୟପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଗୁଡିକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିଲେ।

## ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଖେଳ

ଦାନଗଦୀ,୧୨।୧(ସମିସ): ଦାନଗଦୀ ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତର ଟୁଙ୍ଗେଇଶୁଣି ଗ୍ରାମର ଖେଳପଡିଆରେ ଏସ୍‌ଏସ୍ କ୍ଲବ ଆନୁକୂଲ୍ୟରେ ୭ମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଆରମ୍ଭ ହୋଇଥିବା ଖେଳକୁ ଟମକା ଥାନାର ଆଇଆଇସି ପ୍ରମୋଦିନୀ ସାହୁ ଉଦଘାଟନ କରିଥିବା ବେଳେ ୨ୟ ଦିନରେ ଯୁବନେତା ସବ୍ୟସାଚୀ ବଳସାମନ୍ତ ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କିଆଝର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ସୌମ୍ୟରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଦେଉଳକଣର ପୂର୍ବତନ ସରପଞ୍ଚ ନରୋତ୍ତମ ବେହେରା ସମ୍ମାନିତ ଅତିଥି ଭାବେ ହରିପୁର ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରମଣି ସୋରେନ୍, ଗ୍ରାମର ମୁରବୀ ଲକ୍ଷ୍ମୀଧର ଦେହୁରୀ ଯୋଗ ଦେଇ ହର ହର ମହାଦେବ ଟିମ୍ ସାରୁଆ ବିଲ ବିଜୟୀ ଦଳ ଓ ଆୟୋଜକ ଫୁଟବଲ ଦଳକୁ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳରେ ପୀତବାସ ସୋରେନ ବିବରଣୀ ଦେବା ସହ ସଭାରେ ସଭାପତିତ୍ୱ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ କ୍ଲବର ସଭାପତି ସାମା ହେମ୍ବ୍ରମ୍, ସଂପାଦକ ବାବୁଲି ଦେହୁରୀ ସହ ସଂପାଦକ ସମାର ପିଙ୍ଗୁଆ, ଉପସଭାପତି ଦୁର୍ଗାଚରଣ ହେମ୍ବ୍ରମ୍ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଡାକ୍ତର ନିଯୁକ୍ତି ଦାବିରେ ଆମରଣ ଅନଶନ



କୋରେଇ,୧୨।୧(ସମିସ): କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ରୋଗ ବିଶେଷଜ୍ଞ ନିଯୁକ୍ତି ଦେବା ଦାବିରେ ଯାଜପୁର ସୁରକ୍ଷା ସେନା ଓ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ସୋମବାରରୁ ଆମରଣ ଅନଶନ ଆରମ୍ଭ ହୋଇଛି। ଏହା ଏକ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଥିବାରୁ ବହୁସଂଖ୍ୟାରେ ଗରିବଲୋକ ଏହା ଉପରେ ନିର୍ଭର କରିଥାନ୍ତି। ଶିଶୁ ରୋଗ ବିଶେଷଜ୍ଞ ନଥିବାରୁ ନବଜାତକ ତଥା ଶିଶୁଙ୍କୁ ସ୍ୱାସ୍ଥ୍ୟ ସେବା ମିଳି ପାରୁନଥିବା ଅଭିଯୋଗ କରିଛନ୍ତି। ସୁରକ୍ଷା ସେନା ସଭାପତି ସୁରେନ୍ଦ୍ର କୁମାର ବରାଳଙ୍କ ଆବାହକତ୍ୱରେ ଚାଲିଥିବା ଅନଶନରେ ସମାଜସେବୀ ଭୁବନ ମୋହନ ମହାନ୍ତି, ନିଗମ ପ୍ରସାଦ ନାଥ, ଅଜମତ ଖାଁ, ଭାଗ୍ୟଧର ସାହୁ, ଏସ୍‌କେ ନିନା, ଏସ୍‌କେ ବୁଲୁ, ସଞ୍ଜୟ ନାୟକ ଓ ଅନୀଲ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ସରକାରୀ ଜମିରୁ ମାଟି ଉଠାଣକୁ ବିରୋଧ

ପାଣିକୋଇଲି,୧୨।୧(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ରଙ୍ଗରଙ୍ଗା ଗ୍ରାମରେ ସରକାରୀ ଜମିରୁ ମାଟି ଉଠାଣକୁ ଗ୍ରାମବାସୀ ବିରୋଧ କରିବା ଫଳରେ ମାଟି ଉଠାଣ ବନ୍ଦ ରହିଛି। ପ୍ରକାଶ ଯେ ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ପୂର୍ବରୁ ଏହି ରାସ୍ତାଟି ଥିବା ବେଳେ ଏହି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହି ରାସ୍ତାଟି ୩ ଭାଗରେ ବିଭକ୍ତ ହୋଇ ବନ୍ଧାଲୋ ଠାରୁ ରାଣିଗୋଡା ବଢେଇ ସାହି ପର୍ଯ୍ୟନ୍ତ ୨୦ କିଲୋମିଟର ରାସ୍ତା ଦୋହରୀକରଣ କାର୍ଯ୍ୟ ଚାଲୁଅଛି। ଏହି ରାସ୍ତା ଏଆର୍‌ଏସଏସ ଠିକାସଂସ୍ଥା ଦ୍ୱାରା



କରାଯାଉଛି। ୩୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହେବାକୁ ଥିବା ବେଳେ କାର୍ଯ୍ୟ ଆରମ୍ଭରୁ ବିବାଦ ଦେଖାଦେଇଛି। ଠିକାସଂସ୍ଥାର ମନମୁଖି କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିନା ସୂଚନା ଫଳକରେ କାର୍ଯ୍ୟ ଚାଲୁ ରହିବା, ରାସ୍ତା କଡରୁ ମନଇଚ୍ଛା ଗଛ କଟା, ରାସ୍ତା କଡ଼ରୁ ମାଟି ଉଠାଣ ପରେ ଏବେ ସରକାରୀ ଗୋଚର ଜମିରୁ ମାଟି ଉଠାଣକୁ ନେଇ ବିବାଦ ଆରମ୍ଭ ହୋଇଛି। ରଂଗାରଙ୍ଗା ଗ୍ରାମର ଦୁଇ ଯୁବ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ଗୋଟିଏ ଗୋଷ୍ଠୀ ସରକାରୀ ଜମିରୁ ମାଟି ଉଠାଣକୁ ବିରୋଧ କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ମାଟି ଖୋଳା ସପକ୍ଷରେ ବାହାରିଛନ୍ତି। ପୂର୍ବରୁ ଖୋଳାଯାଇଥିବା ଖାଲ ନିକଟରେ ମାଟି ଖୋଳାଗଲେ ଏକ ପୋଖରୀ ସୃଷ୍ଟି ହେବା ସହ ଏହା ଚାଷୀଙ୍କ ସ୍ୱାର୍ଥରେ ଲାଗିବ ବୋଲି ଯୁକ୍ତି କରିଛନ୍ତି। ଉଭୟଙ୍କ ମଧ୍ୟରେ ବିବାଦ ଜାରି ରହିବାରୁ ଠିକାସଂସ୍ଥା ଏଆରଏସଏସ ବାଧ୍ୟ ହୋଇ ବିବାଦକୁ ନଯାଇ ଗାଡି ସହ ମେସିନ ଉଠାଇ ନେଇଛି। ଯଦି ସରକାରୀ ଜମିରୁ ମାଟି ଉଠାଣ ଜାରି ରହେ ତାହେଲେ ଏହାକୁ ବିରୋଧ କରାଯିବ ବୋଲି ଯୁବଗୋଷ୍ଠୀ ମାନେ ଚେତାବନୀ ଦେଇଛନ୍ତି।

## ପାଣିକୋଇଲି ସ୍କୁଲ୍‌ରେ ମେଗା ଆଧାର କ୍ୟାମ୍ପ୍



ପାଣିକୋଇଲି,୧୨।୧(ସମିସ): ପିଏମଶ୍ରୀ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଆଜି ଯାଜପୁର ଡାକ ଉପଖଣ୍ଡ (ଯାଜପୁର ପୋଷ୍ଟାଲ ଡିଭିଜନ) ପକ୍ଷରୁ ଛାତ୍ରଛାତ୍ରୀଙ୍କ ଆଧାର ପଞ୍ଜୀକରଣ ଏବଂ ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆ ଆଧାର କାର୍ଡ, ବାଧ୍ୟତାମୂଳକ ବାୟୋମେଟ୍ରିକ ଅପଡେଟ ମାଗଣାରେ କରାଯାଉଥିବା ବେଳେ ଡେମୋଗ୍ରାଫିକ ଅପଡେଟ (ନାମ, ଠିକଣା, ଜନ୍ମ ତାରିଖ, ମୋବାଇଲ ନମ୍ବର ଇତ୍ୟାଦି) ସଂଶୋଧନ ପାଇଁ ୭୫ଟଙ୍କା ଓ ବାୟୋମେଟ୍ରିକ ଅପଡେଟ ପାଇଁ ୧୨୫ଟଙ୍କା ଦେୟ ପଡୁଥିଲା। ଏହି କାର୍ଯ୍ୟକ୍ରମରେ ଡାକ ବିଭାଗର ଯାଜପୁରରୋଡ୍ ସବଡିଭିଜନ ଓଭରସର ଶିବପ୍ରସାଦ ପରିଡା, ଯାଜପୁର ମୁଖ୍ୟାଳୟର ଏମଟିଏସ୍ ସୌମ୍ୟରଂଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୧୭ ଜଣ ଛାତ୍ରଛାତ୍ରୀ ଆଧାର ସଂଶୋଧନ କରିଥିଲେ। ମଙ୍ଗଳବାର ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ସୂଚନା ଦେଇଛନ୍ତି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଯଖପୁରା,୧୨।୧(ସମିସ): ଯଖପୁରା ପୁଲିସ ପକ୍ଷରୁ ଯଖପୁରାରେ ଅବସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସହ ଏକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି ରାଲି ମାଧ୍ୟମରେ ଯାତାୟାତ ନିୟମ, ହେଲମେଟ ଓ ସିଟ ବେଲ୍ଟ ବ୍ୟବହାରର ଆବଶ୍ୟକତା, ଦ୍ରୁତ ଗତି ନିୟନ୍ତ୍ରଣ, ମଦ୍ୟପାନ କରି ଗାଡ଼ି ଚଳାଇବାର କୁଫଳ ଏବଂ ଟ୍ରାଫିକ ସିଗ୍ନାଲ ପାଳନ ଉପରେ ସାଧାରଣ ଲୋକ ଓ ଚାଳକମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯଖପୁରା ଉପ ଥାନାଧିକାରୀ ଚିତ୍ତରଞ୍ଜନ ବଳବନ୍ତରାୟ, ବିକାଶ କୁମାର ନାୟକ, ହେଡ୍ କନଷ୍ଟେବଲ ବିଜୟ କୁମାର ସାହୁ ସହ ବହୁ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୌଭାଗ୍ୟଲକ୍ଷ୍ମୀ ରାଉତରାୟ ଓ ଶିକ୍ଷକ ଧନେଶ୍ୱର ସାହୁ, ସମୀର କୁମାର ସ୍ୱାଇଁ, ଜ୍ଞାନରଞ୍ଜନ ଦାସଙ୍କ ସହ ଅନ୍ୟାନ୍ୟ ଶିକ୍ଷକମାନେ ମଧ୍ୟ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ଏହାସହ ଯଖପୁରା ପୁଲିସ ପକ୍ଷରୁ ସ୍କୁଲ ବସ୍, ବାଇକ, କାର, ଟ୍ରକ ଓ ଅନ୍ୟାନ୍ୟ ବାହନର କଡ଼ା ଯାଞ୍ଚ କରାଯାଇଥିଲା। ଟ୍ରକ, ଟିପ୍ପର ବସ୍‌ର ଫିଟନେସ୍, ଡ୍ରାଇଭିଂ ଲାଇସେନ୍ସ, ଇନସ୍ୟୁରାନ୍ସ, ଓଭରଲୋଡିଂ ଓ ଗତିସୀମା ଭଳି ବିଭିନ୍ନ ମାନଦଣ୍ଡ ଯାଞ୍ଚ କରାଯାଇ ନିୟମ ଉଲ୍ଲଙ୍ଘନ କରୁଥିବା ଚାଳକମାନଙ୍କୁ ସଚେତନ କରାଯାଇଥିଲା। ଆଗାମୀ ଦିନରେ ଏପରି ଯାଞ୍ଚ ଆହୁରି କଡ଼ା ହେବ ବୋଲି ପୋଲିସ ସତର୍କ କରିଛି। ରାଲି ସମୟରେ ଛାତ୍ରଛାତ୍ରୀ ଦୁଇଚକିଆ ଓ ଚାରିଚକିଆ ଚାଳକମାନଙ୍କୁ ହେଲମେଟ ଓ ସିଟ ବେଲ୍ଟ ନ ବ୍ୟବହାର କରିବାରୁ ହେଉଥିବା ଅସୁବିଧା ବିଷୟରେ ବୁଝାଇଥିଲେ। ନିଶା ସେବନ ନ କରିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା ଓ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା ପାଇଁ ଅନୁରୋଧ କରାଯାଇଥିଲା। ସଚେତନତାର ଏକ ସନ୍ଦେଶ ଭାବେ ଚାଳକମାନଙ୍କୁ ଗୋଲାପ ଫୁଲ ଦେଇ ସୁରକ୍ଷିତ ଯାତାୟାତ ପାଇଁ ଅନୁରୋଧ କରାଯାଇଥିଲା। ନିୟମ ମାନି ଚାଲିବା ହିଁ ସଡ଼କ ଦୁର୍ଘଟଣା ରୋକିବାର ମୂଳ ମନ୍ତ୍ର ବୋଲି ପୁଲିସ ପକ୍ଷରୁ ସମସ୍ତଙ୍କୁ ସଚେତନ କରାଯାଇଥିଲା


## ବିଦ୍ୟାଳୟରେ ବିବେକାନନ୍ଦ ଜୟନ୍ତୀ

ପାଣିକୋଇଲି,୧୨।୧(ସମିସ): ପାଣିକୋଇଲିସ୍ଥିତ ସ୍ୱାମୀ ବିବେକାନନ୍ଦ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ମହାପୁରୁଷ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ଓ ରାଷ୍ଟ୍ରୀୟ ଯୁବ ଦିବସ ପାଳନ ହୋଇଯାଇଛି।



ବିଦ୍ୟାଳୟର ଅଧ୍ୟକ୍ଷ ରବି ନାରାୟଣ ପରିଡ଼ା କୁନି କୁନି ଛାତ୍ରଛାତ୍ରୀଙ୍କୁ ସ୍ୱାମୀଜୀଙ୍କ ଆଦର୍ଶ ଜ୍ଞାନ ବିଷୟରେ ଅନୁପ୍ରଣୀତ ହେବା ଲାଗି ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲୋପାମୁଦ୍ରା ପାଢୀ, ସୁମିତ୍ରା ପୋଥାଳ, ନମିତା ବେହେରା, ସସ୍ମିତା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ରାଉତ, ମୀନା ସାହୁ ପ୍ରମୁଖ ପରିଚାଳନା କରିଥିଲେ।




## ୪୨ତମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା

# ବିଶ୍ୱଭାରତୀ ସେମି ଫାଇନାଲରେ

ବଡଚଣା,୧୨।୧(ସମିସ): ବଡଚଣା ବ୍ଲକ୍ ନିଶିମଳା ଖେଳ ପଡିଆରେ ସତ୍ୟନାରାୟଣ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ୪୨ତମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ କ୍ୱାଟର ଫାଇନାଲ ଖେଳରେ କଟକ ବିଶ୍ୱଭାରତୀ କ୍ରିକେଟ ଟିମ୍ କେନ୍ଦ୍ରାପଡ଼ାର ବାଲାବାବା ଟିମକୁ ୨ରନରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଶିରିଶ ସାମଲ, ମୁଖ୍ୟବକ୍ତା ଭାବେ ଚଣ୍ଡିଖୋଲ ବାର୍ ଆସୋସିଏସନ ସମ୍ପାଦକ ପ୍ରକାଶ ଦାସ, ସମ୍ମାନିତ ଅତିଥି ଅମୂଲ୍ୟ ଜେନା ଓ ପ୍ରମୋଦ ଜେନା ଯୋଗ ଦେଇଥିଲେ। କଟକର ବିଶ୍ୱଭାରତୀ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୭୪ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସମ୍ବିତ କୁମାର ସାହୁ ସର୍ବାଧିକ ୩୨ ବଲରେ ୭୮ ରନ ସଂଗ୍ରହ କରିଥିଲେ। ଜବାବରେ ବାଲାବାବା କେନ୍ଦ୍ରାପଡ଼ା ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟରେ ୧୭୨ ରନ କରି ୨ରନରେ ପରାଜୟ ବରଣ କରିଥିଲେ। ଦଳ ପକ୍ଷରୁ ବିଭୁତି ଭୂଷଣ ମଲିକ




୨୮ ବଲରେ ୭୦ରନ କରିଥିଲେ। ବ୍ୟବସାୟୀ ଆକାଶ ସାହୁ ମ୍ୟାନ ଅଫ ଦ ମ୍ୟାଚ ଟ୍ରଫି ସନ୍ଦୀପ କୁମାର ସାହୁଙ୍କୁ ପ୍ରଦାନ କରିଥିଲେ। ନଗେଶ ଜେନା, ଅଧ୍ୟାପକ ତପନ ଜେନା, ପ୍ରଦୀପ ଜେନା, ବସନ୍ତ ଜେନା, ମକାରଧ୍ୱଜ ଦାସ ଓ ପ୍ରେସ୍ କ୍ଲବ ଚଣ୍ଡିଖୋଲର ଉପସଭାପତି ସମରେନ୍ଦ୍ର ମାହାଲା, ମହେଶ୍ୱର ରାଉତ, ମହନୀ ଖିଲାର, ହେମନ୍ତ ଦାସ, ସୁଶାନ୍ତ ନାୟକଙ୍କୁ ସମ୍ମାନିତ କରାଯାଇଥିବା ସଭାପତି ପ୍ରୀତମ ନାୟକ ପ୍ରକାଶ କରିଛନ୍ତି। ଯତିନ୍ଦ୍ର ନାୟକ ଓ ସତ୍ୟରଞ୍ଜନ ସାମଲ ଖେଳ ପରିଚାଳନା କରିଥିଲେ। ଧାରା ବିବେରାଣୀ ଅବିନାଶ ଜେନା ଓ ପର୍ଜେଷ ସ୍ୱାଇଁ ପ୍ରଦାନ କରୁଥିଲେ। ସତ୍ୟନାରାୟଣ କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।



● ଦାବି ପରେ ମୁଣ୍ଡ ନୁଆଁଇଲେ ସରକାର

# ଅଟଳ ବସ୍‌ଷ୍ଟାଣ୍ଡ ହେଲା 'ଆରଡ଼ି-ଅଟଳ ବସ୍‌ଷ୍ଟାଣ୍ଡ'

ଭଦ୍ରକ/ଆରଡ଼ି,୧୨।୧(ସମିସ): ଶେଷରେ ବିଭିନ୍ନ ମହଲରେ ଦାବି ଓ ଅସନ୍ତୋଷ ବ୍ୟକ୍ତ ପରେ ସରକାର ମୁଣ୍ଡ ନୁଆଁଇବାକୁ ବାଧ ହୋଇଛନ୍ତି। ଆରଡ଼ି ବସ୍‌ଷ୍ଟାଣ୍ଡ ନାମକୁ ପରିବର୍ତ୍ତନ କରି ଅଟଳ ବସ୍‌ଷ୍ଟାଣ୍ଡ କରିବାକୁ ନେଇ ଆରଡ଼ିରୁ ରାଜଧାନୀ ଯାଏଁ ବୁଦ୍ଧିଜୀବୀ, ସେବାୟତ, ଶ୍ରଦ୍ଧାଳୁମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରି ଏହାର ନାମ ପରିବର୍ତ୍ତନ ଲାଗି ଦାବି କରିଥିଲେ। ଶେଷରେ ଆରଡ଼ି-ଅଟଳ ବସ୍‌ଷ୍ଟାଣ୍ଡ ନାମରେ ନାମିତ କରି ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀରେ ଏହାର ଉଦ୍‌ଘାଟନ କରିଛନ୍ତି।




## ଆଭାସୀରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ପ୍ରକାଶ ଯେ, ରାଜ୍ୟର ବହୁ ପୁରାତନ ଶୈବକ୍ଷେତ୍ର ଭାବେ ପରିଚିତ ଭଦ୍ରକ ଜିଲ୍ଲାର ବାବା ଆଖଣ୍ଡଳମଣିଙ୍କ ପୀଠ ସୋମବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହୋଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଚାନ୍ଦବାଲି ତହସିଲ୍‌ଦାର ଭବତୋଷ ମଲ୍ଲିକ, ବିଡିଓ ସଞ୍ଜୀବ ମହାପାତ୍ରଙ୍କ ସହ ରାଜ୍ୟ ପରିବହନ ବିଭାଗର ଅଧିକାରୀଙ୍କ ସହ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ବିଶେଷକରି ପୂର୍ବରୁ ଥିବା ଆରଡ଼ି ବସ୍‌ଷ୍ଟାଣ୍ଡ ନାମ ପରିବର୍ତ୍ତନ କରି ଅଟଳ ବସ୍‌ଷ୍ଟାଣ୍ଡ ନାମଫଳକ ଲଗାଯିବାକୁ ନେଇ ବିଭିନ୍ନ ସ୍ଥାନରୁ ପ୍ରତିବାଦର ସ୍ୱର ଉଠିଥିଲା। ଏପଟେ ସେବାୟତ ଓ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବିରୋଧ କରାଯିବା ସହିତ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆରଡ଼ି ନାଗରିକ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦେବା ଓ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ହେବା ପରେ ସରକାର ଦେଇଥିବା ଅଟଳ ବସ୍‌ଷ୍ଟାଣ୍ଡକୁ ପରିବର୍ତ୍ତନ କରିଥିଲେ। ଏହି ବସ୍‌ଷ୍ଟାଣ୍ଡକୁ ନୂଆ ରୂପରେଖ ଦେବା ପାଇଁ ପୂର୍ବ ସରକାରଙ୍କ ପକ୍ଷରୁ ୧୦ ଏକର ଜାଗାରେ ୧୨କୋଟି ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଇଛି।

## ଜାତୀୟ ଯୁବ ଦିବସରେ 'ଯୁବ ଶକ୍ତି ଟ୍ରଷ୍ଟ' ଉଦ୍‌ଘାଟିତ

# 'ଡରକୁ ଯିଏ ଜିତିଛି ସେ ଯୁବକ'






ଭୁବନେଶ୍ୱର,୧୨।୧(ସମିସ): ଓଡ଼ିଶାରେ ଯୁବ ସଶକ୍ତୀକରଣ ଏବଂ ସମାବେଶୀ ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଜାତୀୟ ଯୁବ ଦିବସ ଅବସରରେ ଯୁବ-ଚାଳିତ ସାମାଜିକ ବିକାଶ ସଂଗଠନ 'ଯୁବ ଶକ୍ତି ଟ୍ରଷ୍ଟ' ଉଦ୍‌ଘାଟିତ ହୋଇଛି। ଭୁବନେଶ୍ୱର ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଛନ୍ତି ଯେ ଯୁବ ଶକ୍ତି ଏକ ସୁନ୍ଦର ବିଚାର। ଯୁବ ବିଚାର ସମାଜକୁ ଉତ୍ତମ ଭାବେ ସଞ୍ଚାଳନ କରିପାରିବ। ଅନେକ ଚ୍ୟାଲେଞ୍ଜ ଭିତରେ ଯୁବ ସମାଜ ମଉଳି ନ ଯାଇ ଉଦ୍ୟମ ଓ ସଂଘର୍ଷ ବଳରେ ସାମାଜିକ ସଂସ୍କାର ଆଣିବାକୁ ସେ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଅନ୍ୟତମ ଅତିଥି ଭାବେ 'ଧରିତ୍ରୀ'ର ସମ୍ପାଦକ ତଥା ପୂର୍ବତନ ସାଂସଦ ତଥାଗତ ସତପଥୀ ଯୋଗଦେଇ କହିଛନ୍ତି ଯେ ପୂର୍ବରୁ ଭାରତୀୟଙ୍କ ପାଇଁ ବିଶ୍ୱରେ ସ୍ନେହ ଭାବ ଥିଲା। ସମ୍ପ୍ରତି ଅନେକ ଦେଶରେ ଭାରତୀୟମାନେ ଘୃଣାର ଶିକାର ହେବା ଦୁର୍ଭାଗ୍ୟଜନକ। ଦେଶର ପୂର୍ବ ଗୌରବ ଫେରାଇ ଆଣିବାକୁ ଯୁବକମାନେ ଆଗକୁ ଆସିବା ଆବଶ୍ୟକ। ଏହାସହ ଯୁବକମାନେ ଶାରୀରିକ ଭାବେ ସୁସ୍ଥ ରହି ସମାଜର ଉନ୍ନତିରେ ଯୋଗଦାନ ରଖିବାକୁ ସେ ଆହ୍ୱାନ ଦେଇଛନ୍ତି। ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଭାରତକୁ ବିଶ୍ୱ ଗୁରୁରେ ପରିଣତ କରିବା ପାଇଁ ଯୁବକମାନେ ନେତୃତ୍ୱ ନେବାକୁ କହିଛନ୍ତି। ସେହିପରି ଡରକୁ ଯିଏ ଜିତିଛି ସେ ହେଉଛି ଯୁବକ ବୋଲି ଅନ୍ୟତମ ଅତିଥି ତଥା ଯୁବନେତା ମନ୍ମଥ ରାଉତରାୟ କହିଛନ୍ତି।

ଏହି ଅବସରରେ 'ଯୁବ ଶକ୍ତି ଟ୍ରଷ୍ଟ'ର ପ୍ରତିଷ୍ଠାତା ଅମିତ କୁମାର ମଲ୍ଲିକ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି କହିଛନ୍ତି ଯେ ନେତୃତ୍ୱ ବିକାଶ, ଦକ୍ଷତା ବୃଦ୍ଧି ଏବଂ ସାମାଜିକ ନବସୃଜନ ମାଧ୍ୟମରେ ଓଡ଼ିଶାର ଯୁବକମାନଙ୍କୁ ସଶକ୍ତ କରିବା ପ୍ରମୁଖ ଲକ୍ଷ୍ୟ ରହିଛି।

ରାଷ୍ଟ୍ର ଗଠନ ଏବଂ ସାମାଜିକ ପରିବର୍ତ୍ତନରେ ଯୁବବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ଜରୁରୀ। ଆଗାମୀ ଦିନରେ ହଜାର ହଜାର ଯୁବକଙ୍କୁ ସାମିଲ କରି ସମାଜର କଲ୍ୟାଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବାକୁ କାର୍ଯ୍ୟକ୍ରମ ଜାରି ରହିବ। ଏହି ଅବସରରେ ଟ୍ରଷ୍ଟର ୱେବ୍‌ସାଇଟ୍ ଓ ଲୋଗୋକୁ ଉନ୍ମୋଚିତ କରିବା ସହ ଯୁବକଙ୍କ ପାଇଁ ଏକ ନୂତନ ସମ୍ଭାବନାର ଦ୍ୱାର ଖୋଲାଯାଇଛି। କାର୍ଯ୍ୟକ୍ରମରେ ମହିଳା ଉଦ୍ୟୋଗୀଙ୍କ ପାନେଲ୍ ଆଲୋଚନାରେ ବିଭିନ୍ନ କ୍ଷେତ୍ରର ସଫଳ ମହିଳା ଉଦ୍ୟୋଗୀମାନେ ଅଂଶଗ୍ରହଣ କରି ସେମାନଙ୍କର ସଂଘର୍ଷ ଓ ସଫଳତାର କାହାଣୀ ବର୍ଣ୍ଣନା କରିଛନ୍ତି। ଏହାସହ ସମାଜ ସେବା, ପରିବେଶ ସୁରକ୍ଷା ଏବଂ ଜନସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସାମ୍ବାଦିକ, ସମାଜସେବୀ, ସାମାଜିକ ଉଦ୍ୟୋଗୀ ଏବଂ ନଦୀ ବିଶେଷଜ୍ଞମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶେଷରେ ଟ୍ରଷ୍ଟି ଆଶିଷ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାଲ୍ ସିମ୍‌କାର୍ଡ ପ୍ରସ୍ତୁତ ଅଭିଯୋଗରେ ୪ କୋର୍ଟ ଚାଲାଣ

ଭଣ୍ଡାରିପୋଖରୀ/ବାରିକପୁର,୧୨।୧(ସମିସ): ଭଣ୍ଡାରିପୋଖରୀ ପୁଲିସ ବେଆଇନ ସିମ୍‌କାର୍ଡ ବ୍ୟବସାୟରେ ଜଡ଼ିତ ୪ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ବେଆଇନ ସିମ୍‌କାର୍ଡ ବ୍ୟବସାୟ କରି ସାଇବର ଅପରାଧୀଙ୍କୁ ଯୋଗାଇବା ଅଭିଯୋଗରେ ଦିଲ୍ଲୀ ସାହିନବାଗ ପୁଲିସ ଗତ ଡିସେମ୍ବର ୧୦ ତାରିଖରେ ମଞ୍ଜୁରୀରୋଡ୍ ଅଞ୍ଚଳରୁ ଅଭିଯୁକ୍ତ ସନ୍ତୋଷ ଖଣ୍ଡେଇକୁ ଗିରଫ କରିବା ପରେ ସ୍ଥାନୀୟ ପୁଲିସ ଏହି କାରବାର ଉପରେ ଦୃଷ୍ଟି ରଖିଥିଲା। ସନ୍ତୋଷକୁ ଦିଲ୍ଲୀ ପୁଲିସ ସ୍ଥାନୀୟ ଥାନାରେ ପଚରାଉଚରା କରିବା ସମୟରେ ମଞ୍ଜୁରୀରୋଡ୍ ଫାଣ୍ଡି ଅନ୍ତର୍ଗତ କୁଲଣା ଗ୍ରାମର ଦିଲ୍ଲୀପ ସାହୁ, ବିଶୋଳଶାସନର ରମେଶ ଚନ୍ଦ୍ର ପରିଡ଼ା ଓ ଅନ୍ୟମାନଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। କାରବାରରେ ଲିପ୍ତ ସମସ୍ତଙ୍କୁ ଧରିବା ପାଇଁ ଏସ୍‌ପି ମନୋଜ କୁମାର ରାଉତ ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ଏହି ବେଆଇନ କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର୍ ହୋଇଯାଇଥିଲେ। ଦିଲ୍ଲୀପ ସାହୁ 'ଏୟାରଟେଲମିତ୍ର'ର ଅଧିକୃତ ସିମ୍‌କାର୍ଡ ବିକ୍ରେତା ଥିଲେ। 'ଇଲେକ୍‌ଟ୍ରୋନିକ୍ କଷ୍ଟୋମର ଆପ୍ଲିକେସନ ଫର୍ମ', କେୱାଇସି, ବାୟୋମେଟ୍ରିକ୍ ଯାଞ୍ଚ ଆଦି ସମସ୍ତ ନୀତିନିୟମକୁ ଏଡ଼ାଇ ଓ ନିରୀହ ଲୋକଙ୍କ ଅଜାଣତରେ ସେମାନଙ୍କ ଆଧାରକାର୍ଡକୁ ଉପଯୋଗ କରି ଗୋଟିଏ ଆଧାର କାର୍ଡରେ ଏକାଧିକ ସିମ୍‌କାର୍ଡ ଆକ୍ଟିଭ୍ କରିବା ସହ ବହୁ ଦାମ୍‌ରେ ଦିଲ୍ଲୀପ ଓ ଅନ୍ୟମାନେ ଅଭ୍ୟାସଗତ ଭାବେ ବିକ୍ରୟ କରିଆସୁଥିଲେ।

ବେଆଇନ ସିମ୍‌କାର୍ଡ ସାଇବର ଅପରାଧରେ ଉପଯୋଗ ହେଉଥିଲା। ପଞ୍ଜାବ ଏସ୍‌ଏଏସ୍ (ସାହିବଜାଦା ଅଜିତ୍ ସିଂ) ନଗର ଥାନାରେ ଗତ ସେପ୍ଟେମ୍ବର ୨୫ ତାରିଖରେ ରୁଜୁ ୧୯/୨୫ନଂ ସାଇବର ମାମଲାର ଅଭିଯୁକ୍ତ ଭାବେ ସ୍ଥାନୀୟ ଅଞ୍ଚଳର ୩ ଜଣ ଥିବା ଜଣାପଡ଼ିବା ପରେ ପୁଲିସର ମୁଣ୍ଡବିନ୍ଧା ଆରମ୍ଭ ହୋଇଥିଲା। ପଞ୍ଜାବ ପୁଲିସ ଗତ ୬ ତାରିଖରେ ଆସି କୁଲଣା, ଚନ୍ଦ୍ରଭାନୁପର ଗ୍ରାମରେ ଚଢ଼ଉ କରିବା ସହ ଫେରାର୍ ଅଭିଯୁକ୍ତଙ୍କ ନାମରେ ନୋଟିସ୍ ଜାରି କରିଥିଲା। ବାହାର ରାଜ୍ୟ ପୁଲିସ ଗୋଟିକ ପରେ ଗୋଟିଏ ସାଇବର ମାମଲାରେ ଭଣ୍ଡାରିପୋଖରୀ ଥାନା ଅଞ୍ଚଳରୁ ଅଭିଯୁକ୍ତ ଗିରଫ ହେବା ଦ୍ୱାରା ସ୍ଥାନୀୟ ପୁଲିସ ଲଜ୍ଜିତ ହୋଇଥିଲା। ଜାଲ୍ ସିମ୍‌କାର୍ଡ ବେପାରୀଙ୍କୁ ଧରିବା ପାଇଁ ପୁଲିସ କୁଲଣା, ବିଶୋଳ ଆଦି ଅଞ୍ଚଳରୁ ପର୍ଯ୍ୟାୟ କ୍ରମେ ସନ୍ଦିଗ୍ଧଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲା। ଏହି ସମୟରେ କେତେକ ନେତା ଅଟକ ଥିବା ସନ୍ଦିଗ୍ଧଙ୍କ ସପକ୍ଷରେ ଥାନାକୁ ଯାଇ ପୁଲିସ ଉପରେ ଚାପ ପ୍ରୟୋଗ କରିଥିଲେ। ଗତ ୧୦ ତାରିଖରେ ସବ୍‌ଇନ୍ସପେକ୍ଟର ଗଣନାଥ ସେଠୀଙ୍କ ଅଭିଯୋଗ କ୍ରମେ ଓ ଠୋସ୍ ପ୍ରମାଣ ଆଧାରରେ ଥାନାରେ ୧୪/୨୫ନଂ ମାମଲା ରୁଜୁ କରିଥିଲା। ମୁଖ୍ୟ ଅଭିଯୁକ୍ତ କୁଲଣାର ଦିଲ୍ଲୀପ(୩୦), ବିଶୋଳ ଶାସନର କାଳିଆ ଓରଫ ରମେଶ ଚନ୍ଦ୍ର ପରିଡ଼ା(୩୬), ଚାନ୍ଦବାଲି ଥାନା ନଳଗୁଣ୍ଡା ଅଞ୍ଚଳର ଗଣେଶ ରାଉତ(୨୫) ଓ ବିଶୋଳଶାସନର ଆଶିଷ ସ୍ୱାଇଁ(୪୦)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି।



# ତୀର୍ଥ ଯାତ୍ରାରୁ ଫେରିଲେ ୧୧୬ ବରିଷ୍ଠ ନାଗରିକ

ଭଦ୍ରକ,୧୨।୧(ସମିସ): ଭଦ୍ରକ ଜିଲ୍ଲାର ୧୧୬ ଜଣ ବରିଷ୍ଠ ନାଗରିକ ରାମେଶ୍ୱରମ୍ ଓ ମଦୁରାଇ ତୀର୍ଥ ଯାତ୍ରା ସଫଳତାର ସହିତ ସମାପ୍ତ କରି ସୋମବାର ସୁରକ୍ଷିତ ଭାବେ ଜିଲ୍ଲାକୁ ଫେରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ଆବଶ୍ୟକ ସମସ୍ତ ପ୍ରକାର ସୁବିଧା ଓ ବ୍ୟବସ୍ଥା କରାଯାଇଥିବାରୁ ସମଗ୍ର ଯାତ୍ରା ସୁସଂଗଠିତ, ସୁରକ୍ଷିତ ଓ ସୁଚାରୁ ଭାବେ ସମ୍ପନ୍ନ ହୋଇପାରିଛି। ଏହି ତୀର୍ଥ ଯାତ୍ରାରେ ୪ ଜଣ ଏସ୍କର୍ଟ ଅଫିସର ଡ. ଭଗବାନ ବାରିକ, ପ୍ରକାଶ ସାହୁ, ସୌମ୍ୟଜିତ୍ ସାହୁ ଓ ଶୋଭନ ପାଢ଼ୀ ଯାତ୍ରୀମାନଙ୍କ ସୁବିଧା, ସୁରକ୍ଷା ଓ ସମନ୍ୱୟର ଦାୟିତ୍ୱ ସଫଳତାର ସହିତ ପାଳନ କରିଥିଲେ। ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗଙ୍କ ସମନ୍ୱୟରେ ଏହି ରାମେଶ୍ୱରମ୍ ଓ ମଦୁରାଇ ତୀର୍ଥ ଯାତ୍ରା ସଫଳ ଭାବେ ସମ୍ପନ୍ନ ହୋଇଥିଲା।



# ଧାମନଗରରୁ ମକାସରିଫ୍ ଉମ୍ରା ହଜ ପାଇଁ ଗଲେ ୬



ଧାମନଗର,୧୨।୧(ସମିସ): ସାଉଦି ଆରବର ବିଭିନ୍ନ ସ୍ଥାନ ମକାମଦିନା, ବୋଗଦାଦ ସରିଫ୍‌କୁ ଧାମନଗର ଅଞ୍ଚଳରୁ ମହିଳା ଓ ପୁରୁଷ ୬ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି (ଉମ୍ରା ହଜ) ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଅବସରରେ ଧାମନଗର ଅଞ୍ଚଳର ବିଭିନ୍ନ ସାହିବସ୍ତି ତଥା ପଠାଣମହଲ୍ଲା ଗାଁର ବୟୋଜ୍ୟେଷ୍ଠ ମୁରବି ସେକ୍ ଇସାକ୍, ମହମ୍ମଦ ସଲାଉଦ୍ଦିନ, ବାଉଁଶବାଡ଼ି ଗାଁର ମୀର ହାନାନ(ହୁନା), ବଡ଼ ପୁଅ ମୀର୍ ସାଦିକ୍, ସାନ ପୁଅ ମୀର ମୁରତୁଜାଙ୍କ ସମେତ ଅନ୍ୟ କେତେକ ବ୍ୟକ୍ତି ନିଜ ନିଜର ବାସଭବନରୁ ବାହାରି ପ୍ରଥମେ ଧାମନଗର ଖାନକା ସରିଫ୍‌ଠାରେ ପହଞ୍ଚି ପୀରବାବାଙ୍କୁ ଦର୍ଶନ କରି ମକ୍କାମଦିନା ଓ ବୋଗଦାଦ ସରିଫକୁ (ଉମ୍ରା ତୀର୍ଥ) ପାଇଁ ମକା ଓ ବୋଗଦାଦ ସରିଫ୍ ଯାତ୍ରା ଆରମ୍ଭ କରିଛନ୍ତି। ଏହି ତୀର୍ଥକ୍ଷେତ୍ର ବୁଲି ଉମ୍ରା ହଜ ସାରି ୧୫ଦିନ ପରେ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ଦିଆଯାଇଛି। ଏହି ତୀର୍ଥଯାତ୍ରା ଯିବାବେଳେ ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି, ସମାଜସେବୀ ଲମ୍ବୋଦର ଜେନା, ମହମ୍ମଦ ଇସଲାମୁଦ୍ଦିନ, ସେକ୍ କାଦିର, ସେକ୍ ବାରୀ, ନଗର ବିଜେଡି ସଭାପତି ବିଜୟକେତନ ସାହୁ, ବିଜେଡି ନେତା ସେକ୍ ଜାଫର ଅଲ୍ଲୀ, ସେକ୍ କାଲୋ ସହ ବହୁ ଶୁଭେଚ୍ଛୁ ଯୋଗଦେଇ ତାଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇବା ସହିତ ଉମ୍ରା ହଜ ଯାତ୍ରାର ସଫଳ କାମନା କରିଥିଲେ।

# ଜାତୀୟ ରାଜପଥରେ ଦୁର୍ଘଟଣା, ଜଣେ ଗୁରୁତର

ଧାମନଗର,୧୨।୧(ସମିସ): ଧାମନଗର ଥାନା ଅଧୀନ ଜଳମଣ୍ଡୁଆ ପଞ୍ଚାୟତ ପଦି ନାରାୟଣପୁର ଗାଁର ବନମାଳୀ ଦାସ ସୋମବାର ବାଇକ୍ ନେଇ ଧାମନଗର ଛକ ଓଭରବ୍ରିଜ୍ ତଳେ ପଶି ରଙ୍ଗରୁଟ୍‌ରେ ଭଣ୍ଡାରିପୋଖରୀ ଆଡ଼କୁ ଯାଉଥିବାବେଳେ କଟକରୁ ଭଦ୍ରକ ଅଭିମୁଖେ ଆସୁଥିବା ଏକ ମାଲ୍‌ବୋଝେଇ ମିନି ଟ୍ରକ୍ ସହିତ ମୁହାଁମୁହିଁ ଦୁର୍ଘଟଣା ଘଟିଥିଲା। ବାଇକ୍‌ଟି ଟ୍ରକ୍‌ର ଆଗ ଚକା ତଳେ ପଶି ରହିଯାଇଥିଲା। ଚାଳକ ବନମାଳୀ ମଧ୍ୟ ଗାଡ଼ି ଚକା ତଳେ ରହି ଯାଇଥିଲେ। ଗାଡ଼ିଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଚାଳକଙ୍କ ଶରୀରର ଛାତି, ହାତ, ମୁହଁରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଭଦ୍ରକ ଅଭିମୁଖେ ପଳାଇ ଯାଇଥିବା ସୂଚନା ମିଳିଛି।

## ୧୦ମ ଭଦ୍ରକ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

# 'ସ୍ୱାଭିମାନର ମାଟି ଭଦ୍ରକରେ ମିଥ୍ୟାକୁ ପ୍ରଶ୍ରୟ ନାହିଁ'

ଭଦ୍ରକ,୧୨।୧(ସମିସ): ଭଦ୍ରକ ମାଟି ହେଉଛି ସ୍ୱାଭିମାନର ମାଟି। ସ୍ୱାଭିମାନ ସହିତ ଯିଏ ଖେଳ ଖେଳିବ ତାକୁ ଭଦ୍ରକବାସୀ କେବେ କ୍ଷମା ଦେବେନି। ଐତିହାସିକ ଗାନ୍ଧୀ ପଡ଼ିଆକୁ ଜାତିର ପିତା ମହାତ୍ମା ଗାନ୍ଧୀ ଆସିଥିଲେ। ଏଠାରେ କେହି ବି ମିଛ କହିବା ଉଚିତ୍ ନୁହଁ। ଭଦ୍ରକ ସାଂସ୍କୃତିକ ମହୋତ୍ସବ ସ୍ଥାନୀୟ ଅଞ୍ଚଳର ଇତିହାସ, ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ଉଜାଗର କରିବା ସହ ସାରସ୍ୱତ ପ୍ରତିଭାକୁ ଆବିଷ୍କାର କରେ, ସମ୍ମାନିତ କରେ ବୋଲି ଗାନ୍ଧୀ ପଡ଼ିଆଠାରେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୧୦ମ ସନ୍ଧ୍ୟା ତଥା ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କମିଟି ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ କଂଗ୍ରେସ ନେତା ଅସିତ୍ ପଟ୍ଟନାୟକ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥିଭାବେ ଭାବେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ସମାଜସେବୀ ନିର୍ମଳ ଚନ୍ଦ୍ର ବେହୁରିଆ, ରୋଟାରିଆନ୍ ଶିଶିର ମିଶ୍ର, ରାଧୁ ସାମଲ, ସଂଯୁକ୍ତା ବଳ, ଦମୟନ୍ତୀ ରାଉତ ପ୍ରମୁଖ ଯୋଗଦେଇ ମହୋତ୍ସବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବାବା ଆଖଣ୍ଡଳମଣି ଓ ମା' ଭଦ୍ରକାଳୀଙ୍କ ରାସ୍ତାର ମରାମତି କରାଯିବା ଦରକାର ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଉପସଭାପତି ମନୋରମା ରାୟ ଚୈତାଳୀ ଖିଲାର, କାର୍ଯ୍ୟକାରୀ ସଭାପତି ସୁପ୍ରଭା ପାଣି, ରୋଜାଲିନ ରାଉତ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।




ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ସଂଗଠନ ସମ୍ପାଦକ ଅପୂର୍ବ ରଞ୍ଜନ ବେହେରା, ଜଗବନ୍ଧୁ ବେହେରା, ଉପଦେଷ୍ଟା ଅତିସ୍ ବେହେରା, ପାର୍ଥସାରଥୀ ନାୟକ, ତପନ ସ୍ୱାଇଁ, ସ୍ମୃତି ରଞ୍ଜନ ସାହୁ, ଡ. ହରିହର ନାୟକ, ଉମାକଲ୍ୟାଣ ମହାପାତ୍ର, ପ୍ରଭାତ କୁମାର ଦାଶ, ଶିବାନନ୍ଦ ଦାସ, ଅବିନାଶ ପଣ୍ଡା, ରାଜେଶ ଦାସ, ଅଜୟ ପଣ୍ଡା, ଶୁଭଦୀପ ମଲ୍ଲିକ, ରମେଶ ଚନ୍ଦ୍ର ପାଗଳ, ରଶ୍ମି ରଞ୍ଜନ ସାହୁ, ଜଗନ୍ନାଥ ବେହେରା, ଜୟ ଜଗନ୍ନାଥ ମଲ୍ଲିକ, ସୀତାକାନ୍ତ ବିଶ୍ୱାଳ, କ୍ୟାପ୍‌ଟେନ ଓମ୍‌କାର, କମଳ ଲୋଚନ ପଣ୍ଡା, ଜି.ଶିବ ଶଙ୍କର, ସୁବ୍ରତ ଦୀକ୍ଷିତ, ଶାନ୍ତନୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କ ମେଲୋଡ଼ି ଓ ସାଇ କଳା, ଆର୍ଯ୍ୟାନର କୁନି କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ସଞ୍ଜୀବ କିଆ' ପ୍ରାୟୋଜିତ ଭଦ୍ରକ ସାଂସ୍କୃତିକ ମହୋତ୍ସବ ପକ୍ଷରୁ ସମସ୍ତ ନୃତ୍ୟ ଅନୁଷ୍ଠାନର ନିର୍ଦ୍ଦେଶକ ଓ ପିଲାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯୁବନେତା ସୂର୍ଯ୍ୟକୁମାର ଦାସ, ରାକେଶ ପଣ୍ଡା, ଅଶୋକ ନାୟକ, ରାଜେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ ଗୋବିନ୍ଦ ଚନ୍ଦ୍ର ନାୟକ
କଶବା, ସୋର, ବାଲେଶ୍ୱର
ଆବିର୍ଭାବ: ୧୧.୦୪.୧୯୩୯
ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧ୍ୟରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ
ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଟଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନୁ, ସୁନୁ, ବେବି

# ସମ୍ପାଦକୀୟ



ଅନ୍ୟାୟ ହେଉଥିବା ଦେଖି ମଧ୍ୟ ତୁମେ ଯଦି ନିରପେକ୍ଷ ରହୁଛ,
ତେବେ ତୁମେ ଅତ୍ୟାଚାରୀର ପକ୍ଷ ନେଉଛ ବୋଲି ପ୍ରମାଣ କରୁଛ।
-ଡେସ୍‌ମଣ୍ଡ ଟୁଟୁ

ସକାଳ THE SAKALA

## ଶକ୍ତିର ଅହଂକାର ଓ ଅଶାନ୍ତ ବିଶ୍ୱ

ଭେନେଜୁଏଲା ଭଳି ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଯେଭଳି ଘରୁ ଉଠାଇ ନେଇ ଆମେରିକା ଗରିଫ କରିଛି ତାହା କେବଳ ଅଚିନ୍ତନୀୟ ନୁହେଁ, ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥା ପ୍ରତି ଖୋଲା ଆହ୍ୱାନ। କିନ୍ତୁ କୂଟନୈତିକ ସ୍ତରରେ ଆମେରିକା କୌଣସି ଚାପର ସମ୍ମୁଖୀନ ହୋଇନାହିଁ। ବରଂ ଟ୍ରମ୍ପଙ୍କ ସ୍ପର୍ଦ୍ଧା ବହୁଗୁଣିତ ହୋଇଛି। ସଦାମ ହୁସେନଙ୍କ ଭଳି ମାଦୁରୋଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଭିତ୍ତିହୀନ ପ୍ରମାଣିତ ହୋଇଛି। ଆମେରିକା କଂଗ୍ରେସର ବିନା ଅନୁମୋଦନରେ ନିଜ ଦେଶର ତୈଳ କମ୍ପାନୀର ବ୍ୟବସାୟିକ ଫାଇଦା ପାଇଁ ମାଦୁରୋଙ୍କୁ ବନ୍ଦୀ କରି ଭେନେଜୁଏଲାର କାମଚଳା ସରକାର ଉପରେ ଚାପ ପ୍ରୟୋଗ କରିବାରେ ଟ୍ରମ୍ପ ସଫଳ ହୋଇଛନ୍ତି। ଏହାକୁ ଏକ ଦୃଷ୍ଟାନ୍ତ ରୂପେ ଉପସ୍ଥାପନ କରି କଲମ୍ବିଆ, ମେକ୍ସିକୋ ଓ ଚିଲି ଭଳି ଦକ୍ଷିଣ ଆମେରିକୀୟ ରାଷ୍ଟ୍ରଉପରେ ଚାପ ପ୍ରୟୋଗ ଆରମ୍ଭ କରିଛନ୍ତି। ଗ୍ରୀନଲାଣ୍ଡକୁ ମଧ୍ୟ ନିଜ ଅଧୀନକୁ ଆଣିବା ପାଇଁ ନାଟୋ ସହଯୋଗୀ ଡେନମାର୍କକୁ ନାଲିଆଖି ଦେଖାଇଛନ୍ତି। ବିଶ୍ୱର ଅନ୍ୟ ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଚୀନ ଓ ରୁଷର ପ୍ରତିକ୍ରିୟାରେ ପରିଲକ୍ଷିତ ଶିଥିଳତାରୁ ସ୍ପଷ୍ଟ ହୋଇଛି ସେମାନେ ମଧ୍ୟ ତାଇୱାନ ଓ ୟୁକ୍ରେନ କ୍ଷେତ୍ରରେ ନିଜର ସ୍ୱାର୍ଥରକ୍ଷା ପାଇଁ ପରୋକ୍ଷରେ ଆମେରିକା ସହ ସାଲିସ କରିଛନ୍ତି। ଏହି ପରିସ୍ଥିତିକୁ ଲକ୍ଷ୍ୟ କଲେ ମନେ ହେଉଛି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସାମ୍ରାଜ୍ୟରେ ବିଶ୍ୱର ଅନ୍ୟ ରାଷ୍ଟ୍ରମାନେ କରଦ ରାଜ୍ୟ। ସମ୍ରାଟଙ୍କ ଇଚ୍ଛାପୂର୍ତ୍ତି ପାଇଁ ସମସ୍ତେ ଜୀହଜୁର କରିବାକୁ ବାଧ୍ୟ।

ଏହି ଘଟଣାକ୍ରମ ପରେ ଭାରତ ସହ ଆମେରିକାର ବାଣିଜ୍ୟିକ ସଂପର୍କ ନେଇ ଚାଲିଥିବା କଥାବର୍ତ୍ତା ହଠାତ୍ ଦିଗ ପରିବର୍ତ୍ତନ କରିଛି। ଗତ ସପ୍ତାହରେ ଆମେରିକାର ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ୍‌ଙ୍କ ମନ୍ତବ୍ୟ ଦ୍ୱିପାକ୍ଷିକ କୂଟନୈତିକ ସଂପର୍କ ସମସ୍ତ ସୀମା ଟପିଯାଇଛି। ଭାରତ ସହ ଚାଲିଥିବା ଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ତାହା ନିଷ୍ଫଳ ହୋଇଛି। ଏହାର ପୃଷ୍ଠଭାଗରେ କୌଣସି ନୀତିଗତ ପାର୍ଥକ୍ୟ ନ ଥିଲେ ମଧ୍ୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଠିକଣା ସମୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ କଥାବାର୍ତ୍ତା ହେବା ପ୍ରସ୍ତାବକୁ ଆଗ୍ରାହ୍ୟ କରିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ପାରସ୍ପରିକ ବୁଝାମଣାର ଭିତ୍ତିଭୂମି କୌଣସି ସମୟରେ ଏକପାଖିଆ ନୁହେଁ। ଦୁଇ ଦେଶ ପରସ୍ପରର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୂଲଚାଲ କରିଥା'ନ୍ତି। ଏଭଳି ସ୍ଥିତିରେ ଟ୍ରମ୍ପ କିମ୍ବା ମୋଦୀଙ୍କ ଭୂମିକା ଆସିଲା କେଉଁଠୁ? ପରୋକ୍ଷରେ ଭାରତକୁ ଆମେରିକା ଅନୁଗୃହୀତ କରୁଛି ଏବଂ ମୋଦୀ ସେଥିସକାଶେ କୃତଜ୍ଞତା ଜ୍ଞାପନ କରିବାକୁ ଲୁଟିନିକ ତାଙ୍କ ବକ୍ତବ୍ୟରେ ଇଙ୍ଗିତ କରିଛନ୍ତି। ଏହି କୃତଜ୍ଞତା ମାଧ୍ୟମରେ ଟ୍ରମ୍ପଙ୍କ ସବୁ ମିଛ ସହ ଭାରତକୁ ସାଲିସ କରିବାକୁ ହେବ। କୂଟନୈତିକ ସଂପର୍କ ଓ ସହଯୋଗରେ ପରିଲକ୍ଷିତ ଏହି ନିମ୍ନ ରୁଚିରୁ ସ୍ପଷ୍ଟ ହେଉଛି ଯେ କ୍ଷମତା ଓ ଶକ୍ତିର ଅହଂକାର ସମସ୍ତ ସଂଭ୍ରମ ଓ ଶାଳୀନତାକୁ ଅତିକ୍ରମ କରିଛି। ଲୁଟିନିକ ଏକଥା କହିଛନ୍ତି ଯେ ଟାରିଫକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଅବସାନ ପାଇଁ ଆମେରିକା ଏସୀୟ ରାଷ୍ଟ୍ର ଭିଏତନାମ ଓ ଇଣ୍ଡୋନେସିଆ ସହ ବୁଝାମଣା ପୂର୍ବରୁ ୨୦୨୫ ରେ ଭାରତକୁ ଦିଆଯାଇଥିବା ତିନିଟି ସୁଯୋଗକୁ ମଧ୍ୟ ହାତଛଡ଼ା କରିଛି। ଭାରତର ବୈଦେଶିକ ବିଭାଗ ମୁଖପାତ୍ର ଏହି ଅଭିଯୋଗର ଯଥାର୍ଥ ଉତ୍ତର ଦେଇ କହିଛନ୍ତି ଯେ ୨୦୨୫ ରେ ପ୍ରାଧାନମନ୍ତ୍ରୀ ମୋଦୀ କେବଳ ବାଣିଜ୍ୟ ନୁହେଁ, ବୈଷୟିକ ଜ୍ଞାନକୌଶଳ ଏବଂ ବିଶ୍ୱ ନିରାପତ୍ତା ପ୍ରସଙ୍ଗ ଉପରେ ୮ ଥର କଥାବାର୍ତ୍ତା କରିଛନ୍ତି। ତେଣୁ ଆମେରିକା ପକ୍ଷରୁ ଯେଉଁ ରଙ୍ଗ ରୂପ ଦେଇ ଘଟଣାକ୍ରମର ବର୍ଣ୍ଣନା କରାଯାଇଛି ତାହା ଆଦୌ ଠିକ୍ ନୁହେଁ। ଅମେରିକାର ଅସ୍ୱଷ୍ଟ ନୀତି ଓ ବ୍ୟକ୍ତିଗତ ବିଦ୍ୱେଷରୁ ଏହି ପରିସ୍ଥିତି ଉପୁଜିଛି।

ବିଶ୍ୱର ବୃହତ୍ତର ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ସ୍ୱାବଲମ୍ବୀ ଓ ନିଜ ଶକ୍ତି ତଥା ସାମର୍ଥ୍ୟରେ ସବୁ ପରିସ୍ଥିତିକୁ ସମ୍ମୁଖୀନ ହେଉଛି। ବିଶ୍ୱବଜାର ଅର୍ଥନୀତିର ନିର୍ଭରଶୀଳତା ଦୃଷ୍ଟିରୁ ବିଚାର କଲେ ଭାରତର ସର୍ବବୃହତ ବଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସଂକୀର୍ଣ୍ଣ ଭୂ-ରାଜନୈତିକ ରଣନୀତିରେ ଅଂଶୀଦାର ହେବାକୁ ସେ ଚାହେଁ ନାହିଁ। ଭାରତର ଏହି ସ୍ପଷ୍ଟ ଅଭିମୁଖ୍ୟ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଅଧିକ କ୍ଷୁବ୍ଧ କରିଛି। ରୁଷରୁ ତୈଳ, ପ୍ରକୃତ ଗ୍ୟାସ ଓ ୟୁରାନିୟମ ସଂଗ୍ରହ କରୁଥିବା ରାଷ୍ଟ୍ରଉପରେ ୫୦୦ ପ୍ରତିଶତ ଟାରିଫ ଲାଗୁ କରିବା ସକାଶେ ସେ ଘୋଷଣା କରିଛନ୍ତି। ଭାରତ କ୍ଷେତ୍ରରେ ମଧ୍ୟ ଏହା ଲାଗୁ କରାଯିବ। ଆମ ସହ ଚୀନ ଓ ବ୍ରାଜିଲକୁ ମଧ୍ୟ ସଂଯୁକ୍ତ କରାଯାଇଛି। ଏ ସଂପର୍କରେ ଆମେରିକା ସୁପ୍ରିମକୋର୍ଟରେ ହୋଇଥିବା ଆବେଦନର ରାୟ ଜାନୁଆରୀ ୧୪ ରେ ପ୍ରକାଶ ପାଇବ। ତେବେ ୧୯୭୭ ରେ ଜାରି ହୋଇଥିବା ଆନ୍ତର୍ଜାତିକ ଜରୁରୀ ଆର୍ଥିକ କ୍ଷମତା ଆଇନ (ଇପା) ବଳରେ ଆମଦାନୀ ଉପରେ ଟାରିଫ ଲାଗୁ କରାଯାଇ ପାରିବ ବୋଲି ଆମେରିକା ଦର୍ଶାଯାଇଛି।

ଭେନେଜୁଏଲ ଘଟଣାକ୍ରମ ନିରଙ୍କୁଶ ଓ ନିର୍ବାଧାରେ ଅତିକ୍ରମ କରି ଯିବା ପରେ ରାଷ୍ଟ୍ରପତି ଟ୍ରମ୍ପ ଅପେକ୍ଷାକୃତ ଅଧିକ ଉତ୍ସାହିତ ହୋଇପଡ଼ିଛନ୍ତି। ତେଣୁ ଯେକୌଣସି ପ୍ରକାରେ ଗ୍ରୀନଲାଣ୍ଡକୁ ଆମେରିକାର ଅକ୍ତିଆରକୁ ଆଣିବା ସକାଶେ ସେ ଧମକ ଚମକ ଦେବା ଆରମ୍ଭ କରିଛନ୍ତି। ଗ୍ରୀନଲାଣ୍ଡ ଏକ ସ୍ୱୟଂସଂପୂର୍ଣ୍ଣ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଥିଲେ ମଧ୍ୟ ଦେଶର ବୈଦେଶିକ ଓ ପ୍ରତିରକ୍ଷା ନୀତି ପାଇଁ ଡେନମାର୍କ ଉପରେ ନିର୍ଭରଶୀଳ। ଟ୍ରମ୍ପଙ୍କ ପ୍ରସ୍ତାବକୁ ଦୁଇରାଷ୍ଟ୍ର ଦୃଢ଼ ବିରୋଧ କରିଛନ୍ତି। ଡେନମାର୍କ ପ୍ରଧାନମନ୍ତ୍ରୀ ମେଟ ଫ୍ରେଡେରିକ୍‌ସନ ସ୍ପଷ୍ଟ କରିଦେଇଛନ୍ତି ଯେ ଏକ୍ଷେତ୍ରରେ ଆମେରିକା ବଳପ୍ରୟୋଗ କଲେ ନାଟୋ ଭୁଶୁଡ଼ି ପଡ଼ିବ। ସେହିଭଳି ଆମେରିକାକୁ କୋକେନ୍ ଚୋରାଚାଲାଣ କରୁଥିବା ଦର୍ଶାଇ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କ ସହ ମୁହାଁମୁହିଁ ହୋଇଛନ୍ତି ଟ୍ରମ୍ପ। ଏବେ ତୃତୀୟ ଦିଗଟି ହେଲା ଇରାନ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଚାପରେ ଯେ କୌଣସି ସମୟରେ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଆମେରିକା। ଉଭୟ ପକ୍ଷ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

କ୍ଷମତା ଅଂକାରର ସ୍ଥିତି ଓ ବିସ୍ତୃତି ସବୁକାଳେ ସୀମିତ ସମୟ ପାଇଁ। ଟ୍ରମ୍ପଙ୍କୁ ଏକଥା ବୁଝାଇବାକୁ ବେଶୀଦିନ ଲାଗିବ ନାହିଁ। ଭାରତ ଆମେରିକାର ସ୍ୱାଭାବିକ ସହଯୋଗୀ। ସ୍ଥିର ରାଜନୀତି ଓ ବିଶାଳ ବଜାର ବ୍ୟବସ୍ଥାକୁ ନେଇ ନିଜର ଆର୍ଥିକ ସାମର୍ଥ୍ୟ ଜାହିର କରୁଥିବା ଭାରତ ଦକ୍ଷିଣ-ଏସିଆ କୂଟନୈତିକ କ୍ଷେତ୍ରକୁ ବଳ ଦେଇ ଆମେରିକାର ପ୍ରମୁଖ ସହଯୋଗୀ ହୋଇପାରିବ। ଏବେ ଭେନେଜୁଏଲାରୁ ତୈଳ ସଂଗ୍ରହ ପାଇଁ ଭାରତକୁ ସୁଯୋଗ ଦେଇ ଟ୍ରମ୍ପ ଆଗକୁ ସ୍ଥିତି ସୁଧାରିବେ ବୋଲି ଆଶା କରାଯାଇପାରେ।

## ସଫଳ କର୍ମ ସମ୍ପାଦନ ଓ ବ୍ୟବସ୍ଥିତ ବିଶ୍ରାମ

ଡ.ଉଷାରାଣୀ ଦାଶ

ବିଶ୍ରାମ ମଣିଷର ଶକ୍ତି, ସ୍ୱାସ୍ଥ୍ୟ, ସୃଜନଶୀଳତା, ସଫଳ କର୍ମ ସମ୍ପାଦନ ଓ ଜୀବନର ଉତ୍କର୍ଷ ପାଇଁ ଏକ ପ୍ରମୁଖ ଉପାଦାନ। ପରନ୍ତୁ ମାତ୍ରାଧିକ ବସ୍ତୁବାଦୀ ଚିନ୍ତାଧାରା, ସାମାଜିକ ଗଣମାଧ୍ୟମର ଚାପ, ମୋବାଇଲ, କମ୍ପ୍ୟୁଟର, କୃତ୍ରିମ ବୁଦ୍ଧିମତ୍ତାର କରାଳଛାୟାର ପ୍ରଭାବ ସହିତ ଅତିରିକ୍ତ ଘରୋଇକରଣର ବିଷପ୍ରକ୍ରିୟାରେ ଆଜି ମଣିଷ ଜୀବନରୁ ବିଶ୍ରାମ ଶବ୍ଦଟି ଅପହରଣ ହୋଇ ସଂଜ୍ଞା ହରାଇଥିବା ପରି ଜଣାପଡ଼େ। ପିଲାଟିଏ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶରୀର ଓ ମନକୁ ଅବିରତ ଅର୍ଥ ପଛରେ ନିୟୋଜିତ କରି ମାନସିକ, ଶାରୀରିକ ଓ ଆର୍ଥିକ ଭାରସାମ୍ୟ ହରାଇ ବସିଛି। ତଥାପି ଇନ୍‌ଫୋସିସର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ପରି କିଛି ଉଦ୍ୟୋଗପତି ଭାରତର ଯୁବଶକ୍ତି ଦିନକୁ ୧୨ଘଣ୍ଟାରୁ ଅଧିକ ପରିଶ୍ରମ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଚାଲିଛନ୍ତି। ଯଦିଓ ସରକାରଙ୍କ ନିୟମ ଅନୁସାରେ ଜଣେ ବ୍ୟକ୍ତି ଦିନକୁ ୮ ଘଣ୍ଟା କାର୍ଯ୍ୟ କରି ଠିକ ପାରିଶ୍ରମିକ ପାଇବାକୁ ହକଦାର, ତଥାପି ପ୍ରାୟ ୯୦ ପ୍ରତିଶତରୁ ଅଧିକ ଘରୋଇ ସଂସ୍ଥାରେ ଯୁବକଯୁବତୀମାନେ ଦୀର୍ଘବର୍ଷ ଧରି ଅଳ୍ପ ପାରିଶ୍ରମିକରେ ଦିନକୁ ୧୨ ରୁ ୧୬ ଘଣ୍ଟା କାମ କରି ଆସୁଛନ୍ତି, ଯାହା ସରକାରଙ୍କୁ ବା ଘରୋଇ ଅନୁଷ୍ଠାନଗୁଡ଼ିକର ମାଲିକମାନଙ୍କ ପାଇଁ ଅଣଦେଖା ହୋଇରହିଯାଏ। କାରଣ ସେଠାରେ ମାନବିକତା ତୁଳନାରେ ଅର୍ଥାଗମକୁ ଗୁରୁତ୍ୱ ଦିଆଯାଏ। ମଣିଷର ଲୁହଲହୁରୁ ସେମାନେ ଆୟକୁ ଅନୈତିକ ଉପାୟରେ ବହୁଗୁଣିତ କରନ୍ତି।

ଯଦିଓ ଶ୍ରମ ବିନା ଜୀବନ ଅର୍ଥହୀନ, ବିଶ୍ରାମ ବିନା ଜୀବନ କ୍ଲାନ୍ତିମୟ ଓ ରୋଗାକ୍ରାନ୍ତ ହୋଇପଡ଼େ। ଆଧୁନିକ ଯୁଗରେ ମଣିଷ ଅତ୍ୟଧିକ ବ୍ୟସ୍ତତା, ପ୍ରତିଯୋଗିତା ଓ ଚାପରେ ରହି ବିଶ୍ରାମର ମୂଲ୍ୟକୁ ଅନେକ ସମୟରେ ଭୁଲିଯାଉଛି। କିନ୍ତୁ ଏହା ନିରାଟ ସତ୍ୟ ଯେ ବିଶ୍ରାମ ବିନା କୌଣସି ମଣିଷ ଦୀର୍ଘକାଳ ସୁସ୍ଥ, ସୁଖୀ ଓ ସଫଳ ହୋଇ ରହିପାରିବ ନାହିଁ। ବିଶ୍ରାମକୁ ଆଳସ୍ୟ କୁହାଯାଇ ନ ପାରେ, ବରଂ ଏହା ଶକ୍ତିର ପୁନଃଜାଗରଣ, ଯାହା କେବଳ କାମ ବନ୍ଦ କରି ଶୋଇ ରହିବାକୁ ସୂଚାଇବା ବଦଳରେ ଶରୀର ଓ ମନକୁ କ୍ଲାନ୍ତିରୁ ମୁକ୍ତ କରି ନୂତନ ଶକ୍ତି ସଞ୍ଚୟ କରିବାର ପ୍ରକ୍ରିୟାକୁ ବୁଝାଇଥାଏ। ଶୋଇବା, ଆରାମ କରିବା, ସଙ୍ଗୀତ ଶୁଣିବା, ପ୍ରକୃତି ସହ ସମୟ କାଟିବା ଆଦି ବିଶ୍ରାମର ରୂପ, ଯାହାକୁ ଶ୍ରମର ସଫଳତାର ଗୁପ୍ତ ମନ୍ତ୍ର, ଯନ୍ତ୍ରଣା ଉପଶମ ଓ ଆରୋଗ୍ୟ ପାଇଁ ତଥା ଅସ୍ୱସ୍ତି ଦୂର କରିବା ପାଇଁ ଏକ ଅବଧି ବୋଲି ଧରାଯାଇପାରେ।

ପ୍ରାଚୀନକାଳରୁ ବିଶ୍ରାମକୁ ମଣିଷ ଜୀବନର ଏକଅଂଶ ଭାବରେ ଗ୍ରହଣ କରାଯାଇଛି। ବୈଷ୍ଣବ ଧର୍ମରେ ଏହାକୁ ଭକ୍ତି ଅଭ୍ୟାସ ଏବଂ କ୍ଲାନ୍ତିରୁ ଉପଶମ ମାର୍ଗ କୁହାଯାଇଥିବା ବେଳେ ଆୟୁର୍ବେଦର 'ଅଷ୍ଟାଙ୍ଗ ହୃଦୟମ୍' ଅନୁସାରେ ଭଲ ଜୀବନ ସୁନିଶ୍ଚିତ କରିବା ପାଇଁ ସୁଷମ ଖାଦ୍ୟ, ସଂଯମ ଆଚରଣ ଓ ବିଶ୍ରାମ ବା ଭଲ ନିଦ୍ରା ହେଉଛି ତିନୋଟି ସ୍ତମ୍ଭ। ସେହିପରି ଭାରତୀୟ ଇତିହାସ ଓ ସ୍ୱାସ୍ଥ୍ୟ ବିଜ୍ଞାନରେ ଏହା ଆରାମ, ଆରୋଗ୍ୟ ଓ ଯନ୍ତ୍ରଣା ଉପଶମର ମାର୍ଗ ଭାବରେ ଗୃହୀତ। ଭାରତୀୟ ସଂସ୍କୃତିରେ ଯୋଗ ଓ ଧ୍ୟାନ ବିଶ୍ରାମର ରୂପ ସହିତ ବେଦ, ଉପନିଷଦ ଓ ଗୀତାରେ କର୍ମ ସହିତ ବିଶ୍ରାମର ସନ୍ତୁଳନର କଥା କୁହାଯାଇଛି। ବୌଦ୍ଧବାଣୀରେ 'ନ ଅତ୍ୟଧିକ ଭୋଗ, ନ ଅତ୍ୟଧିକ କଷ୍ଟ' ଓ 'ସାଙ୍ଖ୍ୟାନ-ଗୃହ୍ୟ-ସୂତ୍ର' ଅନୁସାରେ ବିଶ୍ରାମ ହେଉଛି ମଣିଷର ଆଶୀର୍ବାଦପୂର୍ଣ୍ଣ ଓ ଆନନ୍ଦମୟ ଗୃହ। ସେହିପରି ବାଲ୍ମୀକି ରାମାୟଣ ଅନୁସାରେ ବିଶ୍ରାମ ଶବ୍ଦଟି ଶାନ୍ତିର ଏକ ଅବସ୍ଥାକୁ ବୁଝାଏ। ସେଥିପାଇଁ କୁହାଯାଏ ବିଶ୍ରାମ ହେଉଛି ଜୀବନର ରିଚାର୍ଜ ବଟନ୍।

ଆଜିକାଲି ଅଧିକାଂଶ ଲୋକ ଲୋଭ, ଧନ ଓ ଛଦ୍ମ ସଫଳତା ପଛରେ ଧାବମାନ କାରଣରୁ ବିଶ୍ରାମକୁ ଅବହେଳା କରୁଛନ୍ତି, ଯାହା ସ୍ୱାସ୍ଥ୍ୟ ଓ ଶାନ୍ତି ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ବିଶ୍ରାମ ଅଭାବରେ ଟାଇପ୍ ୨ ମଧୁମେହ, ହୃଦରୋଗ, ସ୍ଥୂଳତା, ଅବସାଦ, ଦୁର୍ବଳତା, ପାକସ୍ଥଳୀ ସମସ୍ୟା, ଅନ୍ତଃସ୍ରାବୀ ରୋଗ, ମେଟାବୋଲିକ୍ ସିଣ୍ଡ୍ରୋମ୍, ସ୍ନାୟୁଗତ ବ୍ୟାଧି, ଚିଡ଼ିଚିଡ଼ାପଣ, ମାନସିକ ଚାପ ଆଦି ସମସ୍ୟା ସୃଷ୍ଟି ହୋଇ ପ୍ରାଣଘାତକ ହେଉଛି। ଯଦିଓ ଜୀବନରେ ଅର୍ଥ ଓ ପ୍ରକୃତ ସଫଳତା ଜରୁରୀ, କିନ୍ତୁ ସେଥିପାଇଁ ବିଶ୍ରାମକୁ ଅବହେଳା କରିବା ଗ୍ରହଣୀୟ ନୁହେଁ। ସମୟମତେ ବିଶ୍ରାମ ନେଲେ ଶରୀର ସୁସ୍ଥ ରହିବ ଓ ସଫଳତା ମଧ୍ୟ ଦୀର୍ଘକାଳୀନ ହେବ। ବିଶ୍ରାମହୀନତା ମଣିଷର କାର୍ଯ୍ୟକ୍ଷମତା କମାଇବା ସହିତ ଆୟୁକୁ ହ୍ରାସ କରିଥାଏ। ତେଣୁ 'ବେଟର ଲେଟ ଦାନ ନେଭର' ପ୍ରତି ଆମେ ଯତ୍ନଶୀଳ ହେବା ଜରୁରୀ।

ପୁରୁଣା ଦିନରେ ଲୋକମାନେ ଜାଣୁଥିଲେ ଯେ କାମ ଓ ବିଶ୍ରାମର ସନ୍ତୁଳନ ରହିଲେ ହିଁ ଜୀବନ ସୁସ୍ଥ ଓ ସୁଖମୟ ହୁଏ। ସେମାନଙ୍କର ଜୀବନଶୈଳୀ ସରଳ ଥିଲା ଏବଂ ପ୍ରକୃତି ସହ ଗଭୀର ସମ୍ପର୍କ ଥିବାରୁ ବିଶ୍ରାମ ସ୍ୱାଭାବିକ ଭାବେ ତାଙ୍କ ଜୀବନର ଏକ ଅଂଶ ଥିଲା। ସୂର୍ଯ୍ୟ ଉଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କର୍ମରତ, ମଧ୍ୟାହ୍ନରେ ବିଶ୍ରାମ ଓ ସନ୍ଧ୍ୟାରେ ପରିବାର ଓ ପଡ଼ୋଶୀଙ୍କ ସହ ସମୟ କାଟିବା ଥିଲା ଏକ ଚିରାଚରିତ ବିଶ୍ରାମ ପ୍ରକ୍ରିୟା। ଗାଁ ଚଉପାଟିରେ ଗପ, ଗୀତ ଓ ଭାଗବତ ଟୁଙ୍ଗୀରେ ଭଜନ ଆଦି ମାଧ୍ୟମରେ ମନକୁ ଶାନ୍ତ କରି ରାତିରେ ପର୍ଯ୍ୟାପ୍ତ ନିଦ୍ରାରେ ଶୋଇଯାଉଥିଲେ। ପର୍ବପର୍ବାଣି ଓ ଉତ୍ସବଗୁଡ଼ିକ ମଧ୍ୟ ବିଶ୍ରାମର ଏକ ଉପାୟ ଥିଲା। ରଜ, ନୂଆଖାଇ, ଦୀପାବଳୀ ପରି ପର୍ବଗୁଡ଼ିକରେ କାମକୁ କମ୍ କରି ସମସ୍ତେ ବିଶ୍ରାମ ଓ ବିନୋଦନରେ ମନ ଦେଉଥିଲେ। ଶାରୀରିକ କାମ ସହ ମାନସିକ ସନ୍ତୁଳନ ପାଇଁ ଯୋଗ, ପ୍ରାଣାୟାମ, ଧ୍ୟାନ ଓ ଭଜନର ଅଭ୍ୟାସ ଥିଲା। ଏହା ମନକୁ ସ୍ଥିର ରଖୁଥିଲା ଓ ଚିନ୍ତା ଦୂର କରୁଥିଲା। ଭାରତର ପାରମ୍ପରିକ ବିଶ୍ରାମ ବ୍ୟବସ୍ଥାମାନଙ୍କ ମଧ୍ୟରେ ଆଷାଢ଼ରୁ ଆଶ୍ୱିନ ପର୍ଯ୍ୟନ୍ତ ଚାରିମାସରେ ପାଳିତ ଚାତୁର୍ମାସ୍ୟ ବ୍ରତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା କେବଳ ମଣିଷମାନେ ବିଶ୍ରାମ ନେଉ ନଥିଲେ, ପ୍ରକୃତି ମଧ୍ୟ ବିନା ବାଧା ଓ ପ୍ରଭାବରେ ପୁନର୍ଜୀବିତ ହୋଇ ପାରୁଥିଲା। ଏତଦ୍‌ବ୍ୟତୀତ ଭାରତୀୟ ପରମ୍ପରାରେ ଏକାଦଶୀ, ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି ଆଦି ମାସିକ ଓ ପାକ୍ଷିକ ବିଶ୍ରାମ ଉପବାସ ମାଧ୍ୟମରେ ସ୍ଥିର ହୋଇଥିଲା, ଯାହା ଶରୀର ପାଇଁ ବିଶ୍ରାମ।

ଆଧୁନିକ ସହରୀ ଜୀବନରେ ଚାକିରିଜୀବୀମାନେ, ବିଶେଷକରି ବେସରକାରୀ ଅନୁଷ୍ଠାନର କର୍ମଚାରୀମାନେ, ଦୀର୍ଘସମୟ ପରିଶ୍ରମ କିମ୍ବା କମ୍ପ୍ୟୁଟର ସାମ୍ନାରେ ବସି କାମ କରନ୍ତି। ଟାର୍ଗେଟ୍ ପୂରଣର ଚାପ ହେତୁ ଘରକୁ ଫେରିଲେ ମଧ୍ୟ ଇମେଲ୍ ଓ ଅତିରିକ୍ତ କାମକୁ ମୋବାଇଲ୍ ଓ ଲାପଟପ୍‌ରେ କରିବାକୁ ବାଧ୍ୟ ହୁଅନ୍ତି। ସେମାନେ ସ୍ୱଳ୍ପ ପାରିଶ୍ରମିକରେ ଭବିଷ୍ୟତ ସୁଖଆଶାରେ ଦିନରାତି କାମ କରି ଶାରୀରିକ ରୋଗ ଓ ମାନସିକ ଚାପର ବଶବର୍ତ୍ତୀ ହେଉଛନ୍ତି। ପରିବାର ସହ ସମୟ କାଟିବା କିମ୍ବା ନିଜ ପାଇଁ କିଛିସମୟ ଦେବାକୁ ଭୁଲିଯାଉଛନ୍ତି। ଫଳରେ ପାରିବାରିକ ସୁଖଶାନ୍ତି ବ୍ୟାହାତ ହେଉଛି। ଛାତ୍ରଛାତ୍ରୀମାନେ ସଫଳତା ପାଇଁ ଅତ୍ୟଧିକ ଚାପରେ ରହି ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଶ୍ରାମ ପାଉ ନ ଥିବାରୁ ଶାରୀରିକ ଓ ମାନସିକ ଥକ୍କାପଣର ସମ୍ମୁଖୀନ ହେଉଛନ୍ତି।

ପାରମ୍ପରିକ ଜ୍ଞାନ ପରି ଆଧୁନିକ ଗବେଷଣାରୁ ଜଣାଯାଇଛି ବିଶ୍ରାମ ମଧ୍ୟ କାର୍ଯ୍ୟ ପରି ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ଶରୀରକୁ ବିଶ୍ରାମ ଦେଉ ତେବେ ବ୍ୟସ୍ତବହୁଳ ଜୀବନଶୈଳୀରୁ ଜାତ ରୋଗରୁ ନିଜକୁ ସୁସ୍ଥ ରଖିପାରିବା। ତେଣୁ ଆମ ଜୀବନରେ ପୁଣି ଥରେ ଶୈଳୀ ଅନୁସାରେ ବିଶ୍ରାମ ନେବାର ସମୟ ଆସିଛି। ସେଥିପାଇଁ ସର୍ବପ୍ରଥମେ ୨୪ ଘଣ୍ଟିଆ କାର୍ଯ୍ୟ କରିବାର ସଂସ୍କୃତିକୁ ତ୍ୟାଗ କରିବାକୁ ପଡ଼ିବ। ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟ ଶୋଇବା ନିମିତ୍ତ ବିନିଯୋଗ କରିବାକୁ ପଡ଼ିବ। କାର୍ଯ୍ୟସମୟ ବାହାରେ କାର୍ଯ୍ୟ-ସମ୍ବନ୍ଧୀୟ ଯୋଗାଯୋଗକୁ ଅଣଦେଖା କରିବାକୁ ହେବ। ବ୍ୟକ୍ତି, ସମାଜ, କାର୍ଯ୍ୟାଳୟ ଓ ସରକାର ବିଶ୍ରାମକୁ ମାନବୀୟ ଅଧିକାର ଭାବରେ ସ୍ୱୀକାର କରି ଏକ ସ୍ପଷ୍ଟ ନୀତି, ନିୟମ କିମ୍ବା ସଂକଳ୍ପ ନେବା ଆବଶ୍ୟକ। ବିଶ୍ରାମ ଅଧିକାରକୁ ସଂରକ୍ଷିତ କରିବା ପାଇଁ ପ୍ରସ୍ତାବିତ 'ଅଧିକାର ବିଚ୍ଛିନ୍ନ ବିଲ୍' ର ନୂତନତମ ସଂସ୍କରଣ ଉପରେ ସଂସଦରେ ହୋଇଥିବା ବିତର୍କ ସ୍ୱାଗତଯୋଗ୍ୟ। ଆମେ ନିଜ ଜୀବନ ଓ ପରିସଂସ୍ଥା ପାଇଁ ସକ୍ରିୟ ଭାବରେ ବିଶ୍ରାମକୁ ଅନୁସରଣ କରିବା ଆବଶ୍ୟକ। ପ୍ରତ୍ୟେକ କାର୍ଯ୍ୟନିର୍ଘଣ୍ଟ ୮ ଘଣ୍ଟାରୁ ଅଧିକ ହେବା ଉଚିତ ନୁହେଁ ଏବଂ କାର୍ଯ୍ୟସ୍ଥଳରେ 'ସ୍ୱଳ୍ପବିଶ୍ରାମ'ର ଏକ ନିର୍ଘଣ୍ଟର ଆବଶ୍ୟକ। ସରକାରୀ ବା ବେସରକାରୀ ସଂସ୍ଥାରେ ସମାନ କାର୍ଯ୍ୟ ପାଇଁ ସମାନ ବେତନ ବ୍ୟବସ୍ଥା କଡ଼ାକଡ଼ି ଭାବରେ ପାଳନ ହେବା ଆବଶ୍ୟକ, ଯାହା ସମସ୍ତ କର୍ମଚାରୀଙ୍କୁ ସମ୍ମାନର ସହିତ କାର୍ଯ୍ୟ କରିବା ସହିତ ଗୁଣାତ୍ମକ ଫଳାଫଳ ଦେଇପାରିବ।

ଭାରତୀୟ ସଂସ୍କୃତିରେ ଜୀବନକୁ କେବଳ କର୍ମମୟ ନୁହେଁ, ବରଂ ଶ୍ରମ ଓ ବିଶ୍ରାମର ସନ୍ତୁଳନ ଭାବରେ ଦେଖାଯାଇଛି। ଆଧୁନିକ ଯୁଗରେ ଯଦିଓ ସପ୍ତାହାନ୍ତ ଦିନେ ବା ଦୁଇଦିନ ଛୁଟି ପ୍ରଦାନ କରାଯାଉଛି, ଭାରତୀୟ ପରମ୍ପରାରେ ଦିନ, ମାସ ଓ ଋତୁ ଆଧାରିତ ବିଶ୍ରାମ ବ୍ୟବସ୍ଥା ରହିଥିଲା। ଭାରତୀୟ ଜୀବନଦର୍ଶନରେ ବିଶ୍ରାମକୁ ଶରୀର, ମନ ଓ ପ୍ରକୃତିକୁ ସନ୍ତୁଳିତ ରଖିବାର ଉପାୟ ଭାବରେ ଦେଖାଯାଇଛି। ଯୋଗ, ଧ୍ୟାନ, ବ୍ରତ, ଉପବାସ ଓ ପର୍ବପର୍ବାଣୀ ସବୁର ମୂଳରେ ବିଶ୍ରାମର ତତ୍ତ୍ୱ ଲୁକ୍କାୟିତ ହୋଇ ରହିଛି। ତେଣୁ ବିଶ୍ରାମ ଶରୀରର ମୌନ ଚିକିତ୍ସା ଓ ସଫଳ କର୍ମ ସମ୍ପାଦନର ମାର୍ଗ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

## ଜୀବେ ଦୟା

ଡ଼ ସୀତାକାନ୍ତ ତ୍ରିପାଠୀ

ଜଣେ ବ୍ୟବସାୟୀ ରାସ୍ତାରେ ପାରାମାନଙ୍କୁ ଖାଇବାକୁ ଦେଉଥିବାରୁ ତାଙ୍କୁ ଏକ ଅଦାଲତ ପାଞ୍ଚହଜାର ଟଙ୍କା ଜୋରିମାନା କରିଥିବାର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାକୁ ନେଇ ସାଧାରଣ ଜନମାନସରେ ଅନେକ ଅବୁଝା ପ୍ରଶ୍ନ ଉଙ୍କି ମାରିଛି। ଜୀବମାନଙ୍କୁ ଦୟା କରିବା ପାଇଁ ସମସ୍ତ ଧର୍ମର ଶାସ୍ତ୍ରପୁରାଣଗୁଡ଼ିକ ଉତ୍ସାହିତ କରିଥା'ନ୍ତି। ଏଥିପାଇଁ କେତେ ଗଳ୍ପ, ଆଖ୍ୟାୟିକା ଓ ଉଦାହରଣ ମଧ୍ୟ ରହିଛି। ତେବେ ଅଦାଲତଙ୍କର ଇଏ କି ଅଜବ ନିର୍ଦ୍ଦେଶନାମା? କଥା ହେଉଛି ପାରାମାନଙ୍କ ସଂଖ୍ୟାରେ ଅହେତୁକ ବୃଦ୍ଧି ପାଇବା ଫଳରେ ସେମାନଙ୍କ ମଳରୁ ଅନେକ ରୋଗର ଉତ୍ପତ୍ତି ହେଉଛି, ଯେଉଁଥିପାଇଁ ସ୍ଥାନୀୟ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ପାରାମାନଙ୍କର ବଂଶବୃଦ୍ଧି ସହିତ ଉକ୍ତ ବଦାନ୍ୟ ବ୍ୟକ୍ତିଙ୍କର ଖାଦ୍ୟଦାନର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ସେମାନଙ୍କୁ ଶିକାର ନକରି ଅଭୟ ପ୍ରଦାନ କରୁଥିବା ଲୋକମାନେ ମଧ୍ୟ 'ଜୀବେଦୟା' ଦର୍ଶନର ବିଶ୍ୱାସୀ ନୁହଁନ୍ତି କି?

ପରିବେଶଗତ ସନ୍ତୁଳନ ପାଇଁ ପ୍ରାକୃତିକ ଭାବେ ଖାଦ୍ୟ ଶୃଙ୍ଖଳ ରହିଛି। ଏଥିରେ ଖାଦ୍ୟ ଓ ଖାଦକର ସମ୍ପର୍କ ସୁବ୍ୟବସ୍ଥିତ ଢଙ୍ଗରେ ଚାଲିଥାଏ। ସେହିକ୍ରମରେ ଦେଖିବାକୁ ଗଲେ ମଣିଷ ପ୍ରାକୃତିକ ଭାବେ ଖାଦକ ନୁହେଁ। ତେବେ ବିଭିନ୍ନ କାରଣରୁ ସିଏ ପଶୁ-ପକ୍ଷୀମାନଙ୍କୁ ଶିକାର କରିଥାଏ। ଯାହାଫଳରେ କିଛି ପ୍ରଜାତିର ପଶୁ-ପକ୍ଷୀ ଏବେ ବିଲୋପ ହେବାକୁ ବସିଲେଣି। ଅନେକ ସମୟରେ 'ଜୀବେଦୟା'କୁ ଲୋକମାନେ ଏକ ନିର୍ଦ୍ଦିଷ୍ଟ ପଶୁ କିମ୍ବା ପକ୍ଷୀଙ୍କୁ ବୁଝିଥା'ନ୍ତି। ଏଥିପାଇଁ କିଏ ରାସ୍ତାକଡ଼ରେ କୁକୁରମାନଙ୍କୁ ଖାଇବା ପାଇଁ ଦେଉଥିବା ବେଳେ ଆଉ କେହି ଉଇହୁଙ୍କାରେ ରହୁଥିବା ସାପମାନଙ୍କୁ କ୍ଷୀର ଦେବା ପାଇଁ ଚେଷ୍ଟା କରିଥା'ନ୍ତି କିମ୍ବା ପିମ୍ପୁଡ଼ି ଗାତରେ ଚିନି ଭରିଥା'ନ୍ତି। ଯେଉଁ ସାପମାନଙ୍କୁ ଜଣେ ଭକ୍ତ ମନ୍ଦିରରେ କିମ୍ବା ଉଇ ହୁଙ୍କାରେ କ୍ଷୀର ଦେଇଥାଏ, ସେଇମାନଙ୍କୁ ଅନ୍ୟ ଜାଗାରେ ମାରିବା ପାଇଁ ସିଏ ପଛାଏ ନାହିଁ। ଅନ୍ୟ କେତେକ କ୍ଷେତ୍ରରେ ତଥାକଥିତ ଦୟାଳୁମାନେ ଖାଦ୍ୟଦାନ କରି ପୁଣ୍ୟ ଅର୍ଜନ କରିବା ପାଇଁ ପ୍ରୟାସ କରୁଥିବା ବେଳେ ନିଜ ଘରେ ଥିବା ବୟସ୍କ ବ୍ୟକ୍ତି, ସାହି ପଡ଼ିଶା ତଥା ଅଧସ୍ତନ କର୍ମଚାରୀମାନଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର, ଅଭଦ୍ରୋଚିତ ବ୍ୟବହାର କିମ୍ବା ହତାଦର କରିବା ପାଇଁ ପଛଘୁଞ୍ଚା ଦେଇ ନଥା'ନ୍ତି। ତେଣୁ 'ଜୀବେଦୟା'ର ପ୍ରକୃତ ଅର୍ଥ କ'ଣ?

ଜଣକ ପ୍ରତି ଦୟାଶୀଳ ହେବା ବେଳେ ଅନ୍ୟମାନଙ୍କ ପ୍ରତି ସଠିକ ଆଚାର ବ୍ୟବହାର ପ୍ରତି ମଧ୍ୟ ଲକ୍ଷ୍ୟ କରିବାର ଅଛି। ଜଣଙ୍କର ଉନ୍ନତି ଆଉ କାହାର କ୍ଷତିର କାରଣ ନ ହେବା ଦରକାର। ସେହି ନ୍ୟାୟରେ କାହାର ବଂଶବୃଦ୍ଧି ଏବଂ ଆଉ କାହାର ବଂଶବିନାଶର କାରଣ ନହେବା ଉଚିତ୍। ସେକଥା ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷମାନଙ୍କୁ କ'ଣ ଅଜଣା? ଯେଉଁମାନେ ଲୋକମାନଙ୍କୁ ଅନ୍ନଦାନ କରି ପୁଣ୍ୟାର୍ଜନ କରିବା ପାଇଁ ପ୍ରୟାସ କରିଥା'ନ୍ତି କିମ୍ବା ସମାଜରେ ଆଦୃତ ହେବା ପାଇଁ ଚାହିଁଥା'ନ୍ତି ନେପଥ୍ୟରେ ସେମାନେ ଚାଉଳରେ ଗୋଡ଼ି ମିଶାଇ କିମ୍ବା ଖାଦ୍ୟରେ ଅପମିଶ୍ରଣ କରି ଲୋକମାନଙ୍କର ପ୍ରାଣଘାତକ ହୋଇଥିବାର ଉଦାହରଣ ଆମ ସମାଜରେ ମଧ୍ୟ ଦେଖାଯାଇଥାଏ। ତେଣୁ 'ଜୀବେଦୟା'କୁ ଆମେ କେଉଁ ସଂଜ୍ଞା ଦେବା ତାହା ଏକ ପ୍ରଶ୍ନବାଚୀ ନୁହେଁ କି?

ଆମ ଶାସ୍ତ୍ର କହେ 'କୀଟ ପତଙ୍ଗ ତରୁ ତୃଣ, ସବୁଠି ବିଜେ ନାରାୟଣ'। ଏହି ଦର୍ଶନକୁ ଆଧାର କରି ପଥର, କାଠ, ନଦୀ, ବୃକ୍ଷ, ଲତା, ଜୀବ, ଜନ୍ତୁ ସବୁଙ୍କୁ ଧାର୍ମିକ ଆଧାରରେ ପୂଜା କରାଯାଏ। ଯାହାଫଳରେ ସନ୍ତୁଳିତ ପରିବେଶ ବଜାୟ ରହିବା ସହିତ ସାମାଜିକ ସହାବସ୍ଥାନ ରହିପାରିବ। 'ଜୀବେଦୟା'ର ଅର୍ଥ ନୁହେଁ ମୁଖରେ ହରି, ପେଟରେ ଛୁରୀ। ଜଣଙ୍କୁ ଆଦର ଅଭ୍ୟର୍ଥନା କରିବା ସମୟରେ ଅନ୍ୟମାନଙ୍କୁ ହତାଦର କରିବା ମାନବିକତାର ପରିପନ୍ଥୀ। ପଶୁ-ମଣିଷ ଲଢ଼େଇର ଦ୍ୱାହି ଦେଇ ଆମେ ବଣ୍ୟଜନ୍ତୁମାନଙ୍କୁ ଶିକାର କରିବା, ଉତ୍ପାଦନ ବୃଦ୍ଧି ପାଇଁ ଜମିରେ ବିଷ ପ୍ରୟୋଗ କରିବା, ଖଣି ଓ କଳ କାରଖାନା ସ୍ଥାପନ ପାଇଁ ସବୁଜ ବନାନି ଓ ପାହାଡ଼ମାନଙ୍କୁ ଧ୍ୱଂସ କରିବା ଏ ସମସ୍ତ କଥା ହେଉଛି 'ଜୀବେଦୟା'ର ପରିପନ୍ଥୀ। ତେବେ ଆମେ କ'ଣ ଏସବୁକୁ ବ୍ୟବହାର ନ କରି ବଞ୍ଚିପାରିବା? ଏହାର ବିକଳ୍ପ କ'ଣ?

କଥାରେ ଅଛି, ମଣିଷର ଆବଶ୍ୟକତା ପୂର୍ଣ୍ଣ ପାଇଁ ପ୍ରକୃତି ସବୁକିଛି ଦେଇ ପାରିବ, କିନ୍ତୁ ତା'ର ଲୋଭ ଓ ଅହଙ୍କାର ପାଇଁ ଏହା ଧ୍ୱଂସ ହୋଇଯିବ। ତେଣୁ ପରିବେଶ ସନ୍ତୁଳନ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସର୍ବୋପରି ଏକ ସୁସ୍ଥ ସମାଜ ପାଇଁ 'ଜୀବେଦୟା'ର ପ୍ରକୃତ ଅର୍ଥକୁ କାମରେ ଲଗାଇବାର ଅଛି। 'ଜୀବେଦୟା'ର ସଂଜ୍ଞା ସ୍ଥାନ, କାଳ ଓ ପାତ୍ର ଭେଦରେ ଅଲଗା ଅଲଗା ହୋଇଥାଏ। କାହାରି ପ୍ରତି ଦୟା କରୁଥିବା ବେଳେ ସିଏ ଯେମିତି ଅନ୍ୟ କାହାର କ୍ଷତିର କାରଣ ନହେବ ସେଥିପ୍ରତି ଦୟାଳୁ ବ୍ୟକ୍ତିଜଣକ ଦୃଷ୍ଟି ଦେବାର ଅଛି। କାହା ପ୍ରତି କେତେବେଳେ ଓ କେଉଁ ଢଙ୍ଗରେ ଦୟା କରାଯିବା ଉଚିତ୍ ତାହା ବିଚାର୍ଯ୍ୟ। ନହେଲେ ଜଣଙ୍କ ପ୍ରତି 'ଜୀବେଦୟା' ଅନ୍ୟପ୍ରତି ଜୀବହିଂସାର ସଂଜ୍ଞା ଭାବେ ରୂପାନ୍ତରିତ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇପାରେ।

ଅର୍ଣ୍ଣପାଳ(ଭଦ୍ରକ)
ମୋ: ୯୭୭୮୭୬୪୩୯୪

## ନାରୀର ଲୁହ ଓ ପୁରୁଷର ମନ

### ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଲୁହକଥା ଚିନ୍ତା କଲେ ପ୍ରଥମେ ମନକୁ ଆସେ ସୁପ୍ରସିଦ୍ଧ ହିନ୍ଦୀ କବି ଜୟଶଙ୍କର ପ୍ରସାଦଙ୍କ 'ଆଂଶୁ' କବିତାର ଫକ୍ତିଟିଏ। ଏହାର ଓଡ଼ିଆ ଅନୁବାଦ ହେଲା - 'ଯାହାଥିଲା ଘନୀଭୂତ ପୀଡ଼ା, ସ୍ମୃତି ରୂପେ ଏ ମୋର ମାନସେ, ଏ ଦୁର୍ଦ୍ଦିନେ ଅଶ୍ରୁରୂପେ ସେ ଆଜି ବରଷେ।' ଅବଶ୍ୟ ତାଙ୍କ କଥା ଅନେକାଂଶରେ ସତ୍ୟ। କାରଣ, କେବେ କେମିତି ଆମେ ଆନନ୍ଦାଶ୍ରୁ ବୁହାଇଲେ ମଧ୍ୟ ଅଧିକାଂଶ ସମୟରେ ଦୁଃଖରେ ହିଁ ଅଶ୍ରୁପାତ କରିଥାଉ। ଏ ଉଭୟପ୍ରକାର ଭାବପ୍ରବଣତା ଜନିତ ଲୁହର ରାସାୟନିକ ସଂରଚନା ଭିନ୍ନ ଭିନ୍ନ। ଏହାବ୍ୟତୀତ ଆଖିରେ ଯନ୍ତ୍ରଣା ହେଲେ ମଧ୍ୟ ଲୁହ ଝରିଥାଏ, ଯାହାକି ଭିନ୍ନ ଧରଣର।

ଏହି ସବୁଗୁଡ଼ିକ ମଧ୍ୟରେ ଦୁଃଖରେ କାନ୍ଦିବାର ଲୁହ ଅଧିକ ଶକ୍ତିଶାଳୀ। ଏଥିସହିତ ଶରୀରରୁ ନିଷ୍କାସିତ ହୋଇଯାଏ ଆମ ମାନସିକ ଚାପ ସୃଷ୍ଟିକାରୀ ହର୍ମୋନ। ଫଳରେ ମନ ହାଲୁକା ହୋଇଯାଏ। ପୁନଶ୍ଚ ନାରୀ ଓ ପୁରୁଷଙ୍କ ଲୁହର ରାସାୟନିକ ସଂରଚନାରେ ମଧ୍ୟ ପ୍ରଭେଦତା ରହିଛି। ତେବେ ତନ୍ମଧ୍ୟରୁ ନାରୀର ଲୁହ ଅଧିକ ପ୍ରଭାବଶାଳୀ। ଏଥିରେ ଥିବା କିଛି ରସାୟନ ଆଘ୍ରାଣ କଲେ ପୁରୁଷର ଆକ୍ରମଣାତ୍ମକ ସ୍ୱଭାବ ପ୍ରଶମିତ ହୁଏ ବୋଲି ଜଣାପଡ଼ିଛି। ଏହା ଅନୁଯାୟୀ ପ୍ରତ୍ୟେକ ଲୋକର କ୍ରନ୍ଦନ ଜନିତ ଲୁହ ତା' ସଂସ୍ପର୍ଶରେ ଆସୁଥିବା ଅନ୍ୟ ପ୍ରତି ଏକ ରାସାୟନିକ ସଂକେତ ବହନ କରିଥାଏ। ତେବେ ପୁରୁଷ ଉପରେ ନାରୀ ଲୁହର ପ୍ରଭାବ ସର୍ବାଧିକ ବୋଲି କିଛିବର୍ଷ ତଳେ ଗବେଷଣା ପତ୍ରିକା 'ସାଇନସ୍'ରେ ସୂଚୀତ କରିଥିଲେ ଇସ୍ରାଏଲର ୱିଜ୍‌ମ୍ୟାନ୍ ଇନଷ୍ଟିଚ୍ୟୁଟ୍ ସ୍ନାୟୁବିଜ୍ଞାନୀ ନୋଆମ ସୋବେଲ୍। ତାଙ୍କ ସହଯୋଗୀମାନେ ସେମାନଙ୍କ ଅଧ୍ୟୟନ ଅନୁସାରେ ଏହା ପୁରୁଷଠାରେ ଅକ୍ରମଣାତ୍ମକ ମନୋଭବ ଏବଂ ଯୌନ ପ୍ରବଣତାକୁ ବହୁମାତ୍ରାରେ ପ୍ରଶମିତ କରି ତା' ମନରେ ସକାରାତ୍ମକ ଚିନ୍ତାଧାରାର ଉଦ୍ରେକ ଘଟାଏ। ସେମାନେ ତାଙ୍କ ଅଧ୍ୟୟନରେ ନେଇଥିବା ଦୁଇଦଳ ପୁରୁଷମାନଙ୍କ ମଧ୍ୟରୁ ଗୋଟିକୁ ନାରୀମାନଙ୍କଠାରୁ ସଂଗୃହୀତ ଲୁହ ଏବଂ ଅନ୍ୟଟିକୁ ସାଧାରଣ ଲୁଣ ପାଣି ଆଘ୍ରାଣ କରିବାକୁ ଦେଇ ସେମାନଙ୍କ ଭାବପ୍ରବଣତାରେ ଅସୁଥିବା ପରିବର୍ତ୍ତନକୁ ଲକ୍ଷ୍ୟ କରିଥିଲେ।

ଅବଶ୍ୟ ଆଜି ପର୍ଯ୍ୟନ୍ତ ଏ ଅଧ୍ୟୟନ କରାଯାଇଛି ସୀମିତ ରୂପେ। ତେବେ ତହିଁରେ ବ୍ୟବହୃତ ହୋଇଛି ବହୁ ଉନ୍ନତ ପ୍ରଯୁକ୍ତିବିଦ୍ୟା। ଫଳରେ ଏ ସମୟରେ ପୁରୁଷର ଶରୀରରେ ଫୁଂହରମୋନ 'ଟେଷ୍ଟୋଷ୍ଟେରନ'ର ମାତ୍ର ହ୍ରାସ ହେବାର ଜଣାପଡ଼ିଛି। ପୁନଶ୍ଚ ତା' ମସ୍ତିଷ୍କରେ ସାମୟିକ ଗାଠନିକ ପରିବର୍ତ୍ତନ ଏବଂ ତା'ଠାରେ ଯୌନ ପ୍ରବଣତା ହ୍ରାସ ହେବାର ମଧ୍ୟ ଦେଖାଯାଇଛି। ସୋବେଲ୍‌ଙ୍କ ମତରେ ନାରୀ ଲୁହ ଏପରି ରାସାୟନିକ ସଂକେତ ଦିଏ, ଯାହାକୁ ଏକ ଭାଷା ବୋଲି ମନେ କରାଯାଇପାରିବ। ପୁରୁଷର ମସ୍ତିଷ୍କ ତାହା ବୁଝିପାରେ ଏବଂ ତା'କୁ ଆକ୍ରମଣାତ୍ମକ କିମ୍ବା ଯୌନପ୍ରବଣ ହେବାରୁ ନିବୃତ୍ତ କରେ। ଅବଶ୍ୟ ଏହି ପ୍ରତିକ୍ରିୟାଗୁଡ଼ିକ ନିର୍ଦ୍ଦିଷ୍ଟ ରୂପେ ବୁଝିବାକୁ ହେଲେ ଅଧିକ ପରୀକ୍ଷା ନିରୀକ୍ଷା ଲୋଡ଼ା ବୋଲି ତାଙ୍କର ମତ।

ପୁନଶ୍ଚ ସୋଗଲେ କହନ୍ତି ଯେ ଲୁହର ଏପ୍ରକାର ରାସାୟନିକ ସଂକେତ ପ୍ରଦାନକାରୀ ପ୍ରକ୍ରିୟା କେବଳ ମଣିଷ ମଧ୍ୟରେ ସୀମିତ କି ଅନ୍ୟ ଜୀବମାନଙ୍କ ପ୍ରତି ପ୍ରଯୁଜ୍ୟ ତାହା ନିର୍ଦ୍ଦିଷ୍ଟ ରୂପେ ଜଣାପଡ଼ିନାହିଁ। ତେବେ ମୂଷାଠାରେ ହୋଇଥିବା ଏକ ପରୀକ୍ଷାରୁ ଏଭଳି ସମ୍ଭାବନା ଥିବାର ମନେ ହେଉଛି। ଏଥିରେ ମାଇମୂଷାମାନଙ୍କଠାରୁ ସଂଗୃହୀତ ଲୁହକୁ ଅଣ୍ଡିରା ମୂଷାମାନଙ୍କ ମୁହଁରେ ବୋଳି ଦଆଯାଇଥିଲା। ତାହା ତାଙ୍କ ଉଦ୍ଧାମତା ଓ ଯୌନପ୍ରବଣତାକୁ ହ୍ରାସ କରିବାର ଦେଖାଯାଇଥିଲା। ସେମାନେ ଶାନ୍ତ ଆଚରଣ ଦେଖାଇଥିଲେ। ଅତଏବ ଏଥିରୁ ମନେହୁଏ ଯେ ଏପ୍ରିକ୍ରିୟା ହୁଏତ ଜୀବଜଗତର ଅନ୍ୟକେତକ ପ୍ରାଣୀମାନଙ୍କ ପ୍ରତି ପ୍ରଯୁଜ୍ୟ ହୋଇପାରେ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ପ୍ରଦୂଷଣ ପ୍ରମାଣପତ୍ର ନାମରେ ଲୁଟ୍‌ର ପ୍ରତିବାଦ

# ଗର୍ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ

ବାରିପଦା, ୧୨।୧(ସମିସ): ପ୍ରଦୂଷଣ ପ୍ରମାଣପତ୍ର ନାମରେ ବିଜେପି ସରକାର ସାଧାରଣ ଲୋକଙ୍କୁ ଲୁଟୁଛି। ଏପରି ଅଭିଯୋଗ କରି ସୋମବାର ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜନ କରିଛନ୍ତି। ସରକାରଙ୍କ ଏହି

## ଜିଲ୍ଲାପାଳଙ୍କ ଅଫିସ୍ ଘେରଉ

ଜନବିରୋଧୀ ନୀତି ବିରୋଧରେ ଏକ ବିଶାଳ ପ୍ରତିବାଦ ସଭା କରାଯାଇଥିଲା। ଯୁବ ଓ ଛାତ୍ର ନେତାମାନେ ରାଜ୍ୟ ସରକାରଙ୍କ ଅନ୍ଧନୀତିକୁ କଟୁ ଆଲୋଚନା କରିଥିଲେ।

ମୟୂରଭଞ୍ଜ ଯୁବ ସଭାପତି ଅରୁଣ ବରାଡ଼ ଓ ଛାତ୍ର ସଭାପତି ସୁନୀଲ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରାଜ୍ୟ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ରାଜ୍ୟ ବିଜୁ ଛାତ୍ର ସଭାପତି ଇପସିତା ସାହୁ, ମୟୂରଭଞ୍ଜ ବିଜୁ ଜନତା ଦଳ ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ଭୀଷଣ ବର୍ଷିଥିଲେ। ସେମାନେ କହିଥିଲେ ଯେ ସରକାରଙ୍କ ଏହି ଅନ୍ଧନୀତି ଯୋଗୁଁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମଗ୍ର ରାଜ୍ୟବାସୀ ଦହଗଞ୍ଜ ହେଉଛନ୍ତି। ପରେ ଦଳ ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ




ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ଡା. ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଓ ଶ୍ରୀନାଥ ସୋରେନ୍, ରାଇସେନ୍ ମୁର୍ମୁ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଧୀରେନ ନାୟକ, ସୁବ୍ରମଣ୍ୟମ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଦେବାଶିଷ ମହାନ୍ତି, ଉପନଗର ପାଲ ସୀମା ଦାସ, ପ୍ରଭାତ ନାୟକ, ପ୍ରଭାତ ମହାନ୍ତି, ସୁଧନ୍ୟା ନାୟକ, ସୁନ୍ଦର ସିଂ, ନରେନ୍ଦ୍ର ହାଁସଦା, ସୁବୋଧ ମାର୍ଣ୍ଡି, ଅବଦୁଲ ହବିବ, ଆଭାସ ଦେ, ରାଜୀବ ଜେନା, ରଜନୀକାନ୍ତ ମହାନ୍ତ, ହରେକୃଷ୍ଣ ଦାସ, ଦେବଜିତ ପଟ୍ଟନାୟକ, ବିକାଶ ମହାନ୍ତ, ଶିବଶଙ୍କର ପାତ୍ର, ଆଶୀର୍ବାଦ ଦାସ, କାମିନୀକାନ୍ତ ପରିଡା, ସେକ୍ ହାକିମ, ଧାନି କିସ୍କୁ, ମଝିଆ ଟୁଡୁ, ନିରଜ୍ ଦାସ, ସରୋଜ୍ ବୋସ, ଅନନ୍ତ ଦାସ, ଦେବାଶିଷ ପାତ୍ର, ସୁଜିତ ମହାନ୍ତି, ସୁଧୀର ବାରିକ, କୁମାର ମୁଖି, ପ୍ରଭାତୀ ପୃଷ୍ଟି, ଅମର ସେଠୀ, ସୁକେଶିନୀ ସେଠୀ, ରାଜ ଗୁପ୍ତା, ଅନୁରାଧା ମହାନ୍ତି, ବିଶ୍ୱଜିତ୍ ପରିଛା, ଚିତେଶ୍ୱର ବେହେରା, ମନିସଙ୍କର ବାରିକ୍, ଖେଲାରମ୍ ଟୁଡୁ, ସାଗର ସାହୁ, ଚନ୍ଦ୍ରଶେଖର ସାହୁ, ଅମ୍ବିକା ରାଉତ୍, ସେକ୍ ଅମନ୍‌ଉଲ୍ଲା, ଗୋବିନ୍ଦ ବେହେରା, ବାବୁ ସେଜପଡ଼ା, ଭବାନୀ ଧଡା, ଶୈଳେଶ ବିଶ୍ୱାଳ, ଆଶିଷ ଦାସ, ଅଭିଜିତ କଲିଆ, ଦେବବ୍ରତ ସେନାପତି, ଅମରଜିତ୍ ସେଠୀ, ସୁଶାନ୍ତ ପଷା, ଦୀପକ ମଡୁଆଳ, ଭୀଷ୍ମ ମହାନ୍ତ, ନୀହାର ରଞ୍ଜନ ମହାପାତ୍ର, ସୁମନ୍ତ ମହାନ୍ତ, ଅଶ୍ୱିନୀ ମହାନ୍ତ, ଅକ୍ଷୟ ସାହୁ, ସତ୍ୟଜିତ ଦତ୍ତ, ବାପି ମହାନ୍ତ, ଅମିତ ମହାକୁଡ, ଅମିତ ବୈଠାଙ୍କ ସମେତ ବହୁ ଯୁବ ସ ଛାତ୍ର ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

---

**ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

# ବିବାହ ସମ୍ପର୍କିତ ନିଷ୍ପତ୍ତିରେ ସାବାଳିକା ଝିଅର ସମ୍ମତି ନିଆଯିବା ଉଚିତ

କଟକ,୧୨।୧(ସମିସ): ବାଧ୍ୟତାମୂଳକ ବିବାହକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ପରିବାର ତଥା ଅଭିଭାବକଙ୍କ ପକ୍ଷରୁ ବିବାହ ଭଳି ସାମାଜିକ ବନ୍ଧନ ନେଇ କୌଣସି ନିଷ୍ପତ୍ତି ନିଆଯିବା ପୂର୍ବରୁ ଜଣେ ସାବାଳିକା ଝିଅର ନିଷ୍ପତ୍ତି ହିଁ ସର୍ବୋପରି ଏବଂ ତାଙ୍କର ସମ୍ମତି ନିହାତି ଆବଶ୍ୟକ। ବିଶେଷକରି ଜବରଦସ୍ତି ବିବାହ କରାଇବା ଏକ ସୁସ୍ଥ ସମାଜ ପାଇଁ ଅନୁକୂଳ ନୁହେଁ। ପିତାମାତା ସେମାନଙ୍କ ନିଷ୍ପତ୍ତି ଯେଭଳି ଜଣେ ପ୍ରାପ୍ତବୟସ୍କା ଝିଅ ଉପରେ ନ ଲଦିବେ, ସେନେଇ ପ୍ରଶାସନ ସଚେତନତା କାର୍ଯ୍ୟକ୍ରମ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଝିଅ ନିଖୋଜ ଥିବା ଅଭିଯୋଗ ନେଇ ବାପାଙ୍କ ତରଫରୁ ଦାୟର ଏକ ପିଟିସନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି।

ଝିଅଜଣଙ୍କ ରହୁଥିବା ସ୍ଥାନକୁ ଯେପରି ସହଜରେ ଫେରିବେ ଏବଂ ତାଙ୍କ ଜୀବନରେ ଅଭିଭାବକ ଓ ତଥା କଥିତ ସ୍ୱାମୀଙ୍କ ଯେପରି କୌଣସି ହସ୍ତକ୍ଷେପ ନ ରହିବ, ତାହା ସୁନିଶ୍ଚିତ କରିବାକୁ ପୁଲିସକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଝିଅର ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେବା ଆବେଦନର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ କାକଟପୁର ଅଞ୍ଚଳର ଝିଅ ନିଖୋଜ ଥିବା ନେଇ ବାପା ଅଭିଯୋଗ କରିଥିଲେ। ଏହା ପରେ ନିଖୋଜ ଝିଅକୁ ଉଦ୍ଧାର ପାଇଁ ବାପା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୋବାଇଲ ନମ୍ବରରୁ ଝିଅକୁ ଠାବ କରି ପୁଲିସ ଯୋଗାଯୋଗ କରିଥିଲା। ଝିଅ ନିଜ ଇଚ୍ଛାରେ ରାଜ୍ୟ ବାହାରକୁ ଯାଇ ଏକ ସଂସ୍ଥାରେ କାର୍ଯ୍ୟ କରୁଥିବା ନେଇ ପୁଲିସକୁ ଅବଗତ କରିଥିଲା। ଏହାପରେ ହାଇକୋର୍ଟ ଝିଅକୁ ବ୍ୟକ୍ତିଗତ ଭାବେ ହାଜର କରାଇବା ପାଇଁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଝିଅ ଜଣକ ହାଜର ହୋଇ କହିଥିଲେ ଯେ, ତାଙ୍କ ସମ୍ମତି ବିନା ଜୋର ଜବରଦସ୍ତ ବିବାହ ଦିଆଯାଇଥିଲା। ସେ ଏବେ ପ୍ରାପ୍ତବୟସ୍କା ଏବଂ ରୋଜଗାରକ୍ଷମ ହୋଇଥିବାରୁ ସ୍ୱାମୀ କିମ୍ବା ପରିବାର ସହ ରହିବାକୁ ଚାହୁଁନାହାନ୍ତି ବୋଲି ସ୍ପଷ୍ଟ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅମୀୟ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଟାଙ୍ଗୀରେ ଅବକାରୀ ଚଢ଼ଉ: ୨୯ ଲକ୍ଷର ବ୍ରାଉନସୁଗର ଜବତ

କଟକ,୧୨।୧(ସମିସ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ନିଶା କାରବାର ସୂଚନା ପାଇ ଟାଙ୍ଗୀ ଅଞ୍ଚଳରେ ବଡ ଧରଣର ଚଢଉ କରିଛି। ସେଠାରୁ ୨ ଜଣ ପେସାଦାର ନିଶା ବେପାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଯାଜପୁର ଜିଲ୍ଲା ବୈରୀ ଥାନା ସୋଲାର ଗାଁର ପ୍ରକାଶ କୁମାର ମହାପାତ୍ର(୪୭) ଓ ପର୍ଶୁରାମ ସାହୁ(୩୪)। ଏମାନଙ୍କ ପାଖରୁ ମୋଟ ୨୯୧ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି।

ସୂଚନା ଅନୁସାରେ, ଆଜି ପୂର୍ବାହ୍ନରେ ଜାତୀୟ ରାଜପଥର ଟାଙ୍ଗୀ ଛକ ନିକଟରେ ପ୍ରକାଶ ନିଶାଦ୍ରବ୍ୟ ଧରି ବସ ଅପେକ୍ଷାରେ ଛିଡା ହୋଇଥିଲା। ଏହି ସୂଚନା ପାଇବାମାତ୍ରେ ଫ୍ଲାଇଂ ସ୍କ୍ୱାଡ ସେଠାରେ ଚଢଉ କରି ତାକୁ ଗିରଫ କରିଥିଲା। ସହଯୋଗୀ ପର୍ଶୁରାମ ମଧ୍ୟ ନିଶାଦ୍ରବ୍ୟ ଧରି ଆସିଥିବା ସମ୍ପର୍କରେ ପ୍ରକାଶ ପାଖରୁ ସୂଚନା ମିଳଥିଲା। ଏହାପରେ ଅବକାରୀ ଟିମ ନିକଟସ୍ଥ ଗୋବିନ୍ଦପୁର ଓଭରବ୍ରିଜ ନିକଟରେ ଚଢଉ କରିଥିଲା। ସେଠାରେ ଗ୍ରାହକ ଅପେକ୍ଷାରେ ଥିବା ପର୍ଶୁରାମକୁ ଗିରଫ କରାଯାଇଥିଲା। ଉଭୟଙ୍କ ପାଖରୁ ମୋଟ ୨୯୧ ଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରାଯାଇଛି। ଯାହାର ବଜାର ମୂଲ୍ୟ ପ୍ରାୟ ୨୯ ଲକ୍ଷ ଟଙ୍କା ହେବ। ଉଭୟ ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି ଯାଜପୁର ସମେତ ଟାଙ୍ଗୀ, ଛତିଆ ଅଞ୍ଚଳରେ କାରବାର କରୁଥିବା ଜଣାପଡିଛି। ଏମିତିକି ସେମାନେ ବସ ଯୋଗେ ନିଶାଦ୍ରବ୍ୟ ଧରି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ଜଣାପଡିଛି। ଉଭୟଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାକାଶରେ ପିଏସ୍‌ଏଲ୍‌ଭି...

ଗତିପଥରୁ ବାହାରି ଯାଇଥିଲା। ତୃତୀୟ ପର୍ଯ୍ୟାୟରେ ତ୍ରୁଟି ଯୋଗୁଁ ଏହା ଫେଲ୍ ମାରିଥିଲା। ସୂଚନାଯୋଗ୍ୟ ଯେ ଇସ୍ରୋ ପକ୍ଷରୁ ଆଜି ସୁଦ୍ଧା ୬୪ ଥର ପିଏସ୍‌ଏଲ୍‌ଭିର ଉତ୍କ୍ଷେପଣ କରାଗଲାଣି। ଏଥିମଧ୍ୟରୁ ପିଏସ୍‌ଏଲ୍‌ଭି ୫ ଥର ବିଫଳ ହୋଇଛି। ଏହା ଇସ୍ରୋର ଖରାପ ପ୍ରଦର୍ଶନ ବୋଲି କୁହାଯାଇପାରିବ ନାହିଁ। କିନ୍ତୁ ଏହା ନିଶ୍ଚିତ ଭାବେ ଇସ୍ରୋର ମହାକାଶ କାର୍ଯ୍ୟକ୍ରମ ପାଇଁ ଝଟକା ବୋଲି କୁହାଯିବ। କାରଣ ପିଏସ୍‌ଏଲ୍‌ଭି ସହିତ ବ୍ରିଟେନ, ବ୍ରାଜିଲ ଓ ନେପାଳ ସମେତ ଅନେକ ଦେଶର ଉପଗ୍ରହ ପ୍ରେରଣ କରାଯାଇଥାଏ। ଆଜି ପିଏସ୍‌ଏଲ୍‌ଭି ସହିତ ହାଇଦ୍ରାବାଦ ସ୍ଥିତ ଧ୍ରୁବ ମହାକାଶ ସଂସ୍ଥାର ୭ଟି ଉପଗ୍ରହ ଖଞ୍ଜା ହୋଇଥିଲା। ବ୍ୟାବସାୟିକ ଦୃଷ୍ଟିକୋଣରୁ ମଧ୍ୟ ଏହା ନୈରାଶ୍ୟଜନକ ହୋଇଛି। ପିଏସ୍‌ଏଲ୍‌ଭିକୁ ଭାରତ ସବୁଠାରୁ ନିର୍ଭରଯୋଗ୍ୟ ରକେଟ ଭାବେ ବିବେଚନା କରାଯାଏ ଏବଂ ବ୍ୟାବସାୟିକ ଦୃଷ୍ଟିକୋଣରୁ ମଧ୍ୟ ବିଶେଷ ଗୁରୁତ୍ୱ ବହନ କରେ।

### ମିଳିବନି ୮୦୦ ଟଙ୍କା...

ନାହିଁ ବୋଲି ଗୁପ୍ତ ନିଷ୍ପତ୍ତି ହୋଇଛି। ଏମଏସପି ଧାନ କୁଇଣ୍ଟାଲ ପିଛା ୬୯ ଟଙ୍କା ବଢ଼ିଥିଲେ ମଧ୍ୟ ତାହା ଦିଆଯାଉ ନାହିଁ। କଟନିଛଟନି ଏକ ନିୟମରେ ପରିଣତ ହୋଇସାରିଛି। ତେଣୁ ସରକାର ପୂର୍ବରୁ ଯେଉଁ ଘୋଷଣା କରିଥିଲେ, ତାହାକୁ ପାଳନ କରନ୍ତୁ ବୋଲି ସେ କହିଛନ୍ତି।

### ପୁଣି ଫେରିଲା...

ଆଗାମୀ ୩ ଦିନ ପର୍ଯ୍ୟନ୍ତ ଉପକୂଳଠୁ ନେଇ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଶୀତର ପ୍ରକୋପ ଦେଖିବାକୁ ମିଳିବ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ଶୀତକୁ ନେଇ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ବୌଦ୍ଧ, ଅନୁଗୋଳ ଓ ଝାରସୁଗୁଡ଼ା ରହିଛି। ସେହିପରି ପରବର୍ତ୍ତୀ ୨ ଦିନ ପାଇଁ ମଧ୍ୟ ବିଭିନ୍ନ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

### ବିନା ବନ୍ଧକରେ...

ପହଞ୍ଚିଛି। କୌଣସି ବନ୍ଧକ କିମ୍ବା ସୁରକ୍ଷା ବିନା ଦିଆଯାଇଥିବା ଏହି ଋଣରେ ଏଭଳି ଘାତକ ବୃଦ୍ଧି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରତି ବଡ଼ ବିପଦ କୁହାଯାଉଛି। ଏଥିଯୋଗୁ ମୋଟ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ୨୦୦୫ ଆର୍ଥିକବର୍ଷରେ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ୧୭.୭% ରହିଥିବାବେଳେ ୨୦୦୫ ଆର୍ଥିକବର୍ଷରେ ଏହା ୨୪.୫%କୁ ବୃଦ୍ଧି ପାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୧୯ ଆର୍ଥିକବର୍ଷଠାରୁ ମୋଟ ଋଣରେ ଅସୁରକ୍ଷିତ ଋଣର ଅଂଶ କ୍ରମାଗତ ଭାବରେ ୨୦% ଉପରେ ରହିଛି। ଯେହେତୁ ଏହି ଋଣଗୁଡ଼ିକ ବିନା ବନ୍ଧକରେ ଦିଆଯାଇଛି, ତେଣୁ ସେଗୁଡିକର ବର୍ଦ୍ଧିତ ପରିମାଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମ୍ଭାବ୍ୟ ଋଣ ବିପଦ ସମ୍ପର୍କରେ ଆଗୁଆ ସୂଚନା ଦେଉଛି। ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ମୋଟ ଅସୁରକ୍ଷିତ ଋଣରେ ଦେଶର ସରକାରୀ ବ୍ୟାଙ୍କଗୁଡିକର ଅଂଶ ୫୩% ରହିଥିବାବେଳେ, ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ଅଂଶ ୩୮% ରହିଛି। ସେହିପରି ଏଥିରେ ବିଦେଶୀ ବ୍ୟାଙ୍କଗୁଡ଼ିର ଅଂଶ ୭% ଏବଂ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କଗୁଡ଼ିକର ଅଂଶ ୨% ରହିଛି। କୌତୂହଳର ବିଷୟ ହେଉଛି, ବ୍ୟାଙ୍କରେ ଅସୁରକ୍ଷିତ ଋଣ ସୁରକ୍ଷିତ ଋଣ ଅପେକ୍ଷା ବହୁତ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ନିକଟରେ ଡିସେମ୍ବରରେ ଆର୍ବିଆଇ ଏହାର ଆର୍ଥିକ ସ୍ଥିରତା ରିପୋର୍ଟରେ ମଧ୍ୟ ବୃଦ୍ଧି ପାଉଥିବା ଅସୁରକ୍ଷିତ ଋଣ ପ୍ରସଙ୍ଗ ଉଠାଇଛି। ଫିନଟେକ୍ ଋଣଦାତାଙ୍କ ମୋଟ ଋଣର ୭୦%ରୁ ଅଧିକ ଅସୁରକ୍ଷିତ ଋଣ ରହିଛି। ଏହି ଋଣର ଅଧାରୁ ଅଧିକ ୩୫ ବର୍ଷରୁ କମ୍ ବୟସର ଋଣଗ୍ରହୀତାଙ୍କୁ ଦିଆଯାଇଛି, ଯାହା ଅସୁରକ୍ଷିତ ଋଣ କ୍ଷେତ୍ରରେ ଯୁବ ଋଣଗ୍ରହୀତାଙ୍କ ବର୍ଦ୍ଧିତ ଅଂଶକୁ ପ୍ରତିଫଳିତ କରୁଛି। ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ସମ୍ପ୍ରତି ହ୍ରାସ ପାଉଥିବାବେଳେ, ଅସୁରକ୍ଷିତ ଋଣ ବଢୁଥିବାରୁ ପୁନର୍ବାର ଏହା ଏନ୍‌ପିଏ ରେ ବୃଦ୍ଧି ଘଟାଇବା ଆଶଙ୍କା ସୃଷ୍ଟି କରିଛି।

### ବଢ଼ିଲା ନିର୍ବାଚନମଣ୍ଡଳୀ...

ସଂଖ୍ୟା ୨୦୦ ଛୁଇଁବ ବୋଲି ଦେଇଥିବା ଟିପ୍ପଣୀ ରାଜ୍ୟରେ ରାଜନୈତିକ ମହଲକୁ ଉଷ୍ମ କରି ଦେଇଛି। ରାଜ୍ୟରୁ ଜାତୀୟ ସ୍ତର ଯାଏଁ ବିଭିନ୍ନ ଚର୍ଚ୍ଚା, ଆଲୋଚନା ପ୍ରକାଶ ପାଉଛି।

ସଡ଼କ ସୁରକ୍ଷା ସଂକ୍ରାନ୍ତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଯେଉଁ ରାଜ୍ୟ ବିଧାନସଭା ଅଛି, ସେଥିରେ ଅତି ବେଶିରେ ଆଉ ୩-୪ ଜଣ ବସିପାରିବେ। ନୂଆଦିଲ୍ଲୀରେ ଯେପରି ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ ହୋଇଛି, ଠିକ୍ ସେପରି ଭାବେ ରାଜ୍ୟରେ ନୂଆ ବିଧାନସଭା ଗଠନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଡିଲିମିଟେସନ ପ୍ରକ୍ରିୟାରେ ପ୍ରାୟ ୫୦ଟି ବିଧାନସଭା ଆସନ ବଢ଼ି ଏହା ୨୦୦ରେ ପହଞ୍ଚିବାର ସମ୍ଭାବନା ରହିଛି। ଆଗାମୀ ୫୦ରୁ ୧୦୦ ବର୍ଷକୁ ଆଖି ଆଗରେ ରଖି ୩୦୦ ସିଟ୍ ବିଶିଷ୍ଟ ବିଧାନସଭା ସୌଧ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ମନ୍ତବ୍ୟ ପରେ ସାଧାରଣରେ ଏନେଇ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ସମ୍ବିଧାନର ଅନୁଚ୍ଛେଦ ୮୨ (ଲୋକସଭା) ଓ ୧୭୦ (ବିଧାନସଭା) ଅନୁଯାୟୀ ପ୍ରତ୍ୟେକ ଜନଗଣନା ପରେ ସୀମା ପୁନର୍ନିର୍ଦ୍ଧାରଣ ହେବାର ବ୍ୟବସ୍ଥା ରହିଛି। ଶେଷଥର ପାଇଁ ୧୯୭୧ ଜନଗଣନାକୁ ଆଧାର କରି ଦେଶରେ ଲୋକସଭା ତଥା ବିଭିନ୍ନ ରାଜ୍ୟର ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ହୋଇଥିଲା। ୨୦୦୧ ଜନଗଣନା ଆଧାରରେ ୨୦୦୮ରେ ଲୋକସଭା ଓ ବିଧାନସଭା ଆସନ ପୁନଃସୀମା ନିର୍ଦ୍ଧାରଣ ହୋଇଥିଲା। ରାଜ୍ୟର ଲୋକସଭା ଆସନ ସଂଖ୍ୟା ବଦଳି ନଥିଲେ ମଧ୍ୟ ସୀମା ପୁନଃନିର୍ଦ୍ଧାରଣ ହୋଇଥିଲା। ତେବେ ଆସନ୍ତା ୨୦୨୭ ମସିହା ମାର୍ଚ୍ଚ ମାସରେ ଦେଶବାପୀ ଜନଗଣନା କାର୍ଯ୍ୟକ୍ରମ କରାଯିବ। ଏହାପରେ ଦେଶବ୍ୟାପୀ ଡିଲିମିଟେସନ ପ୍ରକ୍ରିୟାକୁ ଆଗେଇ ନିଆଯିବ ବୋଲି ଜଣାପଡ଼ିଛି। ପୂର୍ବରୁ ମଧ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ଉଭୟ ଲୋକସଭା ଏବଂ ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ନେଇ ସଙ୍କେତ ଦେଇ ସାରିଛନ୍ତି। ଏସବୁକୁ ବିଚାରକୁ ନେଲେ ରାଜ୍ୟରେ ପ୍ରାୟ ୬ରୁ ୭ଟି ଲୋକସଭା ଆସନ ବଢ଼ିବାର ସମ୍ଭାବନା ରହିଛି।

ଅପରପକ୍ଷେ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ସୀମା ପୁନର୍ନିର୍ଦ୍ଧାରଣ ସମ୍ଭାବନା ସଂଖ୍ୟା କମ୍ ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ ୨୦୧୧ ମସିହାରେ ଜନଗଣନା ହୋଇଥିଲା। ୨୦୧୩ ମସିହା ଏପ୍ରିଲ ମାସରେ ଜନଗଣନାର ସମ୍ପୂର୍ଣ୍ଣ ତଥ୍ୟ କେନ୍ଦ୍ର ସରକାର ପ୍ରକାଶ କରିଥିଲେ। ତେଣୁ ୨୦୨୭ରେ ହେବାକୁ ଥିବା ଜନଗଣନାର ତଥ୍ୟ ସମ୍ପୂର୍ଣ୍ଣ ଭାବେ ୨୦୨୯ ମାର୍ଚ୍ଚ ବେଳକୁ ପ୍ରକାଶ ପାଇପାରେ। ଏପରିସ୍ଥଳେ ୨୦୨୯ ସାଧାରଣ ନିର୍ବାଚନ ସୀମା ପୁନର୍ନିର୍ଦ୍ଧାରଣ ଆଧାରରେ ଅନୁଷ୍ଠିତ ହେବା ସମ୍ଭବ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ ଯଦି ସରକାର ଆଗୁଆ ତଥ୍ୟ ପ୍ରକାଶ କରନ୍ତି, କିମ୍ବା ଆନୁମାନିକ ଜନସଂଖ୍ୟା ଆଧାରରେ ଆଗୁଆ ସୀମା ପୁନର୍ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପନ୍ନ କରନ୍ତି, ତାହେଲେ ୨୦୨୯ ସାଧାରଣ ନିର୍ବାଚନ ଅଧିକ ଲୋକସଭା ଆସନରେ ଲଢ଼ାଯିବ ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛନ୍ତି।

ଅପରପକ୍ଷେ ସୀମା ପୁନର୍ନିର୍ଦ୍ଧାରଣରେ ଯଦି ଜନସଂଖ୍ୟାକୁ ମାନଦଣ୍ଡ ରୂପେ ନିଆଯାଏ ତାହେଲେ ଏଥିରେ ଓଡ଼ିଶା ସମେତ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଆସନ ହ୍ରାସ ଘଟିବାର ସମ୍ଭାବନା ଥିବା ନେଇ ସବୁ ରାଜ୍ୟମାନେ ଆଶଙ୍କା କରୁଛନ୍ତି। ଗତ ୨୦୨୪ ମସିହା ମାର୍ଚ୍ଚ ମାସରେ ଚେନ୍ନାଇରେ ଏନେଇ ବିଭିନ୍ନ ଦଳମାନେ ବୈଠକ କରି ଏନେଇ ଉଦବେଗ ପ୍ରକାଶ କରିଥିଲେ। ବୈଠକରେ ଏକ ଭିଡିଓ ବାର୍ତ୍ତାରେ ନବୀନ କହିଥିଲେ ଯେ କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ ଯେଉଁମାନେ ଜାତୀୟ ପ୍ରାଥମିକତା ସହିତ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି। ବିଗତ ବର୍ଷ ମାନଙ୍କରେ ଜନ୍ମହାର ହ୍ରାସ ଦିଗରେ ଓଡ଼ିଶା ସଫଳତାର ସହ କାର୍ଯ୍ୟ କରିଛି। ମାତ୍ର ଜନସଂଖ୍ୟା ମାନଦଣ୍ଡ ହେଲେ ଆମେ ଉଭୟ ଲୋକସଭା ଏବଂ ବିଧାନସଭାରେ ଆସନ ହରାଇବୁ। ଓଡ଼ିଶା ଭଳି ରାଜ୍ୟଗୁଡ଼ିକ ଯେଉଁମାନେ ବର୍ଷ ବର୍ଷ ଧରି ନିରନ୍ତର ପ୍ରୟାସ ପରେ ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିଛନ୍ତି ସେମାନଙ୍କୁ ନିରୁତ୍ସାହିତ କରାଯିବା ଉଚିତ୍ ନୁହେଁ। କେନ୍ଦ୍ର ସରକାର ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମସ୍ତ ରାଜନୈତିକ ଦଳ ସହିତ ଏନେଇ ବିସ୍ତୃତ ଆଲୋଚନା କରି ଦ୍ୱନ୍ଦ ଦୂର କରିବାକୁ ନବୀନ ଦାବି କରିଥିଲେ। ତେବେ ଆଜିର ସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କର ଉପରୋକ୍ତ ବକ୍ତବ୍ୟ ପୁଣିଥରେ ଡିଲିମିଟେସନ ଡିବେଟକୁ ଖୋରାକ ଯୋଗାଇଛି।

### ପତ୍ନୀଙ୍କୁ ଦେବେ...

ରାଧା ଭେମ୍ବୁ ଏବଂ ଭାଇ ଶେଖରଙ୍କୁ ଦେଇଛନ୍ତି। ରାଧା ବର୍ତ୍ତମାନ କମ୍ପାନୀର ପ୍ରାୟ ୪୭.୮% ଅଂଶଧନ ରଖିଥିବାବଳେ, ଭେମ୍ବୁ ଟେକ୍ନୋଲୋଜିର ପ୍ରତିଷ୍ଠାତା ଶେଖରଙ୍କ ପାଖରେ ୩୫.୨% ଅଂଶଧନ ରହିଛି। ଭେମ୍ବୁଙ୍କ ନିକଟରେ କେବଳ ୫% ଅଂଶଧନ ରହିଛି, ଯାହାର ମୂଲ୍ୟ ୨୨୫ ନିୟୁତ ଆମେରିକୀୟ ଡଲାର। ଶ୍ରୀଧର ଭେମ୍ବୁ ତାଙ୍କ ପତ୍ନୀଙ୍କ ଦ୍ୱାରା ଲଗାଯାଇଥିବା ସମସ୍ତ ଅଭିଯୋଗକୁ ଖାରଜ କରିଛନ୍ତି, ଏହାକୁ ସେ ଏକ ମନଗଢ଼ା କାହାଣୀ ବୋଲି କହିଛନ୍ତି। ଭେମ୍ବୁ ୨୦୨୧ ଅଗଷ୍ଟରେ ଛାଡପତ୍ର ପାଇଁ ଆବେଦନ କରିଥିଲେ।

---


## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ବାରିପଦା ଅନୁବିଭାଗୀୟ ଗୃହନିର୍ମାଣ ସମବାୟ ସମିତି ଲିଃର ବାର୍ଷିକ ସାଧାରଣ ସଭା ଆସନ୍ତା ତା.୦୬.୦୨.୨୦୨୬ରିଖ ଶୁକ୍ରବାର ଅପରାହ୍ନ ୩ ଘଟିକା ସମୟରେ ସମିତିର ବାଘଡା ରୋଡ ସ୍ଥିତ କାର୍ଯ୍ୟାଳୟ ଠା ରେ ଅନୁଷ୍ଠିତ ହେବ । ତେଣୁ ସମିତିର ସମସ୍ତ ସଭ୍ୟ ଓ ସଭ୍ୟା ଉକ୍ତ ବାର୍ଷିକ ସାଧାରଣ ସଭା ରେ ଯୋଗ ଦେବା ପାଇଁ ଅନୁରୋଧ ।

ସ୍ୱା/- ସଭାପତି

**OFFICE OF THE HEAD MASTER KGBV, GUDIALI, GANJAM**
Letter No. 01/2026 DT: 10.01.2026
**KASTURBA GANDHI BALIKA VIDYALAYA, GUDIALI, BLOCK-KABISURYANAGAR, PIN-761104**
**TENDER CALL NOTICE**

Sealed Tenders are invited from the registered/reputed firms and manufacturers for supply of the following items like Grocery, Cosmetics & Toilet items, Office and student's stationeries, Dress materials, sleeper, sport shoes & school Bag, to the Kasturba Gandhi Balika Vidyalaya, GUDIALI, KAFISURYANAGAR Block, District-GANJAM for the Year-2025-26 interested parties/firms can purchase The Tender form from the Office of the KGBV, GUDIALI, KABISURYANAGAR BLOCK w.e.f. 13/01/2026 to 19/01/2026 in working days from 10:00 am to 04:00 p.m. on payment of 500/-(Five hundred Rupees only) non refundable in cash or Bank draft payable in the Bank State Bank of India, Kabisuryanagar, GANJAM. The tenders completed in all respect along with requisite documents and Earnest Money(Refundable) in shape of Bank Draft in favour of the HM KGBV GUDIALI payable at State Bank of India KABISUYANAGAR, IFSC-SBIN0002073. The tender forms along with other particulars, the list of items and details instructions can also be downloaded from the dist website **www.ganjam.nic.in.** Tender form should be submitted without EMD will be summarily rejected. Last date of receipt of Tender form is upto 04:00 PM dated 20/01/2026. The KGBV Level Purchase committee meeting will be held on 21/01/2026 at 11.00 AM. in this KGBV for opening of the tender. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.
**For more details please contact H.M. PH No- 9861380494**
*SD/-HEAD MISTRESS, KGBV, GUDIALI*

Office of the
**Jaleswar Municipality, Jaleswar** C-2066
Dist.: Balasore, Odisha – 756032Ph.: (06781) 222407
Email: jaleswarmunicipality@gmail.com
No. 144 Date 12.01.26
**SHORT QUOTATION CALL NOTICE**

Sealed Quotations are invited from intending Registered Firms / Suppliers / Manufacturers / Agencies having valid GST, PAN within the jurisdiction of Odisha for repair / supply & installation of: 1) 3.3 KW capacity Elec. Vehicle Charging Station. 2) 4.4 KW Panel Capacity Solar Hybrid Rooftop Photovoltaic Power Plant (H-SPVRT-PP) with 7.2 KWH Battery storage. 3) Electric Semi High Mast Light equipment (as per specification mentioned – list & Terms & Condition can be seen at Office). Available documents from 13.01.2026 to 21.01.2026 up to 01.00 PM (in Office hours). The quotation should reach to the undersigned on or before 22.01.2026 at 03.00 PM through speed post / Registered Post / courier / by hand. The Quotation will be opened on 22.01.2026 at 04.00 PM in the presence of the Quotationer or their authorized representatives.

The undersigned reserves all rights to reject any or all quotations without assigning any reason thereof.

Executive Officer
OIPR- Jaleswar Municipality

C-2057
**BHUBANESWAR MUNICIPAL CORPORATION**
Auction Sale Notice for Parking lots in BMC Area for Khandagiri Mela-2026
No.: 149/BMC Date: 07/01/2026 File No.: 13/26

Sealed Quotations are invited from the intending parties for **Auction of Parking Lots for 14 days** and they are requested to drop it in Tender Box ONLY addressed to the Zonal Commissioner (South West), BMC Bhubaneswar. The Quotations should be submitted in the prescribed format and should be filled up properly. The intending parties may participate for one or more parking lots, but the applications/Quotations will be considered individually for each parking lot. The intending parties must submit the quotation separately for each parking lot. The EMD and Tender Paper cost separately should be in shape of Bank draft drawn in favour of Commissioner, Bhubaneswar Municipal Corporation, Bhubaneswar. The details of the tender are available in BMC/Zone Office notice boards and **BMC Website – http://bmc.gov.in.**

The envelope, containing the tender paper, should be superscribed with **"Auction for Individual Parking Lot (Name and Location) in BMC area".**
The important dates & information are as follows:–
1. Availability of Tender Paper: Downloadable from BMC Website: http://bmc.gov.in / Sale of Tender Paper at ZC (SW) Office from **09.01.2026 to 19.01.2026 (up to 11.00 AM)**
2. Last date for sale of Tender Paper at BMC South-West Zone Office: **19.01.2026 (Up to 11.00 AM)**
3. Last date for submission of Tender Paper: **19.01.2026 up to 3.00 P.M.**
4. Earnest Money Deposit (EMD): **10% of Offset Price**
5. Tender Cost (Non-refundable): **Rs. 500/-** (Rupee Five hundred only)
6. Opening of tender papers: **19.01.2026 at 4.00 PM**

Zonal Commissioner (South West)
OIPR- Bhubaneswar Municipal Corporation

O-2020 E-Mail:rw.kamakhyanagar@yahoo.co.in
**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal.**
**Kamakhyanagar**
e-procurement Notice No 23 / Road Work / 2025-26.

| | | |
|---|---|---|
| 1. | Name of the work | : Road Work |
| 2. | Total No. of Works | : 7 (Two) Nos |
| 3. | Tender Cost | : Rs.5.08 to 42.37 lakhs |
| 4. | Class Contractor | : D, C & B equivalent |
| 5. | Period of Completion | : 2 calendar months |
| 6. | Availability of Tender online for bidding | : 12.01.2026. at 11.00 A.M to 19.01.2026 up to 5.00 P.M |
| 7. | Last Date & Time of seeking tender clarification | : 17.01.2026 up to 5.00 PM |
| 8. | Date & Time of opening of Bid | : 20.01.2026 at 11.00 AM |

Other Details can be seen from the website http://tendersorissa.gov.in.

Superintending Engineer
Rural Works Division-II, Dkl
OIPR- Kamakhyanagar

**AFFIDAVIT**
By virtue of an affidavit sworn before the Executive Magistrate, Laxmipur, no. 01, dated 02.01.2026, I, TILAI MINYAKA, W/o - Lala Minyaka, D/o - Lambudhar Mandiga, currently residing At - Bandikar, PO - Burja, PS - Laxmipur, Dist-Koraput, Pin - 765013, declare that SANJI MANDIGA, and TILAI MINYAKA is one and same person. Henceforth, I shall be known as **TILAI MINYAKA** for all purposes.

**AFFIDAVIT**
I, Khushbu Sharma, W/o-Aniket resident of Gourpada, Ward No.11, Bargarh, Po./Ps./ Dist.- Bargarh state by this affidavit no. 1355 dtd.11.12. 2025 that, my minor daughter's actual name is Dhwani Sharma and Date of Birth is 25.11.2024 but in her Aadhar card her name has been wrongly mentioned as Pankhudi Sharma. That, **Dhwani Sharma** and **Pankhudi Sharma**, D/o-Khushbu Sharma (mother) & Aniket (father) is same and one person.

**AFFIDAVIT**
I, Sherien Shaike, S/o: Mastan Shaik, Resident At: Niladri Vihar, 1st Line, Berhampur, PIN-760001, PS:Town Thana, Dist: Ganjam, Odisha, Declare by this Affidavit No-715, dt 09.01.2026. That now on wards I shall be known as **SHERIEN SHAIK** for all features purposes

**AFFIDAVIT**
I, **Umesha Chandra Tripathy**, S/o: Pitabas Tripathy, Resident At: Ramakrishnapur, Seragada, Kachakhandi, PIN-761106, PS:Seragada, Dist: Ganjam, Odisha Declare by this Affidavit No: 710, dt 09.01.2026. That now on wards I shall be known as **UMESH CHANDRA TRIPATHY** for all features purposes

**AFFIDAVIT**
By virtue of an affidavit no.3046 before the Executive Magistrate, Sukinda, Jajpur, dtd.06.12.2025 I, Arjuna Barik, Vill- Baragadia, PO- Baragadia, PS- Kalinganagar, Dist.- Jajpur-755026 do hereby declare that I have changed my minor daughter's name from Jyotirmayee Barik, D/o- Arjun Barik to Jyotirmayee Barik, D/o-Arjuna Barik. Henceforth, she shall be known as **Jyotirmayee Barik** for all purposes.
**Sd/- Arjuna Barik**

**AFFIDAVIT**
By virtue of an affidavit sworn before Executive Magistrate Patnagarh, Affidavit no. 660 on Dated 31.12.2025, I GHASHIRAM BHUE, S/O LATE BHUE, AT : BAGHAPALI, TAMIAN,PS :LARAMBHA, DIST : BALANGIR,ODISHA declare that I have changed my name from GHASI BHUE to GHASHIRAM BHUE. so henceforth I shall be known as GHASHIRAM BHUE for all purposes.

**AFFIDAVIT**
By virtue of an affidavit no.3243 before the Executive Magistrate, Phulbani, dtd.11.12.2025 I, Gopali Malik, At: Pidiaguda, PO: Dimiriguda, PS: Phiringia, District: Kandhamal-762011 hereby declare that I have changed my name from Sundurupi Mallik to Gopali Malik. Henceforth, I shall be known as **Gopali Malik** for all purposes.
**Sd/- Gopali Malik**

**AFFIDAVIT**
By virtue of an affidavit sworn before the Executive Magistrate Padampur District Bargarh dated 10th December 2025, CF No.- 01, I Saudamini Sahu wife of Abadhut Sahu, resident of village- Dunguripali, Po.- Loudidarha, Ps.- Jagdalpur, Block- Jharbandh, Dist.- Bargarh, Pin-768042 hereby declares that for and on behalf of my minor doughter Payal Sahu. I have changed my minor daughter's name from **Pays Sahu** to **Payal Sahu**. Hence she will be known as Payal Sahu for all future purposes.

**AFFIDAVIT**
By virtue of an affidavit (CF No. 01, dtd- 12/01/2026) sworn before the Executive Magistrate, Padampur. I, Padmalochan Meher, S/o-Laba Meher, permanent & current resident of AT-Jhankarpali, PO- Khaliapali, PS- Padampur, Dist- Bargarh, PIN- 768036, Odisha declare that I have changed my minor daughter's name from **Saloni Meher to Shibani Meher.** Henceforth, she shall be known as **Shibani Meher** (new name) for all purposes.
**Padmalochan Meher**

**IN THE COURT OF THE ADDITIONAL DISTRICT JUDGE, KORAPUT**
**RFA Case No. 05 of 2016**
IN THE MATTER OF:
Rajesh Ku. Kher & Ors. ......... Appellants
Versus
Smt. P. Jyoti Rao & Ors. .... Respondents

It is brought to the notice of the respondents namely, (1) Smt. P. Jyoti Rao, Aged about 69 years, Wife of late P. Sankar Rao Resident of Alok Nagar, Shyama Nagar Town, PO/PS: Shyama Nagar, District: Durg (Chhattisgarh); (2) P. Surya Prakash Rao @ China Rao, Aged about 56 years, son of late P. Ramaswamy, Resident of Bus stand, Jeypore, PS: Jeypore Town, District: Koraput (Odisha), (3) Shri P. Vivek Naidu, Aged about 36 years, Son of late P. Shankar Rao, Resident of Alok Nagar, Shyama Nagar Town, PO/PS: Shyama Nagar, District: Durg (Chhattisgarh) that the appellant has preferred an appeal against the order/judgement dtd. 21.03.2014 passed by the Civil Judge (Sr. Div), Koraput in Civil Suit Case No. 07/2013 before this court and the said appeal stands posted to 06.02.2026 for hearing.

The respondents are hereby directed to appear in person or through an advocate duly instructed on the date fixed failing which the appeal will be heard in their absence.

Dated Koraput, this the 9th Day of December 2025

**Addl. District Judge, Koraput**

# ରାତି ପାହିଲେ ମକର; ମୁଠାଏ ଧାନକିଣା ଆରମ୍ଭ ହେଲାନି



**ଭଦ୍ରକ, ୧୨।୧(ସମିସ):** ରାତି ପାହିଲେ ଓଡ଼ିଶାର ପ୍ରମୁଖ ଗଣପର୍ବ ମକର ସଂକ୍ରାନ୍ତି। ରାଜ୍ୟରେ ଅମଳ ହୋଇଥିବା ଧାନ, ଆଖୁ ଆଦି ନୂଆ ଫସଲ ଅମଳ ହୋଇଥାଏ। ତେଣୁ ସେଦିନ ନୂଆ ଧାନରୁ ପ୍ରସ୍ତୁତ ଅପକ୍ୱ ଅରୁଆ ଚାଉଳ, ନୂଆଗୁଡ଼, ଛେନା, ନଡ଼ିଆ, ପାଚିଲା କଦଳୀ, ଘିଅ, କ୍ଷୀର ଆଦି ଗୋଳିଆ ଗୋଟିଏ ସୁମିଷ୍ଟ ଭୋଗ ପ୍ରସ୍ତୁତ କରି ଦେବଦେବୀଙ୍କୁ ଓ ଧାନଖଳାରେ ଭୋଗ ଲଗାଯାଏ। ଏହି ଭୋଗ 'ମକର ଚାଉଳ' ଭାବେ ପରିଚିତ। ଏହି ଭୋଗ ପାଇ 'ମକର' ମନାନ୍ତି। ଆଉ ଚାଷୀ ଘର ଲୋକେ ନୂତନ ବସ୍ତ୍ର ପରିଧାନ କରି ଖୁସି ବି ମନାନ୍ତି। କାରଣ ବର୍ଷକର ଅମଳ ବିକ୍ରି ସରିଥାଏ। ହେଲେ ଭଦ୍ରକ ଜିଲ୍ଲାର ଚାଷୀଙ୍କ ମଧ୍ୟରେ ଆସନ୍ତା ମକର ଆନନ୍ଦ ପରିବର୍ତ୍ତେ ନିରାନନ୍ଦ ଆଣିଛି। ଗତ ଖରିଫ ବର୍ଷରେ ଜାନୁଆରୀ ୫ରୁ ଧାନକିଣା ହୋଇଥିଲା। ଏଥର ୧୩ ତାରିଖ ହେଲାଣି କିନ୍ତୁ ଧାନ ମୁଠାଏ କିଣି ପାରିଲେନି ସରକାର। ତେଣୁ ଚାଷୀକୂଳ ଏବେ ହତାଶ ହୋଇପଡ଼ିଛନ୍ତି। ନିଜ ବର୍ଷକର ଅମଳକୁ ବସ୍ତାରେ ପୂରାଇ ଘରବାଡ଼ି ଖଳାରେ ରଖି ନିରାଶରେ ବସିଛି ଚାଷୀ। ଏଭଳି ଦୃଶ୍ୟ ଭଦ୍ରକ ଜିଲ୍ଲା ତମାମ ଦେଖିବାକୁ ମିଳିଛି।

ଜିଲ୍ଲା ପ୍ରଶାସନ ଗତ ୫ ତାରିଖରେ ଜିଲ୍ଲାସ୍ତରୀୟ ମଣ୍ଡି ଭଦ୍ରକ ବ୍ଲକ ଅଧୀନ ବ୍ରହ୍ମପୁର ସେବା ସମବାୟ ସମିତିଠାରେ ଉଦ୍‌ଘାଟନ କରିଦେଲେ। ପରେ ଜିଲ୍ଲାର ଅଧିକାଂଶ ସ୍ଥାନରେ ଏକାଧିକ ମଣ୍ଡି ଶୁଭାରମ୍ଭ ହୋଇଗଲାଣି ସତ, ହେଲେ ମୁଠାଏ ଧାନ ଚାଷୀଙ୍କଠାରୁ କ୍ରୟ କରାଯାଇପାରିନି। ସେହିଭଳି ଚାଷୀଙ୍କୁ ଧାନ ବିକ୍ରି ଲାଗି ଟୋକନ ବଣ୍ଟନ କରାଯାଇଛି। ଆଉ ଏହି ଟୋକନର ଅବଧି ଗତ ୨, ୫, ୭ ଓ ୧୦ ତାରିଖ ଅତିକ୍ରମ ହୋଇଗଲାଣି। କେବଳ ଚାଷୀଙ୍କ ରୋଷ ଓ ବିଳମ୍ବିତା ଅପବାଦରୁ ନିଜକୁ ରକ୍ଷା କରିବା ଲାଗି ଜିଲ୍ଲାରେ କେବଳ ମଣ୍ଡି ପରେ ମଣ୍ଡି ଶୁଭାରମ୍ଭ ଚାଲିଛି ବୋଲି ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ମଣ୍ଡି ଖୋଲି ଚାଲିଥିବାବେଳେ ଏଯାଏଁ ବି ମିଲରଙ୍କ ସହ ଏଗ୍ରିମେଣ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ସମ୍ପନ୍ନ ହୋଇନି। ଏଗ୍ରିମେଣ୍ଟ ପାଇଁ ବିଜି(ବ୍ୟାଙ୍କ ଗ୍ୟାରେଣ୍ଟି) ଦାଖଲ ହୋଇ ନ ଥିବା ଏହାର ପ୍ରମୁଖ କାରଣ ବୋଲି ଚର୍ଚ୍ଚା ହୋଇଛି। ନିୟମାନୁଯାୟୀ, ମିଲରମାନଙ୍କ ସହ ଯୋଗାଣ ବିଭାଗର ଏଗ୍ରିମେଣ୍ଟ କାର୍ଯ୍ୟ ସରିବା ପରେ ମିଲରମାନେ କେଉଁ କେଉଁ ମଣ୍ଡିରୁ ଧାନ ଉଠାଇବେ ସେ ନେଇ ଟ୍ୟାଗିଂ ହୋଇ ତାଲିକା ପ୍ରକାଶ ପାଇଥାଏ। ଆଉ ଏହା ପରେ ମିଲରମାନେ ଚାଷୀଙ୍କ ଲାଗି ଅଖାବସ୍ତା ମଣ୍ଡି ମାନଙ୍କରେ ଦେବା କଥା। ତେବେ ଏସବୁ କିଛି କାର୍ଯ୍ୟ ତ୍ୱରାନ୍ୱିତ ହୋଇନି। ମଣ୍ଡି ଖୋଲି କେବଳ ଚାଷୀଙ୍କୁ ପରିହାସ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି ଚାଷୀ ତଥା ଯୁବନେତା ବିଜୟ କୁମାର ସେଠୀ। ମୋଟାମୋଟି କହିବାକୁ ଗଲେ ମକର ପୂର୍ବରୁ ଧାନ ମୁଠାଏ ବିକି ନ ପାରି ପାଖରେ ଟଙ୍କାଟିଏ ନ ଥିବାରୁ ଚାଷୀ ଆଖିରେ ଏବେ ଲୁହ ଓ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପରି ସ୍ଥଳେ ଜିଲ୍ଲା ପ୍ରଶାସନ କେବଳ ମହୋତ୍ସବ ଆୟୋଜନ କରି ଏହାକୁ ସଫଳ କରିବାରେ ମାତିଛନ୍ତି ବୋଲି ଅଭିଯୋଗ କରିଛନ୍ତି ଜିଲ୍ଲା କଂଗ୍ରେସର ପ୍ରାକ୍ତନ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି। ଧାନ କିଣାରେ ବିଳମ୍ବିତା ଯୋଗୁଁ ଚାଷୀଙ୍କୁ ବଙ୍ଗ ଓ ଆନ୍ଧ୍ରର ବେପାରୀ ଚାଷୀଙ୍କୁ କମ୍ ଦରରେ ଧାନ ଦେବାକୁ କେତେକ ଦଲାଲ୍‌ଙ୍କ ଜିଲ୍ଲାତମାମ ମାତିଥିବା ଅଭିଯୋଗ ହୋଇଛି।

**ଖୋଲି ଚାଲିଛି ମଣ୍ଡି; ସରିନି ମିଲର ଏଗ୍ରିମେଣ୍ଟ କି ଟ୍ୟାଗିଂ କାର୍ଯ୍ୟ**

ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲାରେ ଏଥର ମୋଟ୍ ୯୬ହଜାର ୨୩୩ ଜଣ ଚାଷୀ ଧାନ ବିକିବାକୁ ପଞ୍ଜୀକରଣ କରିଛନ୍ତି। ଏଥର ଖରିଫ୍ ଧାନ କ୍ରୟରେ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୧୩ଲକ୍ଷ ୩୦ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ(ଟର୍ଗେଟ) ଧାର୍ଯ୍ୟ ହୋଇଛି। ଏଥର ଧାନକିଣାରେ ଜିଲ୍ଲାର ୨୨ ମିଲର ସାମିଲ୍ ହୋଇଛନ୍ତି। ୧୦୫ଟି ପ୍ୟାକ୍ସ(ସମବାୟ ସମିତି), ୫୦ଟି ମହିଳା ଗୋଷ୍ଠୀଙ୍କୁ ମିଶାଇ ମୋଟ ୧୫୫ ସଂସ୍ଥା ଧାନକିଣାରେ ନିୟୋଜିତ ହୋଇଛନ୍ତି। ମକର ପୂର୍ବରୁ ଧାନମୁଠାଏ କିଣା ନ ହେବା ନେଇ ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କ ମତାମତ ନେବାକୁ ବହୁବାର ଯୋଗାଯୋଗ କରାଯାଇଥିଲେ ବି ସେ ଫୋନ୍ ଉଠାଇ ନ ଥିଲେ। ଯାହା ଜିଲ୍ଲାରେ ଧାନକିଣାରେ ବିଳମ୍ବିତା ଓ ଅବହେଳାକୁ ସ୍ୱତଃ ପ୍ରମାଣିତ କରୁଥିବା ସ୍ପଷ୍ଟ ହୋଇଛି।

## ବୈତରଣୀ ନଦୀକୁ ଧସିଲା ସୁରକ୍ଷା ବନ୍ଧ



ନଦୀ ଗର୍ଭକୁ ଚାଲିଗଲା ଶହଶହ ବର୍ଷର ବଡ଼ବଡ଼ ଗଛ; ଯାତାୟାତ ରାସ୍ତାରେ ଫାଟ ସୃଷ୍ଟି

**ଭଦ୍ରକ/ଆରଡ଼ି, ୧୨।୧(ସମିସ):** ଭଦ୍ରକ ଜିଲ୍ଲା ଆରଡ଼ି ପୀଠ ନିକଟସ୍ଥ ମୁଆଁ ଗାଁ ନିକଟରେ ବୈତରଣୀ ନଦୀ କୂଳ ଲଘିଂବାରୁ ନଦୀର ସୁରକ୍ଷା ବନ୍ଧର ବଡ଼ବଡ଼ ଅତଡ଼ା ଖଣ୍ଡ ଖସିବା ସହ ୩୦ ଫୁଟ୍‌ରୁ ଊର୍ଦ୍ଧ୍ୱ ବନ୍ଧ ନଦୀ ଗର୍ଭକୁ ଚାଲି ଯାଇଥିବାରୁ ନଦୀକୂଳକୁ ଲାଗି ଥିବା ଶହଶହ ବର୍ଷର ବଡ଼ବଡ଼ ଗଛ ନଦୀକୁ ଚାଲିଯାଇଛି। ତାହା ସହ ନଦୀକୁ ଲାଗିକରି ଥିବା ଗାଁର ନିତିଦିନିଆ ଯାତାୟାତ ରାସ୍ତାରେ ବଡ଼ବଡ଼ ଫାଟ ସୃଷ୍ଟି ହୋଇଥିବାରୁ ନଦୀକୂଳରେ ବସବାସ କରୁଥିବା ପ୍ରାୟ ୨ଶହ ପରିବାର ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏଥିସହ ମାଛ ଧରୁଥିବା ପରିବାରଙ୍କ ଡଙ୍ଗା ଏବେ ଅସୁରକ୍ଷିତ ଭାବେ ନଦୀକୂଳରେ ରହିଛି। ଏଥିପ୍ରତି ଜଳସମ୍ପଦ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ନଦୀବନ୍ଧ ସୁଦୃଢ଼ କରିବାକୁ ଗାଁ ଲୋକ ଦାବି କରିଛନ୍ତି।

## ବ୍ରାଉନ୍‌ସୁଗର ଜବତ, ୨ ଗିରଫ

**ତିହିଡ଼ି, ୧୨।୧(ସମିସ):** ତିହିଡ଼ିରେ ବ୍ରାଉନ୍‌ସୁଗର ଜବତ କରାଯିବା ସହ ଏହି ଘଟଣାରେ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଫତେପୁର ଗାଁର ବଣ୍ଟି ମହାନ୍ତି ଓରଫ ଜୟପ୍ରକାଶ ଓ ରାଢ଼ଙ୍ଗ ଗାଁର ଚୁଗୁନା ନାୟକ ଓରଫ ପରମେଶ୍ୱରକୁ ପୁଲିସ ଗିରଫ କରିବା ସହ ଏହି ଦୁଇ ଜଣଙ୍କଠାରୁ ୯.୪୨ ଗ୍ରାମ୍ ବ୍ରାଉନ୍‌ସୁଗର, କିଛି ରଙ୍ଗୀନ କାଗଜ ଓ ନଗଦ ୪୦୦ ଟଙ୍କା ଜବତ କରାଯାଇଛି। ତିହିଡ଼ିରେ ଏବେ ବ୍ରାଉନ୍‌ସୁଗର କାରବାର ଉଦ୍‌ବେଗଜନକ ଭାବରେ ବୃଦ୍ଧି ପାଇଛି। ଏ ନେଇ ବୁଦ୍ଧିଜୀବୀମାନେ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ



**ଭଦ୍ରକ, ୧୨।୧(ସମିସ):** ଭଦ୍ରକ ନେହେରୁ ଷ୍ଟାଡିୟମରେ ୨ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭାଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଗ୍ରାମୀଣ ଅର୍ଥନୀତିର ମୁଖ୍ୟ ସ୍ରୋତଧାରା ବୋଲି ଉଲ୍ଲେଖ କରିଥିଲେ। ସେ ଯୁବକ-ଯୁବତୀମାନଙ୍କୁ ଚାକିରି ପଛରେ ନ ଧାଇଁ ମାଛ ଓ ପଶୁପାଳନକୁ ଜୀବିକାର ମାଧ୍ୟମ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଦେଶୀ ଗାଇ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଯୋଗଦେଇ ଉନ୍ନତ ଓ ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଓ ପଶୁପାଳନ କରିବା ପାଇଁ ଚାଷୀମାନଙ୍କୁ ପ୍ରେରିତ କରିଥିଲେ। ମେଳାରେ ବୈଜ୍ଞାନିକ ତଥା ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ଡ. ଅମିତାଭ ପଣ୍ଡା ଓ ଡ. ଭବାନୀପ୍ରସାଦ ମହାପାତ୍ର ଉପସ୍ଥିତ ରହି ଚାଷୀମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ମେଳାରେ ୫୦୦ରୁ ଅଧିକ ଚାଷୀ ଯୋଗଦେଇ ବିଭିନ୍ନ ଷ୍ଟଲ୍ ପରିଦର୍ଶନ କରି ନୂତନ ଜ୍ଞାନ ଓ କୌଶଳ ଅର୍ଜନ କରିଥିଲେ। ସର୍ବଶ୍ରେଷ୍ଠ ୪ ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ପଶୁ ଚିକିତ୍ସାଧିକାରୀ ଡ. ବିଜୟ କେତନ ପଟ୍ଟନାୟକ, ଡ. ଜ୍ୟୋତି ରଞ୍ଜନ ମିଶ୍ର, ଡ. ଅରୁଣ କୁମାର ମଲ୍ଲିକ, ଉପଖଣ୍ଡ ପଶୁ ଚିକିତ୍ସାଧିକାରୀ ଡ. ସୁନୀଲ କୁମାର ଭୂୟାଁ ଓ ତିହିଡ଼ି ବ୍ଲକ ପଶୁ ଚିକିତ୍ସାଧିକାରୀ ଡ. ନିରାକାର ଜେନା ପରିଚାଳନା କରିଥିଲେ। ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସାଧିକାରୀ ଡ. ହୃଷୀକେଶ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅମର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ-ଧାମରା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ ଦାବି

# ରେଳ ସଂଗ୍ରାମ ସମିତି ପକ୍ଷରୁ ଶୋଭାଯାତ୍ରା ଓ ଗଣଧାରଣା



**ଭଦ୍ରକ, ୧୨।୧(ସମିସ):** ଭଦ୍ରକ-ଧାମରା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା, ଭଦ୍ରକ-ଧାମରା ରେଳପଥ ଓ ଧାମରା ବାଣିଜ୍ୟିକ ବନ୍ଦର ମାଲିକାନାକୁ ଗୌତମ ଆଦାନୀଙ୍କ ହାତରୁ କାଢ଼ି ସରକାରଙ୍କ ମାଲିକାନାକୁ ଆଣିବା, ଧାମରା ବନ୍ଦରରେ ଭଦ୍ରକ ଜିଲ୍ଲାର ଯୁବକଯୁବତୀମାନଙ୍କୁ ନିଯୁକ୍ତି ଦେବା ଦାବି କରାଯାଇଛି। ଏନେଇ ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ଭଦ୍ରକ ବନ୍ତ ଛକଠାରୁ ଏକ ଶୋଭାଯାତ୍ରା ବାହାରି ଭଦ୍ରକ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା।

ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ସଭାପତି ଆଇନଜୀବୀ ବିକାଶ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ସଂଗ୍ରାମ ସମିତି ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଅନ୍ୟତମ ଉପଦେଷ୍ଟା ନିରଞ୍ଜନ ପାଣି, ଚନ୍ଦ୍ରଶେଖର ନାୟକ, ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ, ଆଇନଜୀବୀ ଗିରିଧାରୀ ନାଥ, ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି, ଭଦ୍ରକ ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟ, ଓକିଲ ସଂଘ ଉପସଭାପତି ଅଶୋକ ନାୟକ, ଭଦ୍ରକ ଓକିଲ ସଂଘ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ଓଡ଼ିଶା ଦଳିତ ସଂଘ ଉପସଭାପତି ବରିଷ୍ଠ ଆଇନଜୀବୀ ଅଗଣି ଚରଣ ଜେନା, ଧାମରା ପୋର୍ଟ ୱାର୍କର୍ସ ୟୁନିୟନ ସମ୍ପାଦନ ଆଇନଜୀବୀ ରାଧାନାଥ ଦାସ ଯୋଗଦେଇଥିଲେ। ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ସମ୍ପାଦକ ହାକିମ୍ ଦାସ, ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡା, ଭଦ୍ରକ ପୌର ପରିଷଦ ଇଲିଆସ ଖାନ୍, ବିଜୁ ଯୁବ ଜନତା ଦଳ ନେତା ନାସିରୁଦ୍ଦିନ ଖାନ୍, ଚାଷୀ ନେତା ଚକ୍ରଧର ଦାସ, ଗୌରାଙ୍ଗ ଯେନା, ଗଙ୍ଗାଧର ମହାଳିକ, ଜୟନୁଲ ଆବେଦିନ, ପ୍ରତାପ ଦାସ, ଭାଗବତ ସେନାପତି, ବିଜେଡି ନେତା ସୁବାସ ନାଥ, ପ୍ରଫେସର ଡ. ପ୍ରହ୍ଲାଦ ପତି, ଶଙ୍କର୍ଷଣ ବିଶ୍ୱାଳ, ବିପ୍ଲବ ଜେନା, ଜିଲାନି ଖାନ୍, ସାବିତ୍ରୀ ମଙ୍ଗୁଆଳ, ସରସ୍ୱତୀ ବାରିକ, ମଧୁସ୍ମିତା ପାକଳ, ନନ୍ଦିନୀ ମାଝୀ ପ୍ରମୁଖ ଯୋଗଦେଇ ଅବିଳମ୍ବେ ଯାତ୍ରୀବାହୀ ରେଳ ଚଳାଚଳ ଦାବି ସମେତ ସମସ୍ତ ଦାବି ପୂରଣ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସେମାନଙ୍କ ବକ୍ତବ୍ୟରେ ନିବେଦନ କରିଥିଲେ। ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ସଭାପତି ବିକାଶ ନାଥ ଓ ସମ୍ପାଦକ ହାକିମ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି କେନ୍ଦ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧ ମାସ ଭିତରେ ଯାତ୍ରୀବାହୀ ରେଳ ଚଳାଚଳ ନ କଲେ ଫେବୃଆରୀ ୧୫ ତାରିଖରେ ଭଦ୍ରକ-ଧାମରା ରେଳପଥର ବିଭିନ୍ନ ସ୍ଥାନରେ ରେଳରୋକ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ସଂଗ୍ରାମ ସମିତିର ସଭାପତି ଶ୍ରୀ ନାଥ ଓ ସମ୍ପାଦକ ଶ୍ରୀ ଦାସ ଧାରଣାସ୍ଥଳରେ ଘୋଷଣା କରିଥିଲେ। ଏହି ଧାରଣାରେ ଭଦ୍ରକ ଜିଲ୍ଲାର ପ୍ରାୟ ୩୦୦ ସାଧାରଣ ଜନତା ଉପସ୍ଥିତ ଥିଲେ।

## ସାଲନ୍ଦୀ ଜୁନିଅର କଲେଜରେ ଜାତୀୟ ଯୁବ ଦିବସ


**ଭଦ୍ରକ, ୧୨।୧(ସମିସ):** ଭଦ୍ରକ ଉତ୍ତରବାହିନୀସ୍ଥ ସାଲନ୍ଦୀ ଜୁନିଅର କଲେଜର ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଯୁବ ରେଡ୍‌କ୍ରସ କାଉନ୍ସିଲର ସୁଭାଶିଷ ଭଟ୍ଟାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳିତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଯୋଗଦେଇ କଲେଜର ବରିଷ୍ଠ ଅଧ୍ୟାପକ ଅଧ୍ୟାପିକାମାନେ ଯୁବକମାନଙ୍କର ଦେଶ ଓ ଜାତି ପାଇଁ ମହାନ ଓ ପବିତ୍ର କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ସ୍ୱାମୀ ବିବେକାନନ୍ଦ ଓ ତାଙ୍କର ଯୁବ ସମାଜକୁ ମହାନ ବାର୍ତ୍ତା ସବୁର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଅଧ୍ୟାପକ ରବୀନ୍ଦ୍ର କୁମାର ପାଢ଼ୀ, ଅଧ୍ୟାପକ ବିଶ୍ୱଜିତ୍ ରାଉତ, ଅଧ୍ୟାପିକା ମଧୁମିତା ସ୍ୱାଇଁ, ଅଳକା ସାହୁ, ଲକ୍ଷ୍ମୀପ୍ରିୟା ଦାସ, କୁଜୁସିଆ ଜମାଲ୍, ମମତା ଜେନା, ଦେବେନ୍ଦ୍ର ପ୍ରସାଦ ସାହୁ, ଲକ୍ଷ୍ମଣ କିଷାନ ଆଦି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମର କୁମାର ପରିଡ଼ା, ସୁଷମା ସାହୁ, ସଂଯୁକ୍ତା ପାଢ଼ୀ, ବବିତା ମହାନ୍ତି ପ୍ରମୁଖ ସଭା ପରିଚାଳନା କରିଥିଲେ।

## ତିହିଡ଼ି ବ୍ଲକ୍‌ସ୍ତରୀୟ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି



**ତିହିଡ଼ି/ଦୋଳସାହି, ୧୨।୧(ସମିସ):** ତିହିଡ଼ି ବ୍ଲକ ବାରସର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୧୯ଟି ଅଭିଯୋଗ ଆଗତ ହୋଇଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ୯୪ଟି, ଗ୍ରାମ ସମସ୍ୟା ସମ୍ପର୍କିତ ୨୪ଟି ଏବଂ ରେଡ୍‌କ୍ରସ ସହାୟତା ନିମନ୍ତେ ଗୋଟିଏ ଅଭିଯୋଗ ହୋଇଥିଲା। ତେବେ ୨୬ଟି ଅଭିଯୋଗ ତତ୍‌କ୍ଷଣାତ୍ ସମାଧାନ ହୋଇଥିବାବେଳେ ରେଡ୍‌କ୍ରସ ସହାୟତା ବାବଦକୁ ୧୫ ହଜାର ଟଙ୍କା ମଞ୍ଜୁର କରାଯାଇଛି। ବିଡିଓ ନିରଞ୍ଜନ ବାରିକଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉକ୍ତ ଶୁଣାଣିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଏସ୍‌ପି ମନୋଜ ରାଉତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧିରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ଓ ତହସିଲ୍‌ଦାର ଜୟଦ୍ରଥ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ହୋଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ବିନ୍ଧା-ମଧୁପୁର ରାସ୍ତାର କେଳାସାହିଠାରେ ରାସ୍ତା ସଙ୍କୁଚିତ ହୋଇଥିବା ଅଭିଯୋଗ ହୋଇଥିବାବେଳେ ତିଆଡ଼ିସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥା, ବାରସର ମୌଜାର ଜବରଦଖଲ ଆଦି ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ତିଆଡ଼ିସାହି ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକଙ୍କ କାର୍ଯ୍ୟକଳାପରେ ବ୍ୟାପକ ତ୍ରୁଟି ଥିବା ନେଇ ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ତଥା ବ୍ଲକସ୍ତରୀୟ ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ



**ତିହିଡ଼ି, ୧୨।୧(ସମିସ):** ତିହିଡ଼ି ବ୍ଲକ ଅଧୀନ ନରେନ୍ଦ୍ରପୁର ପଞ୍ଚାୟତ ଛତ୍ରପଦା ଗ୍ରାମର ଅଗ୍ନିବିପନ୍ନଙ୍କୁ ଭଦ୍ରକ ମହାତ୍ମା ଗାନ୍ଧୀ ବିଚାର ମଞ୍ଚ ଓ ଆନନ୍ଦମାର୍ଗ ୟୁନିଭର୍ସାଲ ରିଲିଫ୍ ଅନୁଷ୍ଠାନ ତରଫରୁ ସହାୟତା ପ୍ରଦାନ କରାଯାଇଛି। ଶାନ୍ତନୁ ରାଉତ, ମଦନ ମୋହନ ନାୟକ, ତ୍ରୈଲୋଚନ ବେହୁରିଆ, ଡ. ମନୀନ୍ଦ୍ର ମହାନ୍ତି, ସ୍ନେହଲତା ବେହେରା, ଗୀତାରାଣୀ ଆଇଚ, ଜଗନ୍ନାଥ ରାଓ, ପ୍ରସନ୍ନ ପ୍ରଧାନ ପ୍ରମୁଖ ବିପନ୍ନଙ୍କ ନିକଟରେ ପହଞ୍ଚି ନଗଦ ୨୨ ହଜାର ଟଙ୍କା, କମ୍ବଳ, ଶାଢ଼ି ଓ ପିଲାଙ୍କୁ ପଢ଼ାଇବା ପାଇଁ ଅର୍ଥ ଆଦି ପ୍ରଦାନ କରିଥିଲେ।

## ବାଲିପୋଖରୀ ହାଇସ୍କୁଲ ସମ୍ମୁଖରେ ଗଣଧାରଣା



**ବନ୍ତ/ଆଗରପଡ଼ା, ୧୨।୧(ସମିସ):** ବନ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ବାଲିପୋଖରୀ-ତେଲନଟୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିପର୍ଯ୍ୟସ୍ତ ଶିକ୍ଷା ସ୍ଥିତିର ନିରାକରଣ ପାଇଁ ବର୍ତ୍ତମାନ ଏହି ସ୍କୁଲରେ ଅବସ୍ଥାପିତ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଅନ୍ୟତ୍ର ବଦଳି ପାଇଁ ଗ୍ରାମବାସୀ ଓ ଅଭିଭାବକମାନେ ଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିବା ପରେ ସୋମବାର ଗଣଧାରଣା ଦେଇଥିଲେ। ପରେ ସ୍କୁଲ ପରିଚାଳନା କମିଟି, ଶିକ୍ଷକଶିକ୍ଷୟିତ୍ରୀ, ଗ୍ରାମବାସୀ ସମେତ ଶିକ୍ଷାବିତ୍ ପ୍ରଭାସ ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ସ୍କୁଲ ସମସ୍ୟା ଆପୋଷ ବୁଝାମଣାରେ ସମାଧାନ କରାଯିବ ବୋଲି ସ୍ଥିର ହେବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଏହି ସ୍କୁଲରେ ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। କିରାଣି ଓ ଝାଡୁଦାରଙ୍କ ସହଯୋଗରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦୀର୍ଘ ମାସ ଧରି ଏହିପରି ଅବହେଳା କରି ଆସୁଛନ୍ତି। ଖେଳ ଶିକ୍ଷକ ଜାଣିଶୁଣି ପିଲାମାନଙ୍କୁ ଖେଳରୁ ବଞ୍ଚିତ କରୁଛନ୍ତି। କୋର୍ସ ସରିନାହିଁ ବୋଲି କାହାକୁ ନ କହିବାକୁ ଶିକ୍ଷକଶିକ୍ଷୟିତ୍ରୀମାନେ ପିଲାମାନଙ୍କୁ କହୁଛନ୍ତି। ଉକ୍ତ ବିଦ୍ୟାଳୟରେ ଏହିପରି ନାନା ଅବ୍ୟବସ୍ଥା ଲାଗି ରହିଥିବାରୁ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଓ ଅଭିଭାବକମାନେ ଜିଲ୍ଲାପାଳଙ୍କଠାରେ ମଧ୍ୟ ଦାବି କରିଥିଲେ।

## ନାଟକ 'ବକ୍ସି ଜଗବନ୍ଧୁ' ମଞ୍ଚସ୍ଥ

**ଭଦ୍ରକ, ୧୨।୧(ସମିସ):** ରବିବାର ସନ୍ଧ୍ୟା ୭ଟାରେ ଭୁବନେଶ୍ୱରର ପ୍ରତିଷ୍ଠିତ ନାଟ୍ୟସଂସ୍ଥା 'ଶତାବ୍ଦୀର କଳାକାର'ର କଳାକାରମାନେ ନାଟକ 'ବକ୍ସି ଜଗବନ୍ଧୁ' ଦେଶାତ୍ମବୋଧ ନାଟକ ପରିବେଷଣ କରିଥିଲେ। ଏହାର ରଚନା ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ନାଟ୍ୟ ନିର୍ଦ୍ଦେଶନା ଧିରେନ୍ଦ୍ର ନାଥ ମଲ୍ଲିକ ଦେଇଥିଲେ। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗେଇ ଏହି ନାଟକର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ



ରାଉତରାଏ ଓ ଅନ୍ୟତମ ଅତିଥି ଭାବେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ଯୋଗଦେଇ ଭଦ୍ରକର ମାଟି କଳା ଓ ସଂସ୍କୃତି କଳାକାରମାନଙ୍କ ଅନୁଡ଼ିଶାଳ ଅଟେ ବୋଲି ବକ୍ତବ୍ୟରେ କହିଥିଲେ। ଏଥିରେ ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ଦାସ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ'ରେ ବରିଷ୍ଠ ନାଟ୍ୟକାର ବାଦଲ ସିକ୍‌ଦାର ଓ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ କଳାକାରମାନଙ୍କ ମଧ୍ୟରେ ଅନୁଗ୍ରହ ଦୀକ୍ଷିତ, ବିଜୟ ବହଳି, ପ୍ରୋଦ୍ୟୋତନ ସୁଆର, ପ୍ରଫୁଲ୍ଲ ଦାସ, ନୃତ୍ୟଗୁରୁ ନାରାୟଣ ଚନ୍ଦ୍ର ସାହୁ, ଇଂ ଅଶୋକ ମହାନ୍ତି, ସୁମତି ପଣ୍ଡା, ମୀନତି ବାରିକ, ସନ୍ଧ୍ୟାରାଣୀ ବେହେରା, ଆଶିଷ, ଜଡ଼ା, ଦୀପକ ପ୍ରମୁଖ ଅଭିନୟ କରିଥିଲେ। ଭଦ୍ରକ ବିମଳା ନାଟ୍ୟ ସଂସଦ ସହଯୋଗ କରିଥିଲେ।

**ପୁଷ୍ଟିକର ଖାଦ୍ୟ ପାଇବାରୁ ବଞ୍ଚିତ ଶିଶୁ, ଗର୍ଭବତୀ**

# ଖାଦ୍ୟ ଓଜନରେ ଠକେଇ; ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ବନ୍ତ/ଆଗରପଡ଼ା, ୧୨।୧(ସମିସ):** ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ ନରିପୁର ଅଙ୍ଗନବାଡ଼ି କେନ୍ଦ୍ରରେ ଯୋଗାଣକାରୀ ସଂସ୍ଥା ସୋମବାର ପୁଷ୍ଟିକର ଖାଦ୍ୟ ଓଜନରେ କମ୍ କରି ଦେଉଥିବାବେଳେ ସାମାଜିକ କର୍ମୀ ବିକାଶ ଧଳ ଖବର ପାଇ ଗାଁ ଲୋକଙ୍କ ସହାୟତାରେ ଖାଦ୍ୟକୁ ଫେରାଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପରେ ଜିଲ୍ଲାପାଳ ଡିଏସ୍‌ଡବ୍ଲ୍ୟୁଓଙ୍କୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ିଛି। ଏଥିସହିତ ଯୋଗାଣକାରୀ ସଂସ୍ଥା ନଭେମ୍ବର ମାସରେ ବ୍ଲକର ୨୩୮ ଅଙ୍ଗନବାଡ଼ି କେନ୍ଦ୍ରରୁ ହାତଗଣତି କିଛି ଅଙ୍ଗନବାଡ଼ି କେନ୍ଦ୍ରରେ ଖାଦ୍ୟ ଯୋଗାଇ ସମସ୍ତ ବିଲ୍ କରାଇ ନେଇଥିବାର ମଧ୍ୟ ଶ୍ରୀ ଧଳ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଡିସେମ୍ବର ମାସର ଖାଦ୍ୟ ସେହି ମାସ ଶେଷ ସପ୍ତାହ ସୁଦ୍ଧା ଯୋଗାଣ ପାଇଁ ସରକାରୀ ନିର୍ଦ୍ଦେଶ ଥିଲେ ସୁଦ୍ଧା ଜାନୁଆରୀ ୧୨ ତାରିଖ ସୋମବାରରେ ସଂସ୍ଥା ଦ୍ୱାରା ଖାଦ୍ୟ ଯୋଗାଣ କରାଯାଉଥିଲା। ଏହିପରି ୨/୩ ଥର ଓଜନ କମ୍ ଥିବାରୁ ଖାଦ୍ୟ ଫେରାଇ ଦେଇଥିବାର ମଧ୍ୟ ନରିପୁର ଅଙ୍ଗନବାଡ଼ି କର୍ମୀ ଶ୍ରୀ ଧଳଙ୍କୁ ସୂଚନା ଦେଇଛନ୍ତି। ଏହିପରି ବାରମ୍ବାର ଠକାମୀର ଶିକାର ହେବା ଦ୍ୱାରା ଗର୍ଭବତୀ ଓ ପ୍ରସୂତି ମହିଳାମାନେ ପୁଷ୍ଟିକର ଖାଦ୍ୟ ନ ପାଇ ନାନାଦି ଦୁର୍ଦ୍ଦଶା ଭୋଗୁଛନ୍ତି।



ସୂଚନାଯୋଗ୍ୟ, ଅଙ୍ଗନବାଡ଼ି କେନ୍ଦ୍ର ମାଧ୍ୟମରେ ୧୫ରୁ ୧୯ ବର୍ଷ ବୟସ ବାଳିକା, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟିକର ଯୋଜନାରେ ବିଭିନ୍ନ ଖାଦ୍ୟ ଦିଆଯିବାର ବ୍ୟବସ୍ଥା ଅଛି। ମାତ୍ର ଏହି ଖାଦ୍ୟ ସାମଗ୍ରୀ ଯୋଗାଣ ସଂସ୍ଥା ଠିକ୍‌ଭାବେ ତାହା ଦେଇପାରୁ ନ ଥିବା ଅଭିଯୋଗ ହେଉଛି। ଏହି ପୁଷ୍ଟିକର ଖାଦ୍ୟରେ ମୁଢ଼ି, ଚଣା, ଖଜୁରୀ କୋଳି, ବାଦାମ ଲଡ୍ଡୁ, ଛତୁଆ ଆଦି ଦିଆଯାଇଥାଏ। ଏଥିସହ ସ୍ୱତନ୍ତ୍ର ପୁଷ୍ଟିକର ଯୋଜନା ଛତୁଆ ମଧ୍ୟ ମିଳିଥାଏ। ଖାଦ୍ୟ ମିଳିବାରେ ବ୍ୟତିକ୍ରମ ଯୋଗୁଁ କ୍ରମଶଃ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି। ୨୦୧୧ରୁ ନିରବଚ୍ଛିନ୍ନ ଭାବରେ ଦାୟିତ୍ୱ ନେଇଥିବା ଏହି ଯୋଗାଣକାରୀ ସଂସ୍ଥା ଖାଦ୍ୟ ସାମଗ୍ରୀ ଯୋଗାଣରେ ଏହିପରି ଅନିୟମିତତା ସହ ଠକାମୀ କାର୍ଯ୍ୟ କରୁଥିବାର ଅଭିଯୋଗ ବାରମ୍ବାର ଆସୁଥିଲେ ମଧ୍ୟ ପ୍ରଶାସନିକସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ସମସ୍ତଙ୍କୁ ଚକିତ କରିଛି। ଗତ ସେପ୍ଟେମ୍ବର ମାସରେ ଜିଲ୍ଲା ଓ ବ୍ଲକସ୍ତରରେ ଖାଦ୍ୟ ଯୋଗାଣ ନିମନ୍ତେ ଗଠିତ ହୋଇଥିବା କମିଟି ବର୍ତ୍ତମାନ ଖାଦ୍ୟ ଯୋଗାଣ କରୁଥିବା ସଂସ୍ଥାର ଖାଦ୍ୟ ପ୍ରସ୍ତୁତିର ବିଭିନ୍ନ ପ୍ରକ୍ରିୟା ଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ଯାଞ୍ଚ କରିବା ପରେ ଉକ୍ତ ସଂସ୍ଥାକୁ ଖାଦ୍ୟ ଯୋଗାଣ ପାଇଁ ଅଯୋଗ୍ୟ ଘୋଷଣା କରିଥିବା ସ୍ଥଳେ ଉକ୍ତ ସଂସ୍ଥା କିପରି ତା'ର ଯୋଗାଣ ଜାରି ରଖିଛି ତାହା ବର୍ତ୍ତମାନ ତଦନ୍ତସାପେକ୍ଷ। ତେଣୁ ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶକୁ ଠିକ୍ ଭାବେ ପାଳନ କରି ସରକାରଙ୍କ ନିୟମକୁ ଯୋଗାଣକାରୀ ସଂସ୍ଥା ଅବମାନନା କରିଥିବାରୁ ତା' ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ଗର୍ଭବତୀ ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବାକୁ ଡିଏସ୍‌ଡବ୍ଲ୍ୟୁଓ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# କଲ୍ୟାଣ ମଣ୍ଡପର ଶିଳାନ୍ୟାସ

**ବରୀ,୧୨।୧(ସମିସ):** ବରୀ ବ୍ଲକ୍ ଅନ୍ତର୍ଗତ ଇଣ୍ଡାଣପୁର ପଞ୍ଚାୟତର ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନ ତଥା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ମଲ୍ଲିକ ଯୋଗ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ଦିଲିପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ, ସମାଜସେବୀ ଅରବିନ୍ଦ ମହାନ୍ତି, ଇଣ୍ଡାଣପୁର ସରପଞ୍ଚ ମାମିନା ଦାସ, ସମିତିସଭ୍ୟ ଚିନ୍ତାମଣି ଜେନା, ପୂର୍ବତନ ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ଜେନା, ହରିଶ୍ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ବନ୍ୟା ସମୟରେ ଇଣ୍ଡାଣପୁର ପଞ୍ଚାୟତ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବା ସାଙ୍ଗକୁ ବନ୍ୟା ଜଳ ନିଷ୍କାସନର ସୁବିଧା ନଥିବାରୁ ଫସଲ ପଟି ଯାଉଥିବାରୁ ଏହାର ପ୍ରତିକାର ପାଇଁ ସୁଇସ୍ ଗେଟ୍ ନିର୍ମାଣ ପାଇଁ ସରପଞ୍ଚ ଶ୍ରୀମତୀ ଦାସ ବିଧାୟକଙ୍କ ଦୃଷ୍ଟି ଆର୍କଷଣ କରିଥିବାବେଳେ ଆଗାମୀ ବର୍ଷାଋତୁ ପୂର୍ବରୁ ଉକ୍ତ କାର୍ଯ୍ୟ ଶେଷ କରାଯିବା ନେଇ ବିଧାୟକ ଶ୍ରୀ ମଲ୍ଲିକ ପ୍ରତିଶ୍ରୁତି ଦେଇଥିଲେ।



# ଯୁବ ଦିବସରେ ରକ୍ତଦାନ ଶିବିର

**ଯାଜପୁର,୧୨।୧(ସମିସ):** ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଯାଜପୁର ସହରର ଲଳିତେଶ୍ୱରସ୍ଥିତ ଅମ୍ବିକା ମଣ୍ଡପରେ ରାମକୃଷ୍ଣ ବିବେକାନନ୍ଦ ସଂଘ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସ୍ୱାମୀ ଦେବେଶା ନନ୍ଦ ଜି ମହାରାଜ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ତଥା ଯୁବନେତା ଭବ ପ୍ରସାଦ ଦାସ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଯୁବକ, ସ୍ୱେଚ୍ଛାସେବୀ ଓ ଅଶୋକ ଦାସ ଫାଉଣ୍ଡେସନର ସଦସ୍ୟ ମାନେ ଯୋଗ ଦେଇ ରକ୍ତଦାନ କରିଥିଲେ। ଏହି ଶିବିରରେ ମୋଟ ୫୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।



# ଷ୍ଟିଲ୍‌ସିଟି ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

**ଦାନଗଦି, ୧୨।୧(ସମିସ):** ଦାନଗଦିଠାରେ ଥିବା ଷ୍ଟିଲସିଟି ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି, ବିଦ୍ୟାଭାରତୀ ଫାଉଣ୍ଡେସନର ଅଧ୍ୟକ୍ଷ ଲୋକନାଥ ଧୀରଙ୍କ ସଂଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଝାଡ଼େଶ୍ୱର ମହାବିଦ୍ୟାଳୟ ଟୋଲକାନୀର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଯୁଗଳ କିଶୋର ହୋତା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ କେଏମବିବି ତ୍ରିସୁଲିଆ କଟକର ଅଧ୍ୟକ୍ଷ ଡ. ସୁକାନ୍ତ କୁମାର ତ୍ରିପାଠୀ ଯୋଗଦେଇଥିବା ବେଳ ପିଏମ ବୃଦ୍ଧରାଜ ବିଦ୍ୟାପୀଠ ଦାନଗଦିର ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ରଘୁନାଥ ବେହେରା ସାମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ସ୍କୁଲର ଅଧ୍ୟକ୍ଷ ଜୟନ୍ତୀ ରାଉତରାୟ ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ଓ ସିଲ୍ ପ୍ରଦାନ କରିଥିଲେ। ସ୍କୁଲର ପବ୍ଲିକ ରିଲେସନ ଅଫିସର ବିପ୍ଳବ ବିକ୍ଷିପ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶ୍ରାବଣୀ ପାଲ, କିରନବାଳା ଦାଶ, ଖୁଶନାମା ପାରୱିନ ଏବଂ ପ୍ରିୟଦର୍ଶିନୀ ଓଝା ପ୍ରମୁଖ ସହଯୋଗ କରିଥିଲେ।



# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



**ବ୍ୟାସନଗର,୧୨।୧(ସମିସ):** ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କେଏନ୍‌ଡିଏ ସମ୍ମିଳନୀ କକ୍ଷ କଳିଙ୍ଗନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୩୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୦ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ଯାଜପୁର ତାପସ ରଞ୍ଜନ ଦେହୁରୀ, ତହସିଲଦାର ବ୍ୟାସନଗର ପ୍ରଶାନ୍ତ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

# 'ବୁଦ୍ଧମ୍ ଶରଣଂ ଗଚ୍ଛାମି' ଧ୍ୱନିରେ ପ୍ରକମ୍ପିତ ଉଦୟଗିରି

**ବାଲିଚନ୍ଦ୍ରପୁର,୧୨।୧(ସମିସ):**



ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିଠାରେ ଆୟୋଜିତ ହେଉଛି ଗୁରୁ ପଦ୍ମସମ୍ଭବ ସମାବେଶ। ଲାଇଟ୍ ଅଫ୍ ବୁଦ୍ଧ ଫାଉଣ୍ଡେସନ ଇଣ୍ଡର ନ୍ୟାସନାଲ ପକ୍ଷରୁ ଓ ରାଜ୍ୟ ସରକାରଙ୍କ ସଂସ୍କୃତି ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୧୭ଟି ଦେଶରୁ ୧୮୭୭ ଜଣ ଯୋଗ ଦେଇଛନ୍ତି। ରବିବାର ଏହାର ଉଦ୍ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା ବେଳେ ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଗୁରୁ ପଦ୍ମସମ୍ଭବ ଦ୍ୱିତୀୟ ସମାବେଶରେ ଚଳିତ ବର୍ଷ ୧୭୫୮ ଜଣ ବୁଦ୍ଧ ସନ୍ଥ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବେଳେ ବିଦେଶରୁ ୧୧୯ ଜଣ ଆସିଥିବା ସୂଚନା ମିଳିଛି। ଉଦୟଗିରି ସ୍ଥିତ ବୌଦ୍ଧ ପାଠ ପରିସରରେ ପ୍ରାର୍ଥନା ସଭା ଆୟୋଜନ କରାଯାଇଛି। ଦିନ ତମାମ ସୋମବାର ପ୍ରାର୍ଥନା କରାଯାଇଥିଲା। 'ବୁଦ୍ଧମ୍ ଶରଣଂ ଗଚ୍ଛାମି' ମନ୍ତ୍ରରେ ପ୍ରକମ୍ପିତ ହୋଇଉଠିଛି ଉଦୟଗିରି। ଗୁରୁ ରିନପୋଚେ ସମସ୍ତଙ୍କୁ ମନ୍ତ୍ର ପାଠ କରାଇଥିଲେ। ସେହି ମନ୍ତ୍ର ଧ୍ୱନିରେ ଏକ ସଙ୍ଗେ ସମସ୍ତେ ପାଠ କରୁଥିବା ଦେଖା ଦେଉଥିଲା। ସକାଳ ୯ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ଓ ପରେ ଦିନ ୨ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଧର୍ମଗ୍ରନ୍ଥ ପାଠ କରାଯାଇଥିଲା। ଏହା ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ବିଭିନ୍ନ ଅଞ୍ଚଳର ଲୋକମାନେ ଆସି ପହଞ୍ଚିଥିଲେ।

# ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

**ବାଲିଚନ୍ଦ୍ରପୁର,୧୨।୧(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ଉଦୟଗିରିସ୍ଥିତ ଗୁରୁ ପଦ୍ମସମ୍ଭବ ଦ୍ୱିତୀୟ ସମାବେଶ ନିକଟରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ସୁଭଦ୍ରା ଶକ୍ତି ମେଳାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ମହିଳାମାନେ ନିଜ ଉତ୍ପାଦିତ ସାମଗ୍ରୀକୁ ଦେଶ ବିଦେଶରୁ ଆସିଥିବା ଲୋକଙ୍କୁ ଜଣାଇବା ସହ ବିକ୍ରୟ କରି ପାରିବେ। ଏହାଦ୍ୱାରା ବାହାର ରାଜ୍ୟ ତଥା ବିଦେଶ ଲୋକମାନେ ଆମ ମହିଳା ମାନେ କିପରି ସୁନ୍ଦର ସୁନ୍ଦର ସାମଗ୍ରୀ ତିଆରି କରି ପାରନ୍ତି ତାହା ଆମର ଲକ୍ଷ୍ୟ ବୋଲି ଜାଣି ପାରିବେ ବୋଲି ବିଧାୟକ ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ମିଶନ ଶକ୍ତିର ବ୍ଲକ ଅଧିକାରୀ ଅଜୟ କୁମାର ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମିନତୀ ସେନାପତି, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଅବସରକାଳୀନ ସମ୍ବର୍ଦ୍ଧନା

**ସିଂହପୁର,୧୨।୧(ସମିସ):** ବିଞ୍ଝାରପୁର ବ୍ଲକ-ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟରତ କର୍ମଚାରୀ ରମେଶ ଚନ୍ଦ୍ର ମଲ୍ଲିକ ତାଙ୍କ ଚାକିରି ଜୀବନରୁ ଅବସର ନେଇଛନ୍ତି। ଶ୍ରୀ ମଲ୍ଲିକ ଦୀର୍ଘ ୩୭ ବର୍ଷ ଚାକିରି ଜୀବନ ଅଧିକାଂଶ ସମୟ ନିଜ ଜନ୍ମମାଟି ଜରି ମେଡିକାଲରେ ସେବା ଯୋଗେଇ ଦେଇଛନ୍ତି। ଆଜି ମେଡିକାଲ ପରିସରରେ ଶ୍ରୀ ମଲ୍ଲିକଙ୍କ ବିଦାୟ କାଳୀନ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ନନ୍ଦକିଶୋର ମଲ୍ଲିକ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ମେଡିକାଲ ଅଫିସର ଡ. କ୍ଷିତୀଶ କୁମାର ନାୟକ, ମୁଖ୍ୟବକ୍ତା ଡ. ରତିକାନ୍ତ ଦାସ, ସମ୍ମାନିତ ଅତିଥି ପ୍ରାକ୍ତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ଶିକ୍ଷାବିତ ପ୍ରତାପ ପାତ୍ର, ବିନୋଦ ଦାସ, ସମାଜସେବୀ ମନୋଜ ସାମଲ, ଅମର ମଲ୍ଲିକ ଯୋଗଦେଇଥିଲେ। ଏହି ବିଦାୟକାଳୀନ ସଭାରେ ଜରି ମେଡିକାଲ ଷ୍ଟାଫ୍ ବିକାଶ କୁମାର ମଲ୍ଲିକ, ଦିବ୍ୟାରାଣୀ ନାୟକ, ବିଷ୍ଣୁପ୍ରିୟା ଦାସ, ତ୍ରିଲୋଚନ ମଲ୍ଲିକ, ରଞ୍ଜିତ କୁମାର ଦାସ, ସବିତା ମଲ୍ଲିକ, ସମାସେବୀ ବ୍ରଜ କିଶୋର ମଲ୍ଲିକ, ନିରଞ୍ଜନ ଜେନା ଯୋଗ ଦେଇଥିଲେ।

# ଅନ୍ଧାରୀ ପଞ୍ଚାୟତରେ ବିଜେଡିର ଯୁବ ଛାତ୍ର ସମ୍ମିଳନୀ

**କୋରେଇ,୧୨।୧(ସମିସ):** କୋରେଇ ବିଧାନସଭା ଆସନରେ ଅଶୋକ ଦାସ ୧୯୭୪ ମସିହାରୁ ୨୦୦୪ ପର୍ଯ୍ୟନ୍ତ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥଲେ। ଆଉ କୋରେଇ ବାସୀଙ୍କ ସହ ସାରା ଜୀବନ ବିତାଇଥିଲେ। ଆଉ ସ୍ୱର୍ଗତ ଅଶୋକଙ୍କ ଅଧୁରା ସ୍ୱପ୍ନ ପୁରଣ କରିବା ପାଇଁ ସବୁବେଳେ ଚେଷ୍ଟା ଜାରି ରହିଛି। କ୍ଷମତାରେ ଥାଏ ବା ନଥାଏ ସର୍ବଦା କୋରେଇବାସୀଙ୍କ ସହିତ ରହିବି। ଗତ ସାଧାରଣ ନିର୍ବାଚନରେ କୋରେଇବାସୀ ଯେଉଁ ଭଲ ପାଇବା ଆମ ପରିବାରକୁ ଦେଇଛନ୍ତି ତାହା ନିଶ୍ଚୟ ମନେ ରହିବ। କୋରେଇବାସୀ ମୋ ପରିବାର। ପ୍ରତ୍ୟେକ ପରିବାରର ଭଲ ମନ୍ଦରେ ମୁଁ ଏବଂ ସାନ ଭାଇ ଭବପ୍ରସାଦ ଠିଆ ହେବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ। କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତରେ ଅନୁଷ୍ଠିତ ଯୁବ ଛାତ୍ର ସମ୍ମିଳନୀରେ ଯୋଗ ଦେଇ ପ୍ରଣବ ଉପରୋକ୍ତ ମନ୍ତବ୍ୟ ପ୍ରଦାନ କରିଛନ୍ତି। ସଭାପତି ଗଣେଶ୍ୱର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଯୁବ ଛାତ୍ର ସମ୍ମିଳନୀରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ଯୁବ ଛାତ୍ର ସାମିଲ ହୋଇଥିଲେ। ଏହି ସମ୍ମିଳନୀରେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ଭକ୍ତବତ୍ସଳ ସ୍ୱାଇଁ, ପୂର୍ବତନ ପୂର୍ବତନ ଜିଲ୍ଲା ବିଜେଡି ଯୁବ ସଭାପତି ପ୍ରତାପ ମହାନ୍ତି, ଜିଲ୍ଲା ପରିଷଦ ସଦସ୍ୟା ସସ୍ମିତା ତରାଇ, ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ, ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ରାକେଶ ମହାନ୍ତି, ତପସ୍ୱିନୀ ଶତପଥୀ, ବସନ୍ତ କୁମାର ମହାକୁଡ, ପୂର୍ବତନ ସରପଞ୍ଚ ସୁଧାଂଶ ଶେଖର ବରାଳ, ଆଲୋକ କୁମାର ରାଉତରାୟ, ଦେବଦତ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପ୍ରଣବଙ୍କ ହାତ ମୁଠାକୁ ଟାଣ କରିବାକୁ ଶପଥ ନେଇଥିଲେ।



# ୧୪ରୁ ଓଲାଶୁଣୀ ଗୁମ୍ଫା ଯାତ୍ରା
# ଆଜି ଅନୁଷ୍ଠିତ ହେବ କେଶ ଯାତ୍ରା

**କୁଦଳ,୧୨।୧(ସମିସ):** ଓଲାଶୁଣୀ ଗୁମ୍ଫା ଯାତ୍ରା ଆମ ରାଜ୍ୟର ଏକ ପ୍ରସିଦ୍ଧ ଯାତ୍ରା ରୂପେ ପରିଚିତ। ଚଳିତ ବର୍ଷ ଜାନୁଆରୀ ୧୪ରୁ ୨୪ ତାରିଖ ପର୍ଯ୍ୟନ୍ତ ଗୁମ୍ଫାମେଳା ଅନୁଷ୍ଠିତ ହେବ। ମାଘମାସ କୃଷ୍ଣ ପକ୍ଷ ଏକାଦଶୀ ତିଥିରେ ଏହି ଗୁମ୍ଫା ଯାତ୍ରା ଆରମ୍ଭ ହୋଇଥାଏ। ସାରା ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ଯାତ୍ରା ଦେଖିବାକୁ ଆସିଥାନ୍ତି। ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ୧୮୯ତମ ମହାପ୍ରୟାଣ ଦିବସ ପୂର୍ବଦିନ ଦଶମୀ ତିଥି ମଙ୍ଗଳବାର ସନ୍ଧ୍ୟାରେ ନିଆରା ପରମ୍ପରା କେଶ ଯାତ୍ରା ଆରମ୍ଭ ହୋଇଥାଏ। କିମ୍ବଦନ୍ତୀ ଅନୁଯାୟୀ ସନ୍ଥ ଅରକ୍ଷିତ ଦାସ ଜୀବିତ ଥିବା ବେଳେ ପ୍ରତିଦିନ ଓଲାଶୁଣୀ ନିକଟବର୍ତ୍ତି ଶୁଖୁଆପଡ଼ା ଗ୍ରାମକୁ ବୁଲିବାକୁ ଯାଇଥାନ୍ତି। ଥରେ ଶୁଖୁଆପଡ଼ା ଗ୍ରାମର କମ୍ବୁ ମହାରଣାଙ୍କ ସ୍ତ୍ରୀ ଜହ୍ନି ମହାରଣା ମହାପୁରୁଷଙ୍କର କେଶ କୁଣ୍ଡାଇବା ସମୟରେ ଗୋଟିଏ କେଶ ଝଡ଼ିପଡ଼ିବାରୁ ସେ ଏହାକୁ ନିଜ ପାଖରେ ରଖିବା ପାଇଁ ସନ୍ଥଙ୍କ ଅନୁମତି ନେଇ ଏକ କାଠ ଫରୁଆ ଭିତରେ ରଖି ନିୟମିତ ପୂଜା କରୁଥିଲେ। ତେବେ କେଶଟି ଧିରେ ଧିରେ ବଢ଼ି ଏକ ଜଟାରେ ପରିଣତ ହେଲାଣି। ତେବେ ଏହି କେଶ ଜଟାକୁ ଲୋକମାନେ ଦେଖି ଆଶ୍ଚର୍ଯ୍ୟ ହେବା ସହିତ ଏହା ମହାପୁରୁଷଙ୍କର ମହିମା ବୋଲି ଧାରଣା କରି ପୂଜାର୍ଚ୍ଚନା କରନ୍ତି। ଏବେ ଜହ୍ନି ମହାରଣା ପରିବାର ଶୁଖୁଆପଡ଼ାରୁ ଉଠିଯାଇ ଲଳିତଗିରି ଗ୍ରାମରେ ରହୁଛନ୍ତି। ପ୍ରତ୍ୟେକ ବର୍ଷ ପରମ୍ପରା ଅନୁଯାୟୀ ଏହି କେଶ ଜଟାକୁ ପୂଜାର୍ଚ୍ଚନା କରି ଏକ ସୁସଜ୍ଜିତ ବିମାନରେ ବାଜା, ବାଣ ରୋଷଣି ସହ ଓଲାଶୁଣୀ ପୀଠର ମହାପୁରୁଷ ସମାଧିପୀଠକୁ ଆସିଥାଏ। ପୀଠର ମଠାଧୀସ ମହନ୍ତ ଡ.ନାମାନନ୍ଦ ଦାସ ପୂଜାର୍ଚ୍ଚନା କରିସାରିବା ପରେ ବିମାନଟି ପାହାଡ଼ର ଶୀର୍ଷଦେଶକୁ ଯାଇ ସମାଧି ପରିସରରେ ରହିଥାଏ। ଏହି କେଶ ଯାତ୍ରାରେ ସନ୍ଥଙ୍କ ଦିକ୍ଷିତ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ଏହି ସୁସଜ୍ଜିତ ବିମାନ ତିନି ଦିନ ସମାଧି ପରିସରରେ ରହିବା ପରେ ଭକ୍ତମାନେ ଦର୍ଶନ କରନ୍ତି। ତ୍ରୟୋଦଶୀ ଦିନ ଏହା ଲଳିତଗିରିକୁ ପୁଣି ବାଜା, ବାଣ, ରୋଷଣୀ ସହ ଫେରିଥାଏ।



# ଦଶରଥପୁରରେ ନାବାଳିକା ବିବାହ ଅଭିଯୋଗ

**ଦଶରଥପୁର,୧୨।୧(ସମିସ):** ଦଶରଥପୁର ଥାନା ଅଞ୍ଚଳର ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଅପହରହଣ କରିବା ପରେ ଅଭିଯୁକ୍ତ ଯୁବକ ଉକ୍ତ ଛାତ୍ରୀଙ୍କୁ ବିବାହ କରି ନିଜ ମାମୁଁ ଘରେ ଲୁଚାଇ ରଖିଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଦଶରଥପୁର ବ୍ଲକ ଅଞ୍ଚଳର ଏକ ସ୍କୁଲରେ ପଢୁଥିବା ଜୈନିକା ନାବାଳିକା ଓ ମଙ୍ଗଳପୁର ଥାନା କଁଧ ଅଞ୍ଚଳର ଜଣେ ଯୁବକଙ୍କ ମଧ୍ୟରେ ମୋବାଇଲ ମିସ କଲରୁ ସମ୍ପର୍କ ସ୍ଥାପନ ହୋଇଥିଲା। ମୋବାଇଲ ଫୋନରେ ସମ୍ପର୍କରେ ଘନିଷ୍ଠତା ବଢିବା ପରେ ଳିତ ମାସ ୬ତାରିଖ ସନ୍ଧ୍ୟା ସମୟରେ ନାବାଳିକା ଘର ପାଖ ରାସ୍ତା ଦେଇ ଟିଉସନ ଯାଉଥିବା ବେଳେ ଅଭିଯୁକ୍ତ ଯୁବକ ତାକୁ ସେଠାରୁ ଅପହରଣ କରି ଭଦ୍ରକ ଜିଲ୍ଲା ଧାମନଗର ଥାନା ଦୋବଲ ଅଞ୍ଚଳରେ ଥିବା ନିଜ ମାମୁଁ ଘରକୁ ନେଇଯାଇଥିଲା। ସେଠାରେ ନାବାଳିକାକୁ ବିବାହ କରିଥିବା ସୂଚନା ପାଇ ନାବାଳିକାଙ୍କ ପରିବାର ପକ୍ଷରୁ ଦଶରଥପୁର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦଶରଥପୁର ପୁଲିସ ଭାରତୀୟ ନ୍ୟାୟ ସଂହିତା ୧୩୭ (ଖ) ଧାରାରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ବେଳେ ଖବର ପାଇ ଦଶରଥପୁର ସିଡିପିଓ ଶାନ୍ତିଲତା ସେଠୀ ଘଟଣାର ସରଜମିନ ତଦନ୍ତ କରିଥିବା ଜଣାପଡିଛି।

# ପାନୀୟ ଜଳ ପରୀକ୍ଷା ପାଇଁ ନମୁନା ସଂଗ୍ରହ

**ଦଶରଥପୁର,୧୨।୧(ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତରେ ଗତ ୧୦ ବର୍ଷ ମଧ୍ୟରେ କ୍ୟାନ୍ସର ଏବଂ କିଡ୍‌ନୀ ରୋଗରେ ୧୨୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିବା ବେଳେ ବର୍ତ୍ତମାନ ୮ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ଏବଂ ରାଜ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ଗତ ରବିବାର ଓ ସୋମବାର ରାଜ୍ୟ ଓ ଜିଲ୍ଲା ପାନୀୟ ଜଳ ବିଭାଗ ପକ୍ଷରୁ ପାଲଟପୁର ପଞ୍ଚାୟତରେ ପାଣିର ନମୁନା ସଂଗ୍ରହ କରାଯାଉଥିବା ଦେଖିବାକୁ ମିଳିଛି। ପଞ୍ଚାୟତର ପ୍ରତି ୱାର୍ଡରୁ ୨୦ରୁ ୨୫ଟି ସରକାରୀ ଏବଂ ବେସରକାରୀ ନଳକୂପର ପାଣିକୁ ବୋତଲ ମାଧ୍ୟମରେ ସଂଗ୍ରହ କରାଯାଉଥିବା ଦେଖିବାକୁ ମିଳିଛି। ୧୨ଟି ୱାର୍ଡର ପ୍ରାୟ ୨୫୦ରୁ ଅଧିକ ନଳକୂପର ପାଣି ନମୁନା ସଂଗ୍ରହ କରାଯିବାକୁ ଥିବାବେଳେ ୨ ଦିନ ମଧ୍ୟରେ ପାଲଟପୁର, ନୀଳକଣ୍ଠପୁର, ବିନ୍ଧାନନ୍ଦିପୁର, କମାରସାହିରୁ ୧୫୬ଟି ବୋତଲରେ ପାଣିର ନମୁନା ସଂଗ୍ରହ କରାଯାଇଛି। ପାଣିର ସମସ୍ତ ପ୍ରକାର ମାନ ପରୀକ୍ଷା କରାଯିବା ପରେ ପାଣି ପାଇଁ କଣ ସମସ୍ୟା ସୃଷ୍ଟି ହେଉଛି ଜଣାପଡିବ ବୋଲି ସୂଚନା ଦେଇଛନ୍ତି। କେଉଁ କାରଣ ପାଇଁ ଏହି ପଞ୍ଚାୟତରେ ଏତେ ପରିମାଣରେ କ୍ୟାନ୍ସର ଓ କିଡ୍‌ନୀ ରୋଗ ବ୍ୟାପୁଛି କିମ୍ବା ଅନ୍ୟ କେଉଁ କାରଣ ପାଇଁ ରୋଗ ବଢୁଛି ପ୍ରଶାସନକୁ ରିପୋର୍ଟ ଦିଆଯିବ। ପାନୀୟ ଜଳ ମାନ ପରୀକ୍ଷା ପାଇଁ ନମୁନା ସଂଗ୍ରହ ରାଜ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଚିଫ ଅନାନଲିସି ନରେନ୍ଦ୍ର କୁମାର ପଣ୍ଡା, ବ୍ରଜକିଶୋର ରାଉତ, ଅବନୀ ବରାଳ, ପ୍ରଶାନ୍ତ କୁମାର ବିଶ୍ୱାଳ, ଜିଲ୍ଲା ଲାବ୍ରୋଟାରି ପକ୍ଷରୁ ଆସିଷ୍ଟାଣ୍ଟ ଲାବ୍ରୋଟୋରିଆନ ଦିଲ୍ଲୀପ କୁମାର ବିଶ୍ୱାଳ, ସାମସର ଅଲ୍ଲୀ ଖାନ, ବିଭାଗୀୟ ଯନ୍ତ୍ରୀ ସ୍ୱର୍ଣ୍ଣଲତା ରାଉତ, ସରପଞ୍ଚ ଲିପିକା ମଳିକ, ଚନ୍ଦ୍ରଶେଖର ସାହୁ ପ୍ରମୁଖ ପାଣି ନମୁନା ପାଇଁ ଗାଁକୁ ଗାଁ ବୁଲି ସଂଗ୍ରହ କରୁଛନ୍ତି।

● ଏନ୍‌ସିସି କପ୍

# କେନ୍ଦ୍ରାପଡ଼ାକୁ ହରାଇ ଖରିପଡ଼ିଆ ଚାମ୍ପିଅନ




**ବରୀ,୧୨।୧(ସମିସ):** କନ୍ଧବଟ ମେଲଣ ପଡିଆ ନାଥପୁରଠାରେ ୟଙ୍ଗ୍ ଷ୍ଟାର୍ ୟୁଥ୍ କ୍ଲବ ପକ୍ଷରୁ ଅନୁଷ୍ଠିତ ଏନ୍‌ସିସି କପ୍ କ୍ରିକେଟ୍ ମ୍ୟାଚ୍ ଫାଇନାଲରେ କାବେରୀ ଇଲେଭେନ୍ କେନ୍ଦ୍ରାପଡାକୁ ହରାଇ ଖରିପଡ଼ିଆ ଚଳିତ ବର୍ଷର ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଖରିପଡ଼ିଆ ପ୍ରଥମେ ବ୍ୟାଟିଂ କରି ୧୫୧ ରନ୍ ସଂଗ୍ରହ କରିଥିବା ବେଳେ କେନ୍ଦ୍ରାପଡା ତାର ସମସ୍ତ ୱିକେଟ୍ ହରାଇ ମାତ୍ର ୭୮ ରନ୍‌ରେ ପରାଜୟବରଣ କରିଥିଲା। ଖରିପଡ଼ିଆର ସୁମନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ କେନ୍ଦ୍ରାପଡାର ହରିଶ୍ଚନ୍ଦ୍ର ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ୍ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅର୍ଚ୍ଚନା ମଳିକ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ଦିଲିପ କୁମାର ମହାନ୍ତି, ସନ୍ତୋଷ କୁମାର ସାମଲ, ସ୍ଥାନୀୟ ସରପଞ୍ଚ କୁନା ମଳିକ, ସମିତିସଭ୍ୟ ଶ୍ରୀଧର ସେଠୀ, ସମାଜିକ କର୍ମୀ ଅରବିନ୍ଦ ମହାନ୍ତି, ପୂର୍ବତନ ସରପଞ୍ଚ ବିଜୟାନନ୍ଦ ଜେନା, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌କୁ ଦୀପକ କୁମାର ଜେନା ଓ ଦୀନବନ୍ଧୁ ପ୍ରଧାନ ପରିଚାଳନା କରିଥିବା ବେଳେ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସର୍ବଭାରତୀୟ ଶୋଭନୀୟ ଯୁବ ସମାବେଶ ଉଦଯାପିତ

**ବାଲିଚନ୍ଦ୍ରପୁର,୧୨।୧(ସମିସ):**




ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ନିକଟରେ ଥିବା ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ସର୍ବଭାରତୀୟ ଯୁବ ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଲାଇଟ୍ ଅଫ ବୁଦ୍ଧ ଧର୍ମ ଫାଉଣ୍ଡେସନ ଆମେରିକାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ୱାଙ୍ଗମୋ ଡିକ୍ସୀ ଉଦ୍‌ଘାଟନ କରି ଗୁରୁ ପଦ୍ମସମ୍ଭବ ଓ କୁମାର ଭାଇଙ୍କ ପ୍ରଦର୍ଶିତ ମାର୍ଗରେ ବିଶ୍ୱ ଏକତା ଓ ଓ ଆଧ୍ୟାତ୍ମିକତା ଜାଗରଣ ଦ୍ୱାରା ବିଶ୍ୱରେ ଶାନ୍ତି ମିଳିପାରିବ। ଏଠାକାର ପରିବେଶ ଓ ଅନ୍ତେବାସୀଙ୍କ ସ୍ନେହ ଓ ଆନ୍ତରିକତା ଅଭିଭୂତ ହୋଇ ଶୋଭନୀୟ ଶିକ୍ଷାଶ୍ରମ ପ୍ରକୃତ ମଣିଷ ଗଢ଼ିବା କାରଖାନା ବୋଲି ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ରୂପେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଐତିହାସିକ ପ୍ରବୀର କୁମାର ପଟ୍ଟନାୟକ, ଡ. ହରିଶ ଚନ୍ଦ୍ର ପୃଷ୍ଟି, ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡିଆ, ବିଜୁ ପଟ୍ଟନାୟକ ଫିଲ୍ମ ଓ ଟେଲିଭିଜନ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହିମାଂଶୁ ଖଟୁଆ, ଆମେରିକାର ପ୍ରଫେସର ତ୍ରୈଲୋକ୍ୟ ନାଥ ପାଣ୍ଡିଆ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ, ରମାଦେବୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଗଣେଶ୍ୱର ନାୟକ, ଆଇଏମ୍‌ବି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ତ୍ରିଲୋଚନ ନାୟକ ପ୍ରମୁଖ ଯୋଗଦେଇ ବୁଦ୍ଧ ଓ କୁମାର ଭାଇଙ୍କ ପ୍ରଦର୍ଶିତ ମାର୍ଗ ଯୁଦ୍ଧଖୋର ପୃଥିବୀ ନୁହେଁ ଶାନ୍ତିର ବାର୍ତ୍ତା ପ୍ରଚାର କରୁଥିବା ପୃଥିବୀର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସ୍ମରଣିକା "ଯୁବସୂର୍ଯ୍ୟ" ଉନ୍ମୋଚିତ ହୋଇଥିଲା। ଡ. ଅନିତା ସାବତଙ୍କୁ ଇଣ୍ଟର ନ୍ୟାସନାଲ ୟୁଥ ଆୱାର୍ଡ୍-୨୦୨୬ ପ୍ରଦାନ କରାଯାଇଥିଲା। ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଆମେରିକା ଆଦି ଦେଶ ସମେତ ଭାରତ ବର୍ଷର ବିଭିନ୍ନ ବିଶ୍ୱବିଦ୍ୟାଳୟର ସ୍କଲାରମାନେ ଯୋଗଦେଇ ହୀରକ ତ୍ରିଭୁଜ, ଗୌତମ ବୁଦ୍ଧ ଓ ବିଶ୍ୱ ଶାନ୍ତି ଉପରେ ସନ୍ଦର୍ଭ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୋଭନୀୟ ଆନ୍ଦୋଳନର ମିନତୀ ଦେବୀ, ବରଦା ମହାନ୍ତି, ଦୟାନିଧି ରାଉତ, ଇନ୍ଦ୍ରମଣି ନାୟକ, ନିରାକାର ବେଉରା, ରାକେଶ କୁମାର, ସର୍ବେଶ୍ୱର ବରାଳ, ଗୀତାଞ୍ଜଳି ଗୁରୁମା ଓ ଚାରୁଲତା ଦେବୀ ପ୍ରମୁଖ ପରିଚାଳନା କରିଥିଲେ। ମମତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଗରମ ପାଣିରେ ପଡ଼ି ଛାତ୍ରୀ ଗୁରୁତର

**ବରୀ,୧୨।୧(ସମିସ):** ଗରମପାଣିରେ ପଡ଼ି ନବମ ଶ୍ରେଣୀର ଛାତ୍ରୀ ଗୁରୁତର ହେବା ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡିଛି। ବରୀ ବ୍ଲକ୍ ଅନ୍ତର୍ଗତ ନାଥପୁର ଗ୍ରାମର ସମୀର ଦଳାଇଙ୍କ ନବମ ଶ୍ରେଣୀରେ ପଢୁଥିବା ଝିଅ ସିମିରେନ (୧୩) ସୋମବାର ସକାଳେ ବିଦ୍ୟାଳୟ ଯିବା ପାଇଁ ଗାଧୋଇବା ନିମନ୍ତେ ପାଣି ଗରମ କରୁଥିବା ବେଳେ ଅନ୍ୟ ମନସ୍କ ଭାବେ ଗରମ ପାଣି ତାଙ୍କ ଉପରେ ଢାଳି ହୋଇଯାଇଥିଲା। ତାଙ୍କ ଶରୀରର ବିଭିନ୍ନ ଅଂଶ ସିଝି ଯିବା ଫଳରେ ତାଙ୍କୁ ସଙ୍ଗେ ସଙ୍ଗେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଖବର ପାଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଡାକ୍ତରଖାନାରେ ପହଞ୍ଚିବା ସହ ଗୁରୁତର ଛାତ୍ରୀଙ୍କ ଚିକିତ୍ସା ସମ୍ପର୍କରେ ପଚାରିବୁଝିଥିଲେ। ଉନ୍ନତ ଚିକିତ୍ସା ଆବଶ୍ୟକ ହେଉଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବିଧାୟକ ପଠାଇବାର ତୁରନ୍ତ ବ୍ୟବସ୍ଥା କରିଥିଲେ।

# ଏଆର୍‌ଷ୍ଟ୍ରିପ୍ ପାଇଁ ସ୍ୱତନ୍ତ୍ର ଗ୍ରାମସଭା

ରାସଗୋବିନ୍ଦପୁର,୧୨।୧(ସମିସ)



ସୋମବାର ଅମର୍ଦା ଏୟାରଷ୍ଟ୍ରିପ ପାଇଁ ଜମି ଅଧିଗ୍ରହଣକୁ ନେଇ ନଳଗଜା ପଞ୍ଚାୟତ ଅଫିସ ପରିସରରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଏଆରଷ୍ଟ୍ରିପ ପାଇଁ ହାତ ଟେକି ଗ୍ରାମବାସୀ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।

ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଅମର୍ଦା ଏୟାରଷ୍ଟ୍ରିପ। ଏହି ବିମାନ ଘାଟିକୁ ପୁନରୁଦ୍ଧାର ପାଇଁ ସରକାର ଆଉ ପାଦେ ଆଗକୁ ବଢ଼ିଛନ୍ତି। ଏହି ବିମାନ ଘାଟି ଇଂରେଜ ସରକାର ନିର୍ମାଣ କରିଥିଲେ। ଦେଶ ସ୍ୱାଧୀନ ପରେ ଏହି ବିମାନ ଘାଟି ଅବହେଳିତ ଅବସ୍ଥାରେ ଥିବାରୁ ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା। ତେବେ ବିମାନ ଘାଟିର ପାଖାପାଖି ଜମି ସ୍ଥାନୀୟ ଆଦିବାସୀଙ୍କ ନାମରେ ରହିଥିବାରୁ ସରକାର ଗ୍ରାମସଭା ଡକାଇ ଲୋକଙ୍କ ମତାମତ ଲୋଡିଛନ୍ତି। ନଳଗଜା ସରପଞ୍ଚ ପୁନୁଗି ହାଁସଦାଙ୍କ ଦ୍ୱାରା ଆୟୋଜିତ ଆଜିର ଏହି ଗ୍ରାମସଭାରେ ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦା, ତହସିଲଦାର ଉପେନ୍ଦ୍ର ଦାସ, ଏବିଡିଓ ଜୟକୃଷ୍ଣ ନାୟକ, ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ, ମୋରଡା ଥାନା ଅଧିକାରୀ ସୁମିତ୍ ସୋରେନ, ଜୁନିଅର ଏମଭିଆଇ ସୁପ୍ରିୟା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ନଳଗଜା ସରପଞ୍ଚ ପୁନୁଗୀ ହାଁସଦା ଉପସ୍ଥିତ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସୁନାକଣିଆ ଅଞ୍ଚଳରୁ ଆସିଥିବା ସମସ୍ତ ଗ୍ରାମବାସୀ, ଜନସାଧାରଣଙ୍କୁ ଗ୍ରାମସଭାକୁ ସ୍ୱାଗତ ଜଣାଇଥିଲେ। ପରେ ଏଆରଷ୍ଟ୍ରିପ କାର୍ଯ୍ୟକ୍ରମ ତ୍ୱରାନ୍ୱିତକୁ ନେଇ ଗ୍ରାମବାସୀଙ୍କ ସୁଚିନ୍ତିତ ମତାମତ ହାତ ଟେକି ସମର୍ଥନ ଜଣାଇବା ପାଇଁ କହିଥିଲେ। ଉପସ୍ଥିତ ଗ୍ରାମବାସୀ ଏଆରଷ୍ଟ୍ରିପ କାର୍ଯ୍ୟକ୍ରମ ସୁରୁଖୁରୁରେ ତ୍ୱରାନ୍ୱିତ କରାଇବା ପାଇଁ ତାଙ୍କର ସୁଚିନ୍ତିତ ମତାମତ ହାତ ଟେକି ଜଣାଇଥିଲେ। ସରପଞ୍ଚ ପୁନୁଗୀ ହାଁସଦ ଧନ୍ୟବାଦ ଜଣାଇଥିଲେ। ଦେଖିବାକୁ ରହିଲା ଅମର୍ଦା ଏୟାରଷ୍ଟ୍ରିପରେ କେବେ ସୁଦ୍ଧା ବିମାନ ସେବା ଆରମ୍ଭ ହୋଇପାରୁଛି।

# ହାତୀ ଭାଙ୍ଗିଥିଲା ଘର; ବନ ବିଭାଗର ସହାୟତା



ତୁରୁମୁଙ୍ଗା,୧୨।୧(ସମିସ): ଗତ କିଛିଦିନ ହେବ ପାଟଣା ରେଞ୍ଜ ଅଞ୍ଚଳରେ ୨୫ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ହାତୀପଲ ଉପଦ୍ରବ ଯୋଗୁଁ କେତେକ ଘର ଭାଙ୍ଗିଥିବାବେଳେ କ୍ଷତିଗ୍ରସ୍ତ ପରିବାରକୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ଦିଆଯାଇଛି। ସୋମବାର ବନ ବିଭାଗ ପକ୍ଷରୁ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଯମୁନାପଶି ବିଟ୍ ବନରକ୍ଷୀ ଅନନ୍ୟା ପ୍ରିୟଦର୍ଶିନୀ ନାଏକ ସହାୟତା ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ଖାଦ୍ୟ ଶସ୍ୟ ରଖିବା ପାଇଁ ଏକ ଷ୍ଟିଲ ଡ୍ରମ ସହ ପଲିଥିନ ପ୍ରଦାନ କରିଛନ୍ତି। ଖିରେଇଟାଙ୍ଗିରୀ ସେକ୍ସନ ଝାରବେଡ଼ା ଗ୍ରାମର ଗଦାଧର ନାଏକ, କିଆପଡ଼ା ଗ୍ରାମର ମଙ୍ଗଳି ନାଏକ, ଭାଗୀରଥି ନାଏକ ଏବଂ କୋଟିଲାପଦା ଗ୍ରାମର ସୌଦାମିନୀ ମହାନ୍ତଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। କ୍ଷତିପୂରଣ ସହାୟତା ରାଶି ଖୁବ୍‌ଶୀଘ୍ର କ୍ଷତିଗ୍ରସ୍ତଙ୍କ ଆକାଉଣ୍ଟକୁ ପଠାଇ ଦିଆଯିବ ବୋଲି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ କହିଛନ୍ତି।

● ଅତିରିକ୍ତ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ପ୍ରସଙ୍ଗ

# ଅତିରିକ୍ତ ଜିଲ୍ଲାପାଳ ଦେଲେ ସ୍ପଷ୍ଟୀକରଣ

ରାଇରଙ୍ଗପୁର,୧୨।୧(ସମିସ): ରାଇରଙ୍ଗପୁର ସ୍ଥିତ କଚେରୀ କ୍ୟାଣ୍ଟିନକୁ ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଦୁର୍ବ୍ୟବହାର ଅଭିଯୋଗ ହୋଇଥିଲା। ଉକ୍ତ ପ୍ରସଙ୍ଗ ନେଇ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ ସ୍ପଷ୍ଟିକରଣ ଦେଇଛନ୍ତି। ପ୍ରକାଶିତ ଖବରକୁ ନେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳ ଏକ ପ୍ରେସ୍ ବିବୃତି ଦେଇଛନ୍ତି। ସେ କହିଛନ୍ତି ଯେ ଜୈନକ ଲିଜ୍ ଧାରୀଙ୍କ ସମ୍ପର୍କରେ ତାଙ୍କର କୌଣସି ଧାରଣା ନାହିଁ। ଏହା କଚେରୀ କ୍ୟାଣ୍ଟିନ୍ ଭାବରେ ରାଇରଙ୍ଗପୁର ତହସିଲଦାରଙ୍କ ତତ୍ତ୍?ାବଧାନରେ ଚାଲିଥିବା ବେଳେ ବିବାଦୀୟ ପରିସ୍ଥିତି ଯୋଗୁଁ ଏହା ବନ୍ଦ ହୋଇଛି। ତେଣୁ ବନ୍ଦ କ୍ୟାଣ୍ଟିନ ଚାବିକାଠି ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ହେପାଜତରେ ରହିଛି। ତେବେ ଜନୈକ ଲିଜ୍ ଧାରୀ ଆସି ତାଙ୍କୁ କାର୍ଯ୍ୟାଳୟରେ କ୍ୟାଣ୍ଟିନ୍ ଚାବି ମାଗିବାରୁ ସେ ଦେବାକୁ ମନା କରିଥିଲେ। ବିବାଦୀୟ ସ୍ଥିତିର ସମାଧାନ ହୋଇ କାର୍ଯ୍ୟକ୍ଷମ ହେଲେ ନିୟମାନୁଯାଇ ଅଧିକାରିକ ଭାବେ ଚାବି ପ୍ରଦାନ କରାଯିବ ବୋଲି ସେ ବୁଝେଇ ଥିଲେ। କିନ୍ତୁ ଉକ୍ତ ଦିନ ଉପସ୍ଥିତ ବ୍ୟକ୍ତି ମାନେ ଚାବି ପ୍ରଦାନ କରିବାକୁ ତାଙ୍କୁ ବାଧ କରିଥିଲେ ଏବଂ ତାଙ୍କ ସହିତ ଯୁକ୍ତିତର୍କ କରିବା ସହ ଦୁର୍ବ୍ୟବହାର ମଧ୍ୟ କରିଥିଲେ। ସେ ମନା କରିବାରୁ ଏହାର ଭିଡିଓ ଉଦ୍ଦେଶ୍ୟମୂଳକ ଭାବେ ମୋବାଇଲରେ ଉତ୍ତୋଳନ କରି ଏହାକୁ ଏଡିଟ୍ କରି ନିର୍ଦ୍ଦିଷ୍ଟ ଭିଡିଓ ସର୍ବସାଧାରଣରେ ବିଭ୍ରାନ୍ତିକର ଭାବେ ପ୍ରସାର କରି ତାଙ୍କୁ ବଦନାମ୍ କରିବାକୁ ଷଡ଼ଯନ୍ତ୍ର କରିଥିବା ଶ୍ରୀ ବଳ କହିଛନ୍ତି। କ୍ୟାଣ୍ଟିନ ବିବାଦର ସମାଧାନ ହେଲେ କ୍ୟାଣ୍ଟିନ ଚାବି ପ୍ରଦାନ କରିବାରେ କୌଣସି ପ୍ରତିବନ୍ଧକ ନ ଥିବା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବଳ ପ୍ରକାଶ କରିଛନ୍ତି।

# ରାଜାବସାରେ ସ୍ୱଧର୍ମକୁ ଫେରିଲେ ୧୩୧ ଜଣ



ବାରିପଦା,୧୨।୧(ସମିସ): ଖୁଣ୍ଟା ବ୍ଲକର ସୀମାନ୍ତ ଗ୍ରାମ ରାଜାବସାଠାରେ ଅନୁଷ୍ଠିତ ସ୍ୱଧର୍ମ ପ୍ରତ୍ୟାବର୍ତ୍ତନ ସମାବେଶରେ ଅଗ୍ନିକୁଆଁର ଓ ରାଜାବସା ସହିତ ବଡସାହି ବ୍ଲକର ଚମ୍ପାଗଡ଼ ଗାଁର ସାନ୍ତାଳ, ଭୂମିଜ ଓ ଲୋଧା ଆଦିମ ଜନଜାତିର ୩୧ ପରିବାରର ୧୩୧ ଜଣ ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏ ଅବସରରେ ଗ୍ରାମର ମାଝିବାବା ବୁଦ୍ଧିଆ କିସ୍କୁଙ୍କ ଦ୍ୱାରା ପୂଜାପାଠ ପରେ ସମସ୍ତଙ୍କୁ ପବିତ୍ର ଜଳ ସିଞ୍ଚନ ପୂର୍ବକ ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ପିଢ ପାରଗାନା ରାମାୟ ବେଶ୍ରା ଉପସ୍ଥିତ ରହି ସ୍ୱଧର୍ମ ପ୍ରତ୍ୟାବର୍ତ୍ତନ କରିଥିବା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏକ ଧର୍ମ ସଭାର ଆୟୋଜନ କରାଯାଇଥିଲା। ଭାରତ ସରକାରଙ୍କ ପ୍ରତିରକ୍ଷା ଓ ଗବେଷଣା ସଂସ୍ଥାର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭୀମଚରଣ ମାଝି ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜ ଧର୍ମକୁ ମହାନ ବୋଲି କହିବା ସହିତ ନିଜ ଧର୍ମ ସଂସ୍କୃତିକୁ ସବୁଦିନ ଆପଣେଇବାକୁ ପରାମର୍ଶ ଦେଇଥିଲେ। ସମାଜସେବୀ ଡା. ପ୍ରସନ୍ନ କୁମାର ପାତ୍ର, କୌଶିକ କୁମାର ସାହୁ, ଘନଶ୍ୟାମ ମହାନ୍ତ, ବୈଶାଖୁ ସର୍ଦ୍ଦାର ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଗଠନର ବରିଷ୍ଠ କାର୍ଯ୍ୟକର୍ତ୍ତା ସମାଜସେବୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଗ୍ରାମବାସୀମାନେ ନାଚଗୀତରେ ଅତିଥିମାନଙ୍କୁ ପାଛୋଟି ନେଇଥିଲେ। ଗାୟକ ତଥା ଲୋକକଳା ପ୍ରମୁଖ କନ୍ଦା ସୋରେନ ଓ ଶ୍ରଦ୍ଧାଜାଗରଣ ପ୍ରମୁଖ ବୃନ୍ଦା କିସ୍କୁ ବାଦ୍ୟ ଓ ନୃତ୍ୟ ପରିଚାଳନା କରିଥିଲେ। ଶିକ୍ଷା ପ୍ରକଳ୍ପ ସଂଯୋଜକ କୈଳାସ ମୁର୍ମୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ବାଲି ମୁର୍ମୁ, ବାସନ୍ତୀ ଭକ୍ତା ଓ ସୀତା ମୁର୍ମୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସହଭୋଜିର ଆୟୋଜନ କରାଯାଇଥିଲା।

# ୧ ବାଲି ବୋଝେଇ ଟ୍ରାକ୍ଟର ଜବତ



ରାସଗୋବିନ୍ଦପୁର,୧୨।୧(ସମିସ): ରାସଗୋବିନ୍ଦପୁର ଥାନା ଅଞ୍ଚଳରୁ ପ୍ରତିଦିନ ବେଆଇନ ମୋରମ, ମାଟି ଓ ବାଲି ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ରାସଗୋବିନ୍ଦପୁର ଥାନା ବଡାମପୁର ଫାଣ୍ଡି ଅଞ୍ଚଳର ପଥରଚାଟିଆ ମୋରଡ଼ାଠାରେ ଜମ୍ବିରା ନଦୀରୁ ବେଆଇନ ବାଲି ଘାଟ କରି ବେଧଡ଼କ ଦିନରାତି ବାଲି ଚୋରା ଚାଲାଣ ଚାଲିଥିବାବେଳେ ଖବର ପାଇ ରାସଗୋବିନ୍ଦପୁର ପୁଲିସ ଏଏସଆଇ ମଞ୍ଜୁଲତା ବେହେରା ଓ ବଡାମପୁର ଫାଣ୍ଡି ଅଧିକାରୀ ସୁଶୀଲ ସାମଲ ମିଳିତ ଭାବେ ଚଢ଼ଉ କରି ପଥରଚାଟିଆ ନିକଟରୁ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଡ୍ରାଇଭର ତପନ ସିଂକୁ ଗିରଫ କରି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

# ହାତୀ ଘଉଡ଼ାଇବା ବାଣରୁ ନିଆଁ ଲାଗି ପୋଡ଼ିଗଲା ନଡ଼ାଗଦା




ରାସଗୋବିନ୍ଦପୁର,୧୨।୧(ସମିସ): ରବିବାର ରାତିରେ ବେତନଟୀ ରେଞ୍ଜ ଅନ୍ତର୍ଗତ ମାଣିଦା ପଞ୍ଚାୟତ ବେଣାଶୋଳ ଗ୍ରାମରେ ହାତୀ ଅନୁପ୍ରବେଶ କରିଥିଲେ। ବନ କର୍ମଚାରୀ ହାତୀ ଘଉଡ଼ାଇବା ପାଇଁ ଆସିଥିଲେ। ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ କର୍ମଚାରୀ ଗ୍ରାମବାସୀଙ୍କ ଉପସ୍ଥିତିରେ ବାଣ ମାରିଥିଲେ। ବାଣ ହାତୀ ପଟକୁ ନ ଯାଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ଗଚ୍ଛିତ ଥିବା ତିନିମାଣ ଜମି ନଡ଼ା ଗଦାରେ ପଡ଼ି ଜଳିଯାଇଥିଲା। ପରେ ଘଟଣାସ୍ଥଳରୁ ବନ କର୍ମଚାରୀ ପଳାଇ ଯାଇଥିଲେ। ଏ ସମ୍ପର୍କରେ ବେତନଟୀ ଡେପୁଟି ରେଞ୍ଜର ଧ୍ରୁବେନ୍ଦ୍ର ନାଥ ନାଏକଙ୍କୁ ପଚାରିବାରୁ ଯଦି ଏହା କର୍ମଚାରୀଙ୍କ ଯୋଗୁଁ ନଡ଼ା ଗଦା ପୋଡ଼ି ଯାଇଥାଏ, ତେବେ ତଦନ୍ତ କରି କ୍ଷତିପୂରଣ ପ୍ରଦାନ କରାଯିବ।

# ମାଣତ୍ରୀରୁ ଲକ୍ଷାଧିକ ଟଙ୍କାର ବଳଦ ଓ ଗାଈ ଚୋରି

ମାଣତ୍ରୀ,୧୨।୧(ସମିସ): ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ପଞ୍ଚାୟତର ୨ଟି ଗ୍ରାମରୁ ରବିବାର ରାତିରେ ଚୋରମାନେ ଲକ୍ଷାଧିକ ଟଙ୍କାର ପୃଥକ ଭାବେ ହଳେ ବଳଦ ଓ ଏକ ଗାର୍ଭିଣୀ ଗାଇ ଚୋରି କରି ନେଇଛନ୍ତି। ମାଣତ୍ରୀ ଗ୍ରାମର ଶରତ ପୋଥାଲଙ୍କ ଗୁହାଳରେ ବନ୍ଧା ହୋଇଥିବା ୨ଟି ବଳଦ ଘର ପଛ ପଟ ବାଡିର ବାଡ କାଟି ୪ଚକିଆ ଯାନରେ ନେଇଯାଇଛନ୍ତି। ଯାହାର ମୂଲ୍ୟ ୧ଲକ୍ଷ ଟଙ୍କା ହେବ। ସେହିପରି ଆଙ୍କପୁରା ଗ୍ରାମର ପିତାମ୍ବର ବେହେରାଙ୍କ ଗୁହାଳ ଘରୁ ଏକ ୨୦ହଜାର ଟଙ୍କା ମୂଲ୍ୟର ଗାର୍ଭିଣୀ ଗାଈ ନେଇଯାଇଛନ୍ତି। ଚୋରି ହୋଇଥିବା ସ୍ଥାନରୁ ମାଣତ୍ରୀ ପୁଲିସ୍ ବିଟ ହାଉସ ମାତ୍ର ୧୦୦ମିଟର ଦୂର ହୋଇଥିବା ବେଳେ ଚୋରମାନେ ଖୋଲି ଚ୍ୟାଲେଞ୍ଜ ଦେଇ ବାରମ୍ବାର ଚୋରି କରୁଛନ୍ତି। ମାସକ ତଳେ ମାଣତ୍ରୀ ଗ୍ରାରୁ ୫ଟି ଖାସି ଛେଳି ଓ ପୂର୍ବରୁ ବଳଦ ଚୋରି ଯାଇଥିଲେ ହେ ଏପର୍ଯ୍ୟନ୍ତ ଚୋର କିମ୍ବା ଚୋରି ଖାସି, ବଳଦ ଉଦ୍ଧାର ହୋଇନାହିଁ।ପୁଣିଗତରାତିରେଚୋରିସ୍ଥାନୀୟଅଞ୍ଚଳରେଜନଅସନ୍ତୋଷସୃଷ୍ଟିକରିଛି।

# ଧୂଳି ପ୍ରଦୂଷଣ ପାଇଁ ଉଦଳା ସିନେମା ହଲ୍ ରାସ୍ତା ଅବରୋଧ

ରାସ୍ତା କାମ ଅଧାପନ୍ତରିଆ



ଉଦଳା, ୧୨।୨(ସମିସ): ପ୍ରଦୂଷଣକୁ ନେଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ତେବେ ରାସ୍ତା କାମ ଅଧାପନ୍ତରିଆ ହୋଇ ପଡ଼ିରହିଥିବାରୁ ଉଦଳା ସିନେମା ହଲ୍ ରାସ୍ତାକୁ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀ ଅବରୋଧ କରିଥିଲେ।

ଉଦଳା ସହରର ମୁଖ୍ୟ ରାସ୍ତା ଟିଡିପିୟୁବିଏମ ରାସ୍ତା ଅଧୀନରେ ଏକ ଅଂଶ ହୋଇଥିବା କାରଣରୁ ଏହାର ସମ୍ପ୍ରସାରଣ କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଡ୍ରେନଠାରୁ ଆରମ୍ଭ କରି ପିଚୁ କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧୀନରେ ଚାଲୁ ରହିଛି। ତେବେ ସହରର ଚିକାଡୋଳା ଛକଠାରୁ କୃଷକ ବଜାର ଛକ ଦେଇ ସିନେମା ହଲ ସମ୍ମୁଖ ଦେଇ ରାସ୍ତା କାମ ଚାଲୁ ରହିଥିବାବେଳେ କୃଷକ ବଜାରଠାରୁ ସିନେମା ହଲ୍ ପର୍ଯ୍ୟନ୍ତ ରାସ୍ତା ଅଧାପନ୍ତରିଆ ଭାବେ ପଡ଼ିରହିଛି। ଫଳରେ ଧୂଳି ପ୍ରଦୂଷଣରେ ସ୍ଥାନୀୟ ବାସିନ୍ଦା ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ନା ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେଉଛି ନା ଦୈନିକ ପାଣି ଛିଞ୍ଚନ କରାଯାଉଛି। ଫଳରେ ଜନବହୁଳ ଉକ୍ତ ଅଞ୍ଚଳବାସୀ ଆଜି ସନ୍ଧ୍ୟାରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ଠପ ହୋଇଯାଇଥିଲା। ଖବର ପାଇ ଉଦଳା ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ ହେଁ ଲୋକେ କାର୍ଯ୍ୟ କରୁଥିବା ସଂସ୍ଥା ଦୈନିକ ଧୂଳି ପ୍ରଦୂଷଣ ରୋକିବା ପାଇଁ ତିନିଥର ପାଣି ଛିଞ୍ଚନ କରିବା ନେଇ ଜିଦ ଧରିଥିଲେ। ଦେଢ ଘଣ୍ଟା ପରେ ଉକ୍ତ ସଂସ୍ଥାର ପରିଚାଳକ ପାଣି ସିଞ୍ଚନ କରି ଧୂଳି ପ୍ରଦୂଷଣ ନ ହେବା ଦିଗରେ ପଦକ୍ଷେପ ଓ ମକର ପର୍ବ ପରେ ପିଚୁ ପକାଇବା ପ୍ରତିଶ୍ରୁତି ପରେ ଅବରୋଧ ହଟିଥିଲା।

# ହାଟଡ଼ିହୀ କଲେଜରେ ଯୁବ ଦିବସ




ହାଟଡ଼ିହୀ,୧୨।୧(ସମିସ): ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟରେ ଆଜି ପୂର୍ବାହ୍ନରେ କଲେଜ ଅଧକ୍ଷ ଚିତ୍ତରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ଯୁବ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସହ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଅଜୟ ଦାଶ ଓ ବିଶ୍ୱରଞ୍ଜନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ପ୍ରଥମେ ଜାତୀୟ ସଙ୍ଗୀତ ଗାନ କରିଥିଲେ କ୍ଷ ଏଥିରେ ରବୀନ୍ଦ୍ର ଜେନା, ଚକ୍ରଧର ଦାସ, ପ୍ରିୟଙ୍କା ମହାନ୍ତି, ନିଲମ୍ ସଂୟମ, ଟୁମୁକି ନାୟକ, ଜ୍ୟୋତିରୂପା ମଲ୍ଲିକ, ସ୍ୱାଗତିକା ନାୟକ, ଅବିନାଶ ରାଉତ, ଜଳଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଧକ୍ଷ ଚିତ୍ତରଞ୍ଜନ ରାଉତ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ପିଲାମାନଙ୍କୁ ବୁଝାଇଥିଲେ ଏବଂ ଯୁବ ସମାଜ କିପରି ଦେଶ ଗଢ଼ିବାରେ ପ୍ରମୁଖ ଭୂମିକା ନେଇପାରିବେ ସେ ବିଷୟରେ ମଧ୍ୟ ଆଲୋକପାତ କରିଥିଲେ କ୍ଷ ତା' ବ୍ୟତୀତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମାନେ ସ୍ୱାମୀଜୀଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଗଣେଶ୍ୱରପୁର ଗ୍ରାମରେ ଚୋରି

ବୈଶିଙ୍ଗା,୧୨।୧(ସମିସ): ବୈଶିଙ୍ଗା ଥାନା ଅଧୀନ ଗଣେଶ୍ୱରପୁର ଗ୍ରାମର ଜଣେ ଶିକ୍ଷକ ଶଶୁର ଘରକୁ ଯାଇଥିବାବେଳେ ରବିବାର ବିଳମ୍ବିତ ରାତିରେ ଘର ତାଲା ଭାଙ୍ଗି ସର୍ବସ୍ୱ ଲୁଟିଛନ୍ତି ଦୁର୍ବୃତ୍ତ। ଆନୁମାନିକ ୫୦ ଲକ୍ଷରୁ ଅଧିକ ସୁନା ରୁପା ଅଳଙ୍କାର ସମେତ ଆସବାବପତ୍ର ଓ ନଗଦ ୧୭ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦୁର୍ଗାପୁର ଉପକଣ୍ଠ ଗଣେଶ୍ୱରପୁର ଗ୍ରାମର ବିକର୍ତ୍ତନ ସେନାପତିଙ୍କ ୭ ପୁଅଙ୍କ ମଧ୍ୟରୁ ମଝିଆ ପୁଅ ବସନ୍ତ ପ୍ରାଥମିକ ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାବେଳେ ଗାଁ ମୁଣ୍ଡରେ ନୂତନ ଗୃହ ନିର୍ମାଣ କରି ୩ ବର୍ଷ ଧରି ରହୁଛନ୍ତି। ଶନିବାର ଅପରାହ୍ନରେ ବସନ୍ତ ସେନାପତି ପରିବାର ସହ ଶଶୁର ଘରକୁ ଯାଇଥିବାବେଳେ ରବିବାର ରାତିରେ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି।

# ସାଇବାବାଙ୍କ ମନ୍ଦିରରେ ପାରାୟଣ



ବାରିପଦା,୧୨।୧(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ସହରସାହିସ୍ଥ ଶିରିଡି ସାଇବାବାଙ୍କ ମନ୍ଦିର ପରିସରରେ ସାଇ ସତଚରିତ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳେ ପୂଜକଙ୍କ ଦ୍ୱାରା ବାବାଙ୍କ ଆଳତୀ ଓ ସଂକଳ୍ପ ବିଧି ସମ୍ପନ୍ନ ହେବାପରେ ଭକ୍ତଙ୍କ ଦ୍ୱାରା 'ସାଇ ସତଚରିତ' ପାଠ କରାଯାଇଥିଲା। ସନ୍ଧ୍ୟା ଆଳତୀ ପରେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା ଓ ଏହି ଅବସରରେ ଦିନବେଳେ ଓ ରାତିରେସମସ୍ତଭକ୍ତଜନଙ୍କପାଇଁପ୍ରସାଦସେବନରବ୍ୟବସ୍ଥାକରାଯାଇଥିଲାଓଡଃପ୍ରକାଶଚନ୍ଦ୍ର ଦାଶ, ଗଗନ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ସତ୍ୟଦୀପ ମହାନ୍ତି, କାଦମ୍ବିନୀ ଶତପଥି, ଶ୍ୱେତପଦ୍ମ ବେହେରା, ମମତା ଦାସ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନରହରି ରାଉତଙ୍କ ସ୍ମୃତିଚାରଣ ସଭା



ଆନନ୍ଦପୁର,୧୨।୧(ସମିସ): ବନମାଳୀ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ସଂସଦର ସମ୍ପାଦକ ନରହରି ରାଉତଙ୍କ ସ୍ମୃତିଚାରଣ ସଭା ନୟାଗଡ଼ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଅଛି। ସ୍ମୃତି ସଂସଦର ସଭାପତି ଶିକ୍ଷାବିତ୍ ଯଦୁନାଥ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଭା ପ୍ରଣାମ ମଞ୍ଚର ଆବାହକ ରତ୍ନାକର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ କବି ମୁରଲୀ ଧର ବେହେରା, ନାରାୟଣ ସାହୁ, ସୁରେନ୍ଦ୍ର କୁମାର ପରିଡ଼ା, ବିଦ୍ୟୁତ୍ ପ୍ରଭ ଦେଓ, ଅଧ୍ୟାପିକା ନିବେଦିତା ପଣ୍ଡା, ମିହିର କୁମାର ସାହୁ, ଅନନ୍ତ ଚରଣ ମୁଦୁଲି, ଅଭୟ ସାମଲ, ସୁରେନ୍ଦ୍ର ସାହୁ, କୁଳମଣି ବଳ, ବିପିନ କୁମାର ଚକ୍ର, ଜ୍ୟୋତିର୍ମୟୀ ରାଉତ, ବିଜୟ କୁମାର କର, ନିରଞ୍ଜନ ପଣ୍ଡା, କୈଳାସ ଚନ୍ଦ୍ର ପାତ୍ର, ପ୍ରମୁଖ କବିମାନେ କବିତା ପାଠ କରିଥିଲେ। ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା, ଅଧ୍ୟାପକ ଚିତ୍ତରଞ୍ଜନ ନାୟକ ସରୋଜ ଶତପଥୀ, କୃଷ୍ଣଚନ୍ଦ୍ର ଜେନା ମଧ୍ୟ ନରହରି ରାଉତଙ୍କ ଗୁଣ ଗାନ କରିଥିଲେ। ଚାରଣ ଭାଇ ବାସୁଦେବ ବେହେରା, ସୁରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ବିଷ୍ଣୁ ସହସ୍ର ନାମ, ଭାଗବତ ଚର୍ଚ୍ଚା ହୋଇଥିଲା ଶଙ୍କର୍ଷଣ ସାହୁ, ସନାତନ ବେହେରା, ମୁରଲୀଧର ପରିଡ଼ା, ରାମଚନ୍ଦ୍ର ପାଗଳ, ଶିବାନନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

ମହୁଲଡିହା,୧୨।୧(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହାତୀଗୋଡା ପଞ୍ଚାୟତର କାଦପାଣି ଗ୍ରାମରୁ ସୋମବାର ଦିନ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। କାଦପାଣି ଗ୍ରାମର କୁଶ ପୂର୍ତ୍ତି (୧୬) ଓ ସାତକୋଶିଆ ଗ୍ରାମର କାନ୍ତା ଖୁଣ୍ଟିଆ (୨୩) ବାଇକ ଯୋଗେ ଠାକୁରମୁଣ୍ଡା ବଜାରକୁ ଆସୁଥିଲେ। ହାତୀଗୋଡା ଗ୍ରାମ ନିକଟ ବାଙ୍କରେ ବାଇକ ଭାରସାମ୍ୟ ହରାଇ ସିମେଣ୍ଟ ପିଲରକୁ ଧକ୍କା ଦେବାରୁ ୨ ଜଣ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। କୁଶଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବାବେଳେ କାନ୍ତାଙ୍କ ମୁଣ୍ଡ ଓ ଛାତିରେ ଆଘାତ ଲାଗିଛି। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ବୋଲେରୋ ଧକ୍କାରେ ଜଣେ ମୃତ

କରଞ୍ଜିଆ,୧୨।୧(ସମିସ): ଆଜି ସନ୍ଧ୍ୟା ପ୍ରାୟ ୫.୩୦ ମିନିଟ୍ ସମୟରେ କରଞ୍ଜିଆ ଏନ୍‌ଏସି ଅନ୍ତର୍ଗତ ସରୁବାଲି ପୋଖରୀ ନିକଟରେ ବୋଲେରୋ ଗାଡ଼ି ଏକ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ କରଞ୍ଜିଆ ନୂଆସାହିର ରୂପକ ନାଏକ (୨୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥଲା। ଏହାସହିତ ଦୁଇଜଣ ଗୁରୁତର ଆହତ ହୋଇଥିଲେ। କରଡ଼ିଆ ନିବାସୀ ବାସୁଦେବ ବାରିକ ଓ ସରୁବାଲିର ଦୁର୍ଗା ଦାସ ଗୁରୁତର ହୋଇ ଚିକିତ୍ସା ନିମନ୍ତେ କରଞ୍ଜିଆ ମେଡିକାଲ୍‌ରେ ଭର୍ତି ହେଉଛନ୍ତି। ଗୁରୁତର ଦୁର୍ଗା ଦାସଙ୍କ ଦୁଇଟି ଯାକ ଗୋଡ ଭାଙ୍ଗି ଯାଇଥିବାବେଳେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ବାସୁଦେବ ବାରିକ କେନ୍ଦୁଝର ସ୍ଥାନାନ୍ତର ହେଇଛନ୍ତି।

# କାଠ ବୋଝେଇ ଟ୍ରକ୍ ଜବତ; ୨ ଅଟକ

ତୁରୁମୁଙ୍ଗା,୧୨।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ସାହାରପଡ଼ା ୨୨୦ ନମ୍ବର ଜାତୀୟ ରାଜପଥର ଖଜୁରୀଡିହା ଛକ ନିକଟରୁ ସୋମବାର ରାତି ୮ ଟାରେ ଏକ ଆକାଶିଆ ଓ ୟୁକାଲପଟାସ କାଠ ବୋଝେଇ ଆଇଚର ଗାଡ଼ିକୁ ବନ ବିଭାଗ ଧରିଛି। ଗାଡ଼ିର ଡ୍ରାଇଭର ଓ ହେଲପରକୁ ଅଟକ ରଖିବା ସହ କାଠ ଜବତ କରିଛି। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ଉରେ ପାଟଣା ବନପାଳ ନିରଞ୍ଜନ ସେଠୀଙ୍କ ସମେତ ବନ କର୍ମଚାରୀ ସାମିଲ ଥିଲେ।

# ଡନ୍ ବୋସ୍କୋ ଟେକ୍‌ର ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଚାରାରୋପଣ

ମହୁଲଡିହା,୧୨।୧(ସମିସ)




ଡନ୍ ବୋସ୍କୋ ଟେକର ୨୦ ବର୍ଷ ପୂର୍ତ୍ତି ଉତ୍ସବ ଉପଲକ୍ଷେ ଡିବି ଟେକ୍ ଟ୍ରି ଇନିସିଏଟିଭ୍ ୨୦ଟି ଗଛ ରୋପଣ ଅଭିଯାନ ଠାକୁରମୁଣ୍ଡା ଓ ସମ୍ବଲପୁର କେନ୍ଦ୍ରରେ ଆୟୋଜିତ ହୋଇଯାଇଛି। ଠାକୁରମୁଣ୍ଡାରେ, ଡନ୍ ବୋସ୍କୋ ଟେକ୍ କେନ୍ଦ୍ର ପରିସରରେ ଶରତ ତ୍ରିପାଠୀଙ୍କ ଉପସ୍ଥିତିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଡନ୍ ବୋସ୍କୋ ଟେକ୍‌ର ଠାକୁରମୁଣ୍ଡା କର୍ମଚାରୀ ଓ ପ୍ରଶିକ୍ଷାର୍ଥୀ ଉତ୍ସାହର ସହିତ ଅଂଶଗ୍ରହଣ କରି ୨୦ଟି ଗଛ ରୋପଣ କରିଥିଲେ। ସେହିପରି ସମ୍ବଲପୁରରେ, ଡନ୍ ବୋସ୍କୋ ଟେକ୍ ପକ୍ଷରୁ ଜେଏମକେ ହସ୍ପିଟାଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିଷ୍ଟର ମିନି, ସିଷ୍ଟର ମର୍ସି, ସିଷ୍ଟର ସୋଫିଆ ଅଗଷ୍ଟିନ ଓ ସିଷ୍ଟର ସରିତା କୁଜୁର ଉପସ୍ଥିତ ଥିଲେ। ଡନ୍ ବୋସ୍କୋ ଟେକ୍ କର୍ମଚାରୀ, ହସ୍ପିଟାଲ କର୍ମଚାରୀ ଓ ପ୍ରଶିକ୍ଷାର୍ଥୀ ମିଶି ସ୍ମୃତି ସ୍ୱରୂପ ୨୦ଟି ଗଛ ରୋପଣ କରିଥିଲେ। ଏହି ଦୁଇଟି କାର୍ଯ୍ୟକ୍ରମ ମାଧ୍ୟମରେ ଡନ୍ ବୋସ୍କୋ ଟେକ୍‌ର ଦକ୍ଷତା ବିକାଶ ଓ ଯୁବ ସଶକ୍ତିକରଣ କ୍ଷେତ୍ରରେ ୨୦ ବର୍ଷର ଅବଦାନକୁ ସ୍ମରଣ କରାଯାଇଥିବା ସହ ପରିବେଶ ସୁରକ୍ଷା ପ୍ରତି ସଂସ୍ଥାର ପ୍ରତିବଦ୍ଧତା ପ୍ରକାଶ ପାଇଥିଲା। ରୋପିତ ଗଛର ଯତ୍ନ ଓ ସୁରକ୍ଷା କରାଯିବ ବୋଲି ଜଣାଯାଇଛି।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ । ନେଣ-ଦେଣ ସମୟରେ ସତର୍କ ରୁହନ୍ତୁ । ଦୀର୍ଘଦିନରୁ ଅଟକିଥିବା କାମ ପୂରା ହେବ । ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ । ବୈବାହିକ ଜୀବନରେ ଚାଲିଥିବା ସମସ୍ୟାରୁ ମୁକ୍ତି ମିଳିବ ।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ । କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ । ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ । ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ ।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି । ପରିବାରକୁ ସମୟ ଦେବେ । ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ । ପିଲାଙ୍କ ବଦମାସ ସ୍ୱଭାବରେ ପିତାମାତା ବିରକ୍ତି ହୋଇପାରନ୍ତି ।

**କର୍କଟ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ । ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ । ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ ।

**ସିଂହ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ସମ୍ମାନ ହାନି ଯୋଗ । ଘରେ ପୂଜାପାଠ ଆୟୋଜନ କରିବେ । ସ୍ୱାସ୍ଥ୍ୟପ୍ରତି ଅଧିକ ଯତ୍ନଶୀଳ ହୁଅନ୍ତୁ । ଅଭିବାହିତଙ୍କ ପାଇଁ ଉତ୍ତମ ପ୍ରସ୍ତାବ ଆସିପାରେ ।

**କନ୍ୟା:** ଧନପ୍ରାପ୍ତି ଯୋଗ ରହିଛି । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ବିଦେଶ ଯାତ୍ରା କରିପାରନ୍ତି । ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ । ଧାର୍ମିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ । ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ । ନୂତନ ଯାନବାହନ କିଣି ପାରନ୍ତି । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ବିବାହ ସମସ୍ୟା ସମାଧାନ ହେବ । ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ । ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ ।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । କୌଣସି ନୂଆ କାମ ଆରମ୍ଭ କରିବେ । ନିବେଶରୁ କ୍ଷତି ସହିବାକୁ ପଡ଼ିପାରେ ।

**ମକର:** କର୍ମତତ୍ପର ରହିବେ । ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ । କର୍ମକ୍ଷେତ୍ରରେ କାମ ଚାପ ରହିବ । ଅନ୍‌ଲାଇନ୍‌ରେ କାମ କରୁଥିବା ଲୋକଙ୍କ ପାଇଁ ଦିନଟି ଭଲ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳି ନ ପାରେ । ଚାକିରିରେ ବଦଳି ସମ୍ଭାବନା ଅଛି । ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ପଢ଼ା ପାଇଁ ଅର୍ଥ ନିବେଶ କରିବେ । ଦୂରସ୍ଥାନକୁ ବୁଲିବା ଯୋଜନା କରିବେ । ଧାର କରଜରୁ ନିବୃତ୍ତ ରହିବେ ।

## ଆଜିର ଇତିହାସ

- ୧୫୫୯-ଏଲିଜାବେଥ୍ ପ୍ରଥମ ଇଂଲଣ୍ଡର ସାମ୍ରାଜ୍ଞୀ ହେଲେ ।
- ୧୯୧୦- ନ୍ୟୁୟର୍କରୁ ପ୍ରଥମ ରେଡିଓ ପ୍ରସାରଣ ଆରମ୍ଭ ହେଲା ।
- ୧୯୩୦-ମିକି ମାଉସ୍‌ର କମିକ୍ ଷ୍ଟ୍ରିପ୍ ପ୍ରକାଶ ପାଇଲା ।
- ୧୯୯୫-ବେଲାରୁସ୍ ନାଟୋର ୨୪ତମ ସଦସ୍ୟ ହେଲା ।
- ୨୦୦୯- ଜାମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ନ୍ୟାସନାଲ୍ କନ୍‌ଫରେନ୍ସର ଅଧ୍ୟକ୍ଷ ହେଲେ ।




## ଧୂମପାନ ଧରିବ କାଚ

ସର୍ବସାଧାରଣ ସ୍ଥାନରେ ଧୂମପାନ ନିଷେଧର ନିୟମ ଥିଲେ ବି ଅନେକ ଏହାକୁ ମାନି ନ ଥାନ୍ତି । ସେହିପରି ଏଭଳି କାର୍ଯ୍ୟ କରୁଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ଏହିସବୁ ସ୍ଥାନରେ ସିସିଟିଭି ମଧ୍ୟ ନ ଥାଏ । ତେବେ ଏହି ସମସ୍ୟାର ଚୀନ୍ ଏକ ନିଆରା ସମାଧାନ ବାହାର କରିଛି । ଦକ୍ଷିଣ ଚୀନ୍‌ର ଏକ ସପିଂ ସେଣ୍ଟରର ପୁରୁଷଙ୍କ ଶୌଚାଳୟର ଦ୍ୱାରରେ ଏମିତି ଏକ କାଚ ଲଗାଇଛି, ଯାହ ଭିତରେ ଧୂମପାନ କଲେ ଏହି କାଚ ପାରଦର୍ଶୀ (ଟ୍ରାନ୍ସପରେଣ୍ଟ) ହୋଇଯିବ । ଗୁଆଙ୍ଗଡୋଙ୍ଗ ଅଞ୍ଚଳରେ ଥିବା ଶେନଜେନର ଦୁଇଟି ଜୁଏଲାରି ମଲ୍ ଶୁଇବେଇ ଇଣ୍ଟରନ୍ୟାସନାଲ ସେଣ୍ଟର ଏବଂ ଶୁଇବେଇ ଜିନଜୁଆ ବିଲଡିଂର ଏହି ଘଟଣା ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି । ଏହି ଗ୍ଲାସ୍‌ରେ ଏକ ବିଶେଷ ଟେକ୍ନିକ୍‌ର ଉପଯୋଗ କରାଯାଇଛି । ତେବେ ଲୋକଙ୍କୁ ଏହା ବାବଦରେ ଜଣାଇବା ପାଇଁ ଶୌଚାଳୟ ଦ୍ୱାରରେ ଏକ ନୋଟିସ୍ ଲଗାଯାଇଛି । ଏଥିରେ ଉଲ୍ଲେଖ ଅଛି, 'ଧୂମପାନ କରିବା ଦ୍ୱାରା କାଚ ପାରଦର୍ଶୀ ହୋଇଯିବ । ଯଦି ଅନଲାଇନ୍‌ରେ ଭାଇରାଲ ହେବାକୁ ଚାହାନ୍ତି ନାହିଁ, ଧୂମପାନରୁ ଦୂରେଇ ରୁହନ୍ତୁ ।' ଶେନଜେନରେ ଧୂମପାନ କଡ଼ାକଡ଼ି ଭାବେ ମନା । ସେହିପରି ସପିଂ ସେଣ୍ଟର ମଧ୍ୟ ଧୂମପାନ ରହିତ ସ୍ଥାନ । କିଛି ଲୋକ ଏହି ଟେକ୍ନିକ୍‌କୁ ଜାତୀୟସ୍ତରରେ ବ୍ୟବହାର ପାଇଁ ଦାବି କରିଛନ୍ତି । ଅନ୍ୟପଟେ ଏହି ସିଷ୍ଟମକୁ ଅଧିକ ଅପଡେଟ୍ କରିବା ଦିଗରେ କାର୍ଯ୍ୟ ଜାରି ରହିଛି ।



## ମାନିକ୍ୱିନ୍ ନା ଶବ!

ମେକ୍ସିକୋ ଚିହୁଆହୁଆସ୍ଥିତ ଏକ ବ୍ରାଇଡାଲ ସପ୍ ଦୀର୍ଘ ୯୦ ବର୍ଷ ଧରି ଗ୍ରାହକଙ୍କ ଧ୍ୟାନ ଆକର୍ଷଣର କେନ୍ଦ୍ର ପାଲଟିଛି । 'ଲା ପପୁଲାର' ନାମକ ଏହି ଦୋକାନଟି ତା'ର ପୋଷାକ କିମ୍ବା କୌଣସି ବିଶେଷ ଅଫର୍ ପାଇଁ ଚର୍ଚ୍ଚାରେ ନାହିଁ । ଏହାର ପ୍ରସିଦ୍ଧିର ମୁଖ୍ୟ କାରଣ ହେଉଛି, ଦୋକାନ ସମ୍ମୁଖରେ ଥିବା 'ଲା ପାସ୍‌କ୍ୟୁଲିଟା ମାନିକ୍ୱିନ୍' । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଦୋକାନର ମାଲିକ ନିଜ ଝିଅର ମୃତ୍ୟୁ ପରେ ତାଙ୍କର ଶବକୁ ସଂରକ୍ଷଣ କରି ଏହାକୁ ମାନିକ୍ୱିନ୍ ଭଳି ସଜାଇ ରଖିଛନ୍ତି । ଏହି ଘଟଣାଟି ୨୫ ମାର୍ଚ୍ଚ, ୧୯୩୦ ମସିହାର । ଦୋକାନ ମାଲିକାଣୀ ପାସ୍‌କ୍ୟୁଲା ଏସ୍ପାର୍ଜାଙ୍କ ଝିଅର ବିବାହ ଦିନ ଥିଲା । ବିବାହ ଦିନ ଝିଅଟିର ମୃତ୍ୟୁ ହୋଇ ଯାଇଥିଲା । ତେବେ କୌଣସି ବିଷାକ୍ତ ବୁଢ଼ିଆଣୀ କାମୁଡ଼ିବାରୁ କିମ୍ବା ତାଙ୍କ ମା' ଏହି ବିବାହରେ ରାଜି ନଥିବାରୁ ସେ ବିଷପିଇ ଆତ୍ମହତ୍ୟା କରିଥିବା ଲୋକେ କୁହନ୍ତି । ଝିଅର ପିତା ଶବକୁ ପୋତିବା ପରିବର୍ତ୍ତେ ଏହାକୁ ସଂରକ୍ଷଣ କରି ଦୋକାନ ସମ୍ମୁଖରେ ବିବାହ ପୋଷାକ ପିନ୍ଧାଇ ଛିଡ଼ା କରି ଦେଇଥିବା ସ୍ଥାନୀୟ ଲୋକେ କୁହନ୍ତି । କାରଣ ମାନିକ୍ୱିନ୍‌ଟି ଅବିକଳ ଦୋକାନ ମାଲିକଙ୍କ ଝିଅ ଭଳି ଦେଖାଯାଉଥିଲା । ଏହି ଘଟଣାକୁ ୯୦ ବର୍ଷ ବିତି ଯାଇଥିଲେ ମଧ୍ୟ ପାସ୍‌କ୍ୟୁଲିଟା ସେହିପରି ସେଠାରେ ରହିଛି । ଏହି ମାନିକ୍ୱିନ୍‌କୁ ଦେଖିବା ପାଇଁ ଦୋକାନକୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଆସନ୍ତି । କିଛି ଲୋକଙ୍କ କହିବାନୁଯାୟୀ, ପାସ୍‌କ୍ୟୁଲିଟା ଆଖି ହଲାଇବା ସହ ହାତ ମଧ୍ୟ ହଲାଇଥାଏ । ସେହିପରି କିଛି ସ୍ଥାନୀୟ ଲୋକଙ୍କ କହିବାକଥା, ଏହି ମାନିକ୍ୱିନ୍‌ଟି ରାତିରେ ଜୀବନ୍ତ ହୋଇଯାଏ ଓ ଏହା ନିଜେ ପୋଷାକ ବଦଳାଇଥାଏ । ଏନେଇ ଦୋକାନର ମାଲିକ ଓ ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କ କହିବାକଥା, ଏହା ଏକ ହାଇ ବଜେଟ୍‌ର ମ୍ୟାନିକ୍ୱିନ୍ । ୧୯୩୦ ମସିହାରେ ଏହା ନୂଆ ଆସିଥିବାରୁ ଲୋକେ ଏହାକୁ ଶବକୁ ସଂରକ୍ଷଣ କରାଯାଇଥିବା କଥା ଭାବୁଛନ୍ତି । ସାମାଜିକ ଗଣମାଧ୍ୟମରେ ଏହି ମାନିକ୍ୱିନ୍‌ର ଭିଡିଓ ବେଶ୍ ଭାଇରାଲ ହେଉଛି ।



## ଅଲଗା ହେଲେ ତାରା-ବୀର!

ବଲିଉଡ୍ ଅଭିନେତ୍ରୀ ତାରା ସୁତାରିଆ ଓ ବୀର ପହାରିଆଙ୍କ ପ୍ରେମ ସମ୍ପର୍କ ଅନେକ ଦିନରୁ ଖବରର ଶିରୋନାମା ପାଲଟିଥିଲା । ଏବେ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିବା ଚର୍ଚ୍ଚା ହେଉଛି । କିଛି ଦିନ ପୂର୍ବରୁ ଉଭୟ ସମ୍ପର୍କରେ ଥିବା କଥାକୁ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ । ଏହାପରେ ଉଭୟଙ୍କୁ ଅନେକ ବଲିଉଡ୍ ପାର୍ଟିରେ ମଧ୍ୟ ଏକାଠି ଦେଖିବାକୁ ମିଳିଥିଲା । ଏକ ପଡ୍‌କାଷ୍ଟରେ ମଧ୍ୟ ତାରା, ବୀରଙ୍କ କଥା କହିଥିଲେ । ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ, ତାରା ଓ ବୀର ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଛନ୍ତି । ଏପି ଢିଲୋନଙ୍କର ଏକ କନସର୍ଟଙ୍କୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ହେବାପରେ ଉଭୟ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ନିକଟରେ ମୁମ୍ବାଇରେ ଏପି ଢିଲୋନଙ୍କର ଏକ କନସର୍ଟରେ ତାରା ଓ ବୀର ଯୋଗ ଦେଇଥିଲେ । ଏଥିରେ ଏପି ଢିଲୋନଙ୍କ ସହ ତାରା ମଞ୍ଚରେ ନାଚୁଥିଲେ । ବୀର ମଞ୍ଚ ତଳେ ରହି ତାରାଙ୍କୁ ସମର୍ଥନ କରୁଥିଲେ । ଏହି ସମୟରେ ଏପି ଢିଲୋନ ତାରାଙ୍କୁ ନିବିଡ଼ ଆଲିଙ୍ଗନ କରିଥିଲେ । ଏହାକୁ ମଞ୍ଚ ତଳେ ଉପସ୍ଥିତ ଥିବା ବୀର ସହଜରେ ଗ୍ରହଣ କରିପାରି ନ ଥିଲେ । ଏବେ ବୀରଙ୍କର ପ୍ରତିକ୍ରିୟା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାକୁ ଲାଗୁଛି । ଯଦିଓ ଉଭୟ ବ୍ରେକ୍‌ଅପ୍ ଖବର ଉପରେ କିଛି ମନ୍ତବ୍ୟ ଦେଇ ନାହାନ୍ତି, କିନ୍ତୁ ଏହି କନସର୍ଟ ଯୋଗୁଁ ବୀର ଓ ତାରାଙ୍କ ସମ୍ପର୍କରେ ତିକ୍ତତା ଆସିଥିବା ଚର୍ଚ୍ଚା ହେଉଛି ।



# ସୁବର୍ଣ୍ଣା



## ପ୍ରାଣୀପାଳକଙ୍କ ପାଇଁ ଉପଯୋଗୀ ଯନ୍ତ୍ର

ଗାଈ, ଛେଳି, ମଇଁଷିଙ୍କ ଶାରୀରିକ ବୃଦ୍ଧି ପାଇଁ ସନ୍ତୁଳିତ ଖାଦ୍ୟ ଆବଶ୍ୟକ । ହେଲେ ବଜାରରେ ମିଳୁଥିବା ଖାଦ୍ୟ ସପ୍ଲିମେଣ୍ଟ ଅଧିକ ମହଙ୍ଗା ଥିବାରୁ କ୍ଷୁଦ୍ର ଚାଷୀ ଏହାକୁ କିଣି ପାରନ୍ତି ନାହିଁ । ଫଳରେ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ ପ୍ରଭାବିତ ହୁଏ । ତେଣୁ ଏହି ସମସ୍ୟାକୁ ଦୂର କରିବାକୁ ପଶ୍ଚିମବଙ୍ଗ, ଜଲପାଇଗୁଡ଼ି ଜିଲ୍ଲାର ୩୯ ବର୍ଷୀୟ କର୍ଣ୍ଣଦେବ ରାୟ ଏକ ଉପଯୋଗୀ ଏବଂ ଶସ୍ତା ଯନ୍ତ୍ର ତିଆରି କରିଛନ୍ତି । ଏହାକୁ ୟୁରିଆ ମିନେରାଲ ମୋଲାସେସ ବ୍ଲକ୍ ମେକର କୁହାଯାଏ । ଏହା ପ୍ରାଣୀଙ୍କ ଲାଗି ପୋଷକଯୁକ୍ତ ମିନେରାଲ ବ୍ଲକ୍ ତିଆରି କରେ । ଯାହା ଦ୍ୱାରା ଗାଈ ଓ ଛେଳିଙ୍କ ଆବଶ୍ୟକୀୟ ଖଣିଜଦ୍ରବ୍ୟ ଓ ଭିଟାମିନ୍ ମିଳିଥାଏ । ଏହି ଯନ୍ତ୍ରଟି ଏକ ଘଣ୍ଟାରେ ୨୦ରୁ ୨୫ଟି ପୋଷକଯୁକ୍ତ ବ୍ଲକ୍ ତିଆରି କରିପାରିବ । ଗାଈ ଦୁଗ୍ଧ ଉତ୍ପାଦନରେ ଏହି ବ୍ଲକ୍ ଅଧିକ ପ୍ରଭାବୀ । ସେହିପରି ଛେଳିଙ୍କ ଶାରୀରିକ ଓଜନ ବୃଦ୍ଧି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଯନ୍ତ୍ରଟି ୭୫ କିଲୋ । ଏହା ମଜବୁତ । ଏହା ୨୨ ଇଞ୍ଚ ଲମ୍ବା, ୧୧.୫ ଚଉଡ଼ା ଏବଂ ୩୬ ଇଞ୍ଚ ଉଚ୍ଚା । ଏହାକୁ ଚାଷୀମାନେ ନିଜ ସୁବିଧା ଅନୁସାରେ ବ୍ୟବହାର କରିପାରିବେ । ଏହି ବ୍ଲକ୍‌ର ବ୍ୟବହାର କେବଳ ପ୍ରାଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆଣିବ ତାହା ନୁହେଁ ବରଂ ଗ୍ରାମୀଣ ଯୁବପିଢ଼ିଙ୍କୁ ରୋଜଗାରର ଅବସର ଦେବ ।

## କୁକୁଡ଼ା ମଳରୁ ଜୈବିକ ଖତ



ଫସଲ ବୃଦ୍ଧି ପାଇଁ ଚାଷୀମାନେ ୟୁରିଆ, ଡିଏପି ଏବଂ ଅନ୍ୟାନ୍ୟ ରାସାୟନିକ ସାର ପ୍ରାୟତଃ ବ୍ୟବହାର କରିଥାନ୍ତି । କାଳକ୍ରମେ ଏହା ମାଟିର ଉର୍ବରତାକୁ ହ୍ରାସ କରିଥାଏ । କୁକୁଡ଼ା ମଳ ଓ ମୂତ୍ର ଫସଲରେ ଉତ୍କୃଷ୍ଟ ଜୈବିକ ଖତ ଭାବେ କାମ ଦିଏ । ଏହା ମାଟି ସଂରଚନା ସୁଧାରିବା ସହ ଜୀବାଣୁ ବୃଦ୍ଧିରେ ସାହାଯ୍ୟ କରେ । ସାଧାରଣତଃ ଫାର୍ମରେ କୁକୁଡ଼ା ରହିବା ପାଇଁ କୁଣ୍ଡା ଓ ଭୁଷି ତଳେ ପକାଯାଇଥାଏ । କୁକୁଡ଼ା ଏହା ଉପରେ ମଳ ଓ ପରିସ୍ରା କରନ୍ତି । ଏହା କିଛି ସମୟ ପରେ ପୋଷକତତ୍ତ୍ୱଯୁକ୍ତ ଜୈବିକ ଖତରେ ବଦଳିଯାଏ । ତେଣୁ ପୋଲଟ୍ରିଫାର୍ମରୁ ବାହାରୁଥିବା ଏହି ବର୍ଜ୍ୟକୁ ଦୈନିକ ଏକାଠି କରି ସୁରକ୍ଷିତ ସ୍ଥାନରେ ରଖି ଜମିରେ ଖତରୂପେ ବ୍ୟବହାର କରାଯାଇପାରିବ । ଏହା ମାଟିକୁ ଫସଫରସ୍ ଯୋଗାଇଥାଏ । ରାସାୟନିକ ସାରଠାରୁ ଏହା ବେଶ୍ ପ୍ରଭାବୀ । ଧାନ, ପରିବା, ଫଳ ଗଛରେ ଏହାକୁ ଆବଶ୍ୟକତା ଅନୁସାରେ ପ୍ରୟୋଗ କରିବା ଆବଶ୍ୟକ । ଡିପ୍‌ଲିଟର ପଦ୍ଧତିରେ କୁକୁଡ଼ା ପାଳନ କରୁଥିବା ଚାଷୀଙ୍କ ପାଇଁ ଏହା ସାରର ଏକ ଉତ୍କୃଷ୍ଟ ଉତ୍ସ ଅଟେ ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ପନିପରିବା ଚଳିଗଛକୁ ନଡ଼ା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ।
- ଧାନ ଚଳି ଉପାଡ଼ିବା ୨ରୁ ୩ଦିନ ପୂର୍ବରୁ ୨ରୁ ୩ ସେମି ଠିଆ ପାଣି ରଖନ୍ତୁ ।
- ରବି ଫସଲରେ ଶୋଷକ କୀଟ, ପତ୍ରପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ତେଣୁ ନିୟମିତ ଫସଲରେ ପୋକ ଓ ରୋଗର ସର୍ବେକ୍ଷଣ କରନ୍ତୁ ।
- ଗୋଲାପ ଗଛରେ ଉକୁଣିଆ ପୋକ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ଡିନୋଫାଇଉରିମେଟ ୫% ଇସି ୨ ମିଲି ମିଶାଇ ସିଞ୍ଚନ କରନ୍ତୁ ।
- ଗାଈଙ୍କୁ ତମିକିଷ୍ଟି ରୋଗ ହେଲେ ଦେହରେ ଅବୁ ଫଳିବା ସହ ଜ୍ୱର ଆସେ । ରୋଗ ମୁଖ୍ୟତଃ ମଶା, ମାଛି ଦ୍ୱାରା ବ୍ୟାପିଥାଏ । ତେଣୁ ଗୁହାଳକୁ ସଫା ରଖନ୍ତୁ । ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ ।

## ପିଆଜ ଚାରାରୋପଣର ପରବର୍ତ୍ତୀ ଯତ୍ନ

**ଆମ ରାଜ୍ୟର ଚାଷୀଭାଇ ପ୍ରତିବର୍ଷ ଅକ୍ଟୋବର-ନଭେମ୍ବର ମାସ ମଧ୍ୟରେ ପିଆଜ ଚାରା ପକାନ୍ତି । ଡିସେମ୍ବର ସୁଦ୍ଧା ଚାରାକୁ ମୁଖ୍ୟ ଜମିରେ ଲଗାଇଥାନ୍ତି । ତେବେ ଜାନୁଆରୀରେ ପିଆଜ ଚାରା ରୋପଣର ପରବର୍ତ୍ତୀ ଯତ୍ନ ତଥା ଖତସାର ପ୍ରୟୋଗ ଓ ଜଳସେଚନ ଉପରେ ଅଧିକ ଧ୍ୟାନ ନ ଦେଲେ ଲାଭଜନକ ଅମଳ ମିଳିପାରି ନ ଥାଏ । ଏଥିପ୍ରତି ସତର୍କ ରହିବା ଜରୁରି ।**

ବର୍ତ୍ତମାନ ପିଆଜର ଆକାର ଏବଂ ଓଜନ ବୃଦ୍ଧି ହେବାର ସମୟ । ଏହି ସମୟରେ ଜମିରେ ଆର୍ଦ୍ରତା ଅଧିକ କିମ୍ବା ବହୁତ କମ୍ ହେଲେ ପିଆଜର ବିକାଶ ହୁଏନି । ତେଣୁ ହେକ୍ଟର ପ୍ରତି ୧୨୦ କିଗ୍ରା. ଯବକ୍ଷାରଜାନ, ୬୦କିଗ୍ରା. ଫସଫରସ୍ ଏବଂ ୬୦ କିଗ୍ରା. ପଟାସ ସାର ପ୍ରୟୋଗ ଆବଶ୍ୟକ ।

**ଜଳସେଚନ:** ଚଳି ଲଗାଇବାର ପରବର୍ତ୍ତୀ ଅବସ୍ଥାରେ ମାଟିର ଜଳଧାରଣ କରିବା କ୍ଷମତାକୁ ବିଚାରକୁ ନେଇ ଜଳସେଚନର ବ୍ୟବସ୍ଥା କରିବାକୁ ପଡ଼ିଥାଏ । ଅଧିକ ଜଳ ଏବଂ ବାରମ୍ବାର ୟୁରିଆ ପ୍ରୟୋଗ ଯୋଗୁଁ ଗଛ ମୂଳ ସଢ଼ି ଥାଏ । ତେଣୁ ପାଣ ଦେବା ଜମିରେ ପାଣି ମଡ଼େଇବା ଭଲ । ପିଆଜଗଛର ଖାଦ୍ୟ ସଂଗ୍ରହକାରୀ ଚେରଗୁଡ଼ିକ ମାଟିର ଉପରି ଭାଗରେ ରହୁଥିବାରୁ ଜମି ସର୍ବଦା ଓଦା ରହିବା ଦରକାର । କିନ୍ତୁ ଜମିରେ ପାଣି ଜମି ରହିବା ଅନୁଚିତ । ଗଛ ବଢ଼ିବା ସମୟରେ ଅଧିକ ବ୍ୟବଧାନରେ କମ୍ ଥର ଏବଂ ପିଆଜ ଫୁଲିବା ସମୟରେ କମ୍ ବ୍ୟବଧାନରେ ଅଧିକଥର (ଲଗାଇବାର ୬୦ ଦିନରୁ ୧୧୦ ପର୍ଯ୍ୟନ୍ତ) ପାଣି ମଡ଼ାଇବା ଆବଶ୍ୟକ । ଫସଲରେ ଘାସ ନିୟନ୍ତ୍ରଣ କରିବା ଜରୁରି । ସେହିପରି ପିଆଜ ପାକଳ ହୋଇ ପତ୍ର ହଳଦିଆ ପଡ଼ି ଆସିବାର ୧୫-୨୦ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରି ଦିଅନ୍ତୁ । ସକାଳ ଏବଂ ସନ୍ଧ୍ୟା ସମୟରେ ହାଲୁକା ପାଣି ଦେଇ ପାରିବେ ।



## ଏ ମାସର ଚାଷ

ଶୀତଋତୁରେ କମ୍ ତାପମାତ୍ରାରେ ବିଭିନ୍ନ ପ୍ରକାର ପନି ପରିବା ଚାଷ କରାଯାଏ । ନିର୍ଦ୍ଦିଷ୍ଟ ଚାଷପାଇଁ ଜମି ପ୍ରସ୍ତୁତ ହୁଏ । ତାହା ସହିତ ଏହି ମାସରେ ମୃତ୍ତିକା ପରୀକ୍ଷା, ଉଚିତ ମାତ୍ରାର ପୋଷକତତ୍ତ୍ୱ, ଜଳ ପ୍ରୟୋଗ ଏବଂ ଘାସ ନିୟନ୍ତ୍ରଣକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ ।

ଚାଷ ପୂର୍ବରୁ ମାଟି ପ୍ରସ୍ତୁତ କରାଯାଏ । ଏଥିପାଇଁ ଜମିରେ ଗୋବର, ଖତ କିମ୍ବା ଭୋକୋପିଟ୍ ମିଶାଇ ଜମି ପ୍ରସ୍ତୁତ କରିପାରିବେ । ଏହାଦ୍ୱାରା ସଠିକ ସମୟରେ ଜଳ ସିଞ୍ଚନ, ଜୈବିକ ଖତ ବ୍ୟବହାର ଏବଂ କୀଟନିୟନ୍ତ୍ରଣ ଦ୍ୱାରା ଫସଲ ଗୁଣବତ୍ତା ଏବଂ ଉତ୍ପାଦନ ଉଭୟ ବଢ଼ିଥାଏ । ଅତ୍ୟାଧୁନିକ କୌଶଳରେ ବ୍ରୋକଲି ଚାଷ କରାଯାଇପାରିବ ।



- ଆଳୁ, ଟମାଟୋ, ବାଇଗଣ, ମଟର, ଲାଉ, ମେଥି, ପାଳଙ୍ଗ, ମୂଳା, ବିଟ୍, ଫ୍ରେଞ୍ଚବିନ୍, କଲରା, ପୋଟଳ ଲେମ୍ବୁ, ଅମୃତଭଣ୍ଡା ଚାଷ ପାଇଁ ଏବେ ବିହନ ବୁଣି ପାରିବେ ।
- ମଟର ଫସଲରେ ପାଉଡରି ମିଲ୍ଡ୍ୟୁ ବା ପତ୍ର ପାଉଁଶିଆ ରୋଗ ଦେଖାଦେଲେ ପରିଚାଳନା କରନ୍ତୁ । ଚଣା, ମଟର ଏବଂ ମସୁର ଫସଲରେ ଜଳ ସିଞ୍ଚନରେ ଧ୍ୟାନ ଦେବା ଜରୁରି । ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ସୁବନ୍ଦୋବସ୍ତ କରନ୍ତୁ ।
- ପାଳଙ୍ଗ, ମେଥି ଏବଂ ଧଣିଆ ପତ୍ରକୁ କାଟି ବଜାରକୁ ପଠାନ୍ତୁ । ଏଥିରୁ ମଞ୍ଜି ରଖିବାକୁ ଚାହୁଁଥିଲେ, ପତ୍ର କାଟିବା ସ୍ଥଗିତ ରଖନ୍ତୁ ।

## ସୋଫିଙ୍କ ସହ ଧାୱନଙ୍କ ନିର୍ବନ୍ଧ



ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ଓ ତାଙ୍କର ବାନ୍ଧବୀ ଆୟର୍ଲାଣ୍ଡର ସୋଫି ସାଇନଙ୍କ ମଧ୍ୟରେ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ଫଟୋ ଶେୟାର କରି ୪୦ ବର୍ଷୀୟ ଧାୱନ ଏହି ସୂଚନା ତାଙ୍କର ପ୍ରଶଂସକଙ୍କୁ ଜଣାଇଛନ୍ତି। ଉଭୟ ଧାୱନ ଓ ସୋଫିଙ୍କ ହାତ ଏହି ଫଟୋରେ ରହିଛି। ଯେଉଁଥିରେ ସୋଫିଙ୍କ ହାତରେ ନିର୍ବନ୍ଧ ମୁଦି ପିନ୍ଧି ଦେଖିବାକୁ ମିଳୁଛି। 'ଆମର ନିର୍ବନ୍ଧ ଲାଗି ଦେଇଥିବା ଭଲପାଇବା, ଆଶୀର୍ବାଦ ଓ ଶୁଭକାମନା ଲାଗି ଋଣୀ। ସବୁଦିନ ଲାଗି ଆମେ ଏକାଠି ରହିବା ଲାଗି ନିଷ୍ପତ୍ତି ନେଇଛୁ' ବୋଲି ଧାୱନ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଫେବୃଆରୀ ୩ୟ ସପ୍ତାହରେ ଧାୱନ ଓ ସୋଫିଙ୍କ ବିବାହ ଦିଲ୍ଲୀ-ଏନସିଆର୍‌ର ଏକ ବଡ଼ ହୋଟେଲରେ ଅନୁଷ୍ଠିତ ହେବ ବୋଲି ପୂର୍ବରୁ ରିପୋର୍ଟ ପ୍ରକାଶ ପାଇଥିଲା। ପ୍ରକାଶଯୋଗ୍ୟ, ଗତବର୍ଷ ଚାମ୍ପିଅନ୍ସ ଟ୍ରଫି ସମୟରେ ଧାୱନ ଓ ସୋଫିଙ୍କ ସମ୍ପର୍କକୁ ନେଇ ପ୍ରଥମେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଧାୱନଙ୍କ ଏହା ୨ୟ ବିବାହ ହେବ। ଏଥିପୂର୍ବରୁ ସେ ୨୦୧୨ରେ ତାଙ୍କଠାରୁ ୮ ବର୍ଷ ବଡ଼ ଅଷ୍ଟ୍ରେଲୀୟ କିକ୍‌ବକ୍ସର ଆୟେଶା ମୁଖାର୍ଜୀଙ୍କ ବିବାହ କରିଥିଲେ। ତେବେ ୨୦୨୩ ଅକ୍ଟୋବରରେ ଉଭୟଙ୍କ ବିବାହ ବିଚ୍ଛେଦ ଘଟିଥିଲା।

## ଦ୍ୱିତୀୟ ବିବାହ କଲେ ମଣ୍ଟି ପାନିସାର୍



ଲଣ୍ଡନ,୧୨।୧(ଏଜେନ୍ସି): ଇଂଲଣ୍ଡର ପୂର୍ବତନ ପଞ୍ଜାବୀ କ୍ରିକେଟର ମଣ୍ଟି ପାନିସାର୍ ଦ୍ୱିତୀୟ ବିବାହ କରିଛନ୍ତି। ଗତକାଲି ସେ ସୁବ୍ରାନି ଜୋହାଲଙ୍କୁ ବିବାହ କରିଥିବା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ପୂର୍ବରୁ ଗୁରୁଶରର ରତନଙ୍କ ସହ ପାନିସାର୍‌ଙ୍କର ବିବାହ ହୋଇଥିଲା। କିନ୍ତୁ ଏହା ୩ ବର୍ଷରେ ଭାଙ୍ଗିଯାଇଥିଲା। ବିବାହ ବିଚ୍ଛେଦ ହେଲା ବେଳକୁ ପାନିସାର୍‌ଙ୍କୁ ମାତ୍ର ୩୧ ବର୍ଷ ହୋଇଥିଲା। ଏବେ ସେ ୪୩ ବର୍ଷରେ ଲିସେଷ୍ଟର ବାସିନ୍ଦା ମିଡ୍ ଏଜୁକେସନାଲ ଟ୍ରଷ୍ଟରେ କାର୍ଯ୍ୟକରୁଥିବା ଜୋହାଲଙ୍କୁ ବିବାହ କରିଛନ୍ତି। ଜଣେ ସ୍ପିନର ଭାବେ ଇଂଲଣ୍ଡ ପକ୍ଷରୁ ୫୦ଟି ଟେଷ୍ଟ, ୨୬ଟି ଦିନିକିଆ ଓ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୧୬୭, ୧୭ ଓ ୨ଟି ୱିକେଟ ଅକ୍ତିଆର କରିଛନ୍ତି।

### ମହିଳା ପ୍ରିମିୟର ଲିଗ୍

# ନାଦିନ, ଶ୍ରେୟଙ୍କାଙ୍କ ଚମତ୍କାର ବୋଲିଂ

ନଭି ମୁମ୍ବଇ, ୧୨।୧(ଏଜେନ୍ସି)



ଅଲରାଉଣ୍ଡର ନାଦିନ ଡି କ୍ଲେର୍କ ଓ ସ୍ପିନର ଶ୍ରେୟଙ୍କା ପାଟିଲଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମହିଳା ପ୍ରିମିୟର ଲିଗ୍‌ର ୫ମ ଲିଗ୍ ମ୍ୟାଚ୍‌ରେ ୟୁପି ୱାରିୟର୍ଜର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ୟୁପି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୪୫ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଡିଆଣ୍ଡ୍ରା ଡଟିନ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୪୦ ଓ ଦୀପ୍ତି ଶର୍ମା ୪୫ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ବେଙ୍ଗାଲୁରୁ ପକ୍ଷରୁ ନାଦିନ ଡି କ୍ଲେର୍କ ଓ ଶ୍ରେୟଙ୍କା ପାଟିଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଏଠାରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳୁଥିବା ବେଙ୍ଗାଲୁରୁ ଉଦଘାଟନୀ ମୁକାବିଲାରେ ମୁମ୍ବଇ ଇଣ୍ଡିଆନ୍ସକୁ ପରାସ୍ତ କରିଥିଲା। ଏହି ମ୍ୟାଚଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା।

ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ବେଙ୍ଗାଲୁରୁ ଅଧିନାୟିକା ସ୍ମୃତି ମନ୍ଧାନା ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତିବା ପରେ ୟୁପିକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ୟୁପି ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ କ୍ରମାଗତ ୱିକେଟ ହରାଇଥିଲେ। ଦଳ ୨୧ ରନ୍‌ରେ ପ୍ରଥମ ୱିକେଟ ହରାଇବା ପରେ ୯ମ ଓଭର ବେଳକୁ ୫୦ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଦଳର ଦୁଇ ଅଲରାଉଣ୍ଡର ଦୀପ୍ତି ଶର୍ମା ଓ ଡିଆଣ୍ଡ୍ରା ଡଟିନ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ପ୍ରଦର୍ଶନ କରି ୟୁପିକୁ ବିପଦରୁ ଉଦ୍ଧାର କରିଥିଲେ। ଏମାନେ ଅବିଭକ୍ତ ୬ଷ୍ଠ ୱିକେଟ ଯୋଡ଼ିରୁ ୭୦ ବଲ୍‌ରେ ୯୩ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଦୀପ୍ତି ୩୫ ବଲ୍‌ରୁ ୫ ଚୌକା ଓ ୧ ଛକା ସହ ସର୍ବାଧିକ ୪୫ ଏବଂ ଡଟିନ୍ ୩୭ ବଲ୍‌ରୁ ୩ ଚୌକା ଓ ୧ ଛକା ସହ ୪୦ ରନ୍ କରିଥିଲେ। ଫଳରେ ୟୁପି ୧୦୦ ରନ୍ ଅତିକ୍ରମ କରିବା ସହ ବୋଲରମାନଙ୍କ ଲାଗି କିଛିଟା ସୁଯୋଗ ସୃଷ୍ଟି କରିଛନ୍ତି। ଉଭୟ ଖେଳାଳିଙ୍କ ଲଢୁଆ ବ୍ୟାଟିଂ ଦଳ ଲାଗି ନୂଆ ସମ୍ଭାବନା ସୃଷ୍ଟି କରିବା ସହ ବେଙ୍ଗାଲୁରୁ ଆଗରେ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି।

ବେଙ୍ଗାଲୁରୁ ପକ୍ଷରୁ ନାଦିନ ଡି କ୍ଲେର୍କ ଓ ଶ୍ରେୟଙ୍କା ପାଟିଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରି ପ୍ରତିପକ୍ଷ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଲୌରା ବେଲ୍‌ଙ୍କୁ ଗୋଟିଏ ୱିକେଟ ମିଳିଥିଲା।

### ● ମୁମ୍ବଇ ମ୍ୟୁନ୍‌ସିପାଲ ନିର୍ବାଚନ

## ଦର୍ଶକଙ୍କ ବିନା ଖେଳାଯିବ ୨ଟି ମ୍ୟାଚ୍

ମୁମ୍ବଇ,୧୨।୧(ଏଜେନ୍ସି): ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ବିନା ଦର୍ଶକରେ ଖେଳାଯିବ ମହିଳା ପ୍ରିମିୟର ଲିଗ୍‌ର ୨ ଦିନର ମ୍ୟାଚ୍। ଏହା ଫଳରେ କ୍ରମାଗତ ଲୋକପ୍ରିୟତା ଅର୍ଜନ କରିଥିବା ଏହି ଟୁର୍ଣ୍ଣାମେଣ୍ଟର ଖେଳ ଦେଖିବାକୁ ଦର୍ଶକ ବଞ୍ଚିତ ହେବେ। ଘଟଣାରୁ ଜଣାଯାଇଛି ଜାନୁଆରୀ ୧୫ରେ ମୁମ୍ବଇରେ ମ୍ୟୁନ୍‌ସିପାଲ ନିର୍ବାଚନ ଅନୁଷ୍ଠିତ ହେବ। ଏଣୁ ପୁଲିସ୍ ନିର୍ବାଚନରେ ବ୍ୟସ୍ତ ରହୁଥିବାରୁ ଜାନୁଆରୀ ୧୪ ଓ ୧୫ରେ ଷ୍ଟାଡିୟମ୍‌ରେ ସୁରକ୍ଷା ଯୋଗାଇ ଦେଇପାରିବ ନାହିଁ ବୋଲି ବିସିସିଆଇକୁ ଜଣାଇ ଦିଆଯାଇଛି। ଫଳରେ ଏହି ଦୁଇ ଦିନ ଦର୍ଶକଙ୍କ ଲାଗି ଷ୍ଟାଡିୟମ୍ ବନ୍ଦ ରହିବ। ୧୪ରେ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ୟୁପି ୱାରିୟର୍ଜ, ୧୫ରେ ମୁମ୍ବଇ ଇଣ୍ଡିଆନ୍ସ ଓ ୟୁପି ୱାରିୟର୍ଜ ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଆଗ୍ରହୀ ଦର୍ଶକମାନେ ଟେଲିଭିଜନରେ ଏହି ଖେଳ ଉପଭୋଗ କରିପାରିବେ।

### ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍

## ପନ୍ତ୍‌ଙ୍କ ପରେ ସୁନ୍ଦର


ଭଦୋଦରା,୧୨।୧(ଏଜେନ୍ସି): ଦୀର୍ଘ ୩ ସପ୍ତାହ ପରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଭାରତୀୟ ଦଳ ଆଘାତ ସମସ୍ୟାକୁ ନେଇ ଅଡୁଆରେ ପଡ଼ିଛି। ଗତକାଲିଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜ୍‌ରୁ ୱାଶିଂଟନ ସୁନ୍ଦର ଦ୍ୱିତୀୟ ଭାରତୀୟ ଖେଳାଳିଭାବେ ଦଳରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ସିରିଜ୍ ଆରମ୍ଭ ହେବା ପୂର୍ବରୁ ୱିକେଟରକ୍ଷକ ଋଷଭ ପନ୍ତ୍ ବାଦ୍ ପଡ଼ିଥିଲେ। ନ୍ୟୁଜିଲାଣ୍ଡ ସହ ପ୍ରଥମ ଦିନିକିଆରେ ବୋଲିଂ କରୁଥିଲାବେଳେ ବଲ ଫିଲ୍ଡି କରିବାକୁ ଯାଇ ସୁନ୍ଦର ଆହତ ହୋଇଛନ୍ତି। ତାଙ୍କ ମାଂସପେସୀ ଟାଣି ହୋଇଯାଇଥିବା ଜାଣିବାକୁ ମିଳିଛି। ଫଳରେ ସେ ମାତ୍ର ୫ ଓଭର ବୋଲିଂ କରିପାରିଥିଲେ। ରନ୍ ଚେଜ୍ କଲାବେଳେ ମଧ୍ୟ ବହୁ କଷ୍ଟରେ ବ୍ୟାଟିଂ କରିଥିଲେ ସୁନ୍ଦର। ଖେଳ ପରେ ତାଙ୍କ ଆଘାତ ସମସ୍ୟାର ତର୍ଜମା କରାଯାଇଥିଲା। ସେଥିରେ ସମସ୍ୟା ଗମ୍ଭୀର ଥିବାରୁ ତାଙ୍କୁ ସିରିଜ୍‌ର ଅବଶିଷ୍ଟ ୨ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା ଦିଲ୍ଲୀ ରଣଜୀ ଦଳର ଅଧିନାୟକ ଆୟୁଷ ବଦୋନିଙ୍କୁ ସାମିଲ କରାଯାଇଛି। ପୂର୍ବରୁ ପନ୍ତ୍‌ଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ଦଳରେ ସାମିଲ କରାଯାଇଥିଲା। ଟି-୨୦ ସିରିଜ୍ ଲାଗି ମନୋନୀତ ତିଲକ ବର୍ମାଙ୍କୁ ମିଶାଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବାକୁ ମନୋନୀତ ହୋଇଥିବା ୩ଜଣ ଖେଳାଳି ଆଘାତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି।

## ଟି-୨୦ ବିଶ୍ୱକପ୍: ତିରୁଅନନ୍ତପୁରମ, ଚେନ୍ନଇରେ ଖେଳିପାରେ ବାଂଲାଦେଶ

ଦୁବାଇ,୧୨।୧(ଏଜେନ୍ସି): ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବା ପରେ ଖେଳାଳିଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ଭାରତରେ ବାଂଲାଦେଶ ଟି-୨୦ ବିଶ୍ୱକପ୍ ଖେଳିବ ନାହିଁ ବୋଲି ଆଇସିସିକୁ ଅନୁରୋଧ କରିଛି। କିନ୍ତୁ ଏହା ଉପରେ କୌଣସି ନିଷ୍ପତ୍ତି ନିଆଯାଇପାରି ନାହିଁ। କିନ୍ତୁ ବାଂଲାଦେଶର ଭେନ୍ୟୁ ଭାରତରୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର ନ କରିବାକୁ ଆଇସିସି ଓ ସହ ଆୟୋଜକ ବିସିସିଆଇ ରାଜି ନୁହଁନ୍ତି। ବାଂଲାଦେଶ ତାହାର ଲିଗ୍ ମ୍ୟାଚ୍ କୋଲକାତା ଓ ମୁମ୍ବଇରେ ଖେଳିବାର କାର୍ଯ୍ୟକ୍ରମ ରହିଛି।

ଏହି ଦୁଇଟି ଭେନ୍ୟୁକୁ ତାମିଲନାଡୁର ଚେନ୍ନଇ ଓ କେରଳର ତିରୁଅନନ୍ତପୁରମରେ ଆୟୋଜନ କରିବାକୁ ଯୋଜନା ହୋଇଛି। ଉଭୟ ରାଜ୍ୟର କ୍ରିକେଟ ବୋର୍ଡକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏହି ଦୁଇଟି ରାଜ୍ୟରେ ବାଂଲା ବିରୋଧି ମନୋଭାବ ସାଧାରଣତଃ ନାହିଁ। ଏଣୁ ମ୍ୟାଚ୍ ସେଠାରେ ମ୍ୟାଚ୍ ହେଲେ ବିଶେଷ କିଛି ଅସୁବିଧା ହେବ ନାହିଁ ବୋଲି ଉଭୟ ଆଇସିସି ଓ ବିସିସିଆଇ ଆଶା ପ୍ରକାଶ କରିଛନ୍ତି।

## ମା'ଙ୍କ ନିକଟକୁ ସମସ୍ତ ଟ୍ରଫି ପଠାଇଥା'ନ୍ତି କୋହଲି



ଭଦୋଦରା, ୧୨।୧ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜର ପ୍ରଥମ ମ୍ୟାଚକୁ ଘରୋଇ ଭାରତ ୪ ୱିକେଟ୍‌ରେ ଜିତିନେଇଛି। ୯୩ ରନର ମ୍ୟାଚ ବିଜୟୀ ପାଳି ଖେଳିଥିବା ବିରାଟ କୋହଲି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯେଉଁଥି ପାଇଁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୭୧ଥର ଲାଗି କୋହଲି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିଭଳି ଦିନିକିଆ କ୍ରିକେଟ୍‌ରେ ଏହା ତାଙ୍କର ୪୫ତମ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଥିଲା। ପୁରସ୍କାର ଗ୍ରହଣ ଅବସରରେ ବିରାଟ କୋହଲି ଏକ ବଡ଼ ଖୁଲାସା କରିଛନ୍ତି। 'ତୁମ ପାଖରେ କେତୋଟି ପ୍ଲେୟର ଅଫ୍ ଦି ଆୱାର୍ଡ ଟ୍ରଫି ରହିଛି' ବୋଲି ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ୩୭ ବର୍ଷୀୟ କୋହଲି କହିଥିଲେ ଯେ 'ସତ କହିବାକୁ ଗଲେ ମୋର କୌଣସି ଧାରଣା ନାହିଁ। ମୁଁ ମୋର ସମସ୍ତ 'ପ୍ଲେୟର ଅଫ୍ ଦି ମ୍ୟାଚ୍ ଟ୍ରଫି' ଗୁରୁଗ୍ରାମରେ ରହୁଥିବା ମା'ଙ୍କ ନିକଟକୁ ପଠାଇ ଦେଇଥାଏ। ମୋ ମା' ପୁରସ୍କାର ରଖିବାକୁ ବହୁତ ଭଲ ପାଆନ୍ତି।

### ମହମ୍ମଦ୍ ନବିଙ୍କ ସ୍ୱପ୍ନ ପୂରଣ ହେଲା

## ବିପିଏଲ୍‌ରେ ଏକାଠି ଖେଳିଲେ ବାପ-ପୁଅ



ସିଲହଟ୍,୧୨।୧(ଏଜେନ୍ସି): ପୁଅ ହାସନ ଐସାଖିଲଙ୍କ ସହ ଏକାଠି ଖେଳିବାକୁ ଆଫଗାନିସ୍ତାନର କିଂବଦନ୍ତି କ୍ରିକେଟର ମହମ୍ମଦ୍ ନବି ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଗତକାଲି ଅନୁଷ୍ଠିତ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍) ପୂରଣ ହୋଇଛି। ଢାକା କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଉଭୟ ୪୧ ବର୍ଷୀୟ ବାପ ନବି ଓ ୧୯ ବର୍ଷୀୟ ପୁଅ ଐସାଖିଲ ନୋଆଖାଲି ଏକ୍ସପ୍ରେସ୍ ଟିମ୍‌ରୁ ଖେଳିଥିଲେ। କେବଳ ଉଭୟ ମ୍ୟାଚ୍ ଖେଳି ନ ଥିଲେ, ବରଂ ଦଳକୁ ୪୧ ରନ୍‌ର ବଡ଼ ବ୍ୟବଧାନରେ ବିଜୟୀ କରାଇଥିଲେ। ଏହି ମ୍ୟାଚ୍‌ରେ ଐସାଖିଲ ଇନିଂସ ଓପନ କରି ୯୨ ରନ୍ କରିଥିଲେ। ସେ ମଧ୍ୟ ପିତା ନବିଙ୍କ ସହ ୫୩ ରନ୍‌ର ପାର୍ଟନରସିପ୍ କରିଥିଲେ। ଏହି ମ୍ୟାଚ୍ ବିଜୟୀ ଇନିଂସ ଯୋଗୁଁ ଐସାଖିଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ■ ବିଜୟ ହଜାରେ ଟ୍ରଫି

## ସେମିରେ କର୍ଣ୍ଣାଟକ, ସୌରାଷ୍ଟ୍ର

ବେଙ୍ଗାଲୁରୁ,୧୨।୧(ଏଜେନ୍ସି): କର୍ଣ୍ଣାଟକ ଓ ସୌରାଷ୍ଟ୍ର ଚଳିତବର୍ଷର ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଏଠାରେ ପ୍ରଥମ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ଭିଜେଡି ମେଥଡ ଅନୁଯାୟୀ ମୁମ୍ବଇକୁ ୯ ୱିକେଟରେ ଓ ସୌରାଷ୍ଟ୍ର ୭ ୱିକେଟରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ଆସନ୍ତାକାଲି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ଦିଲ୍ଲୀ ସହ ବିଦର୍ଭର ଓ ପଞ୍ଜାବ ସହ ମଧ୍ୟପ୍ରଦେଶର ମୁକାବିଲା ହେବ। ଆଜିର ପ୍ରଥମ କ୍ୱାର୍ଟରରେ ବ୍ୟାଟିଂ କରି ମୁମ୍ବଇ ୮ ୱିକେଟରେ ୨୫୪ ରନ୍ କରିଥିଲା। ସ୍ପିନ ଅଲରାଉଣ୍ଡର ସାମ୍ସ ମୁଲାନି ୮୬, ଅଧିନାୟକ ସିଦ୍ଧେଶ ଲାଡ ୩୮ ଓ ସାଇରାଜ ପାଟିଲ ଅପରାଜିତ ୩୩ ରନ୍ କରିଥିଲେ। କର୍ଣ୍ଣାଟକ ପକ୍ଷରୁ ବିଦ୍ୟାଧର ପାଟିଲ ୩ଟି ୱିକେଟ ପାଇଥିଲେ। କର୍ଣ୍ଣାଟକ ବ୍ୟାଟିଂ ଆରମ୍ଭ କରି ୩୩ ଓଭରରେ ୧ ୱିକେଟ ହରାଇ ୧୮୭ ରନ୍ କରିଥିଲାବେଳେ ବର୍ଷା ଓ ଆଲୋକ ଅଭାବରୁ ଖେଳ ବନ୍ଦ ରଖାଯାଇଥିଲା। ଫଳରେ ଭିଜେଡି ମେଥଡ ଅନୁଯାୟୀ କର୍ଣ୍ଣାଟକକୁ ୩୩ ଓଭରରେ ୧୩୪ ରନ୍‌ର ଟାର୍ଗେଟ ରହିଥିଲା। ଏଣୁ କର୍ଣ୍ଣାଟକକୁ ୫୫ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା। ଦେବଦତ୍ତ ପାଡିକଲ ୮୧ ଓ କରୁନ ନାୟାର ୭୪ ରନ୍‌ରେ ଅପରାଜିତ ରହିଥିଲେ। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ଅଭିଷେକ ଗୋସ୍ୱାମୀ ୮୮ ଓ ସମୀର ରିଜଭୀଙ୍କ ଅପରାଜିତ ୮୮ ରନ୍ ସହାୟତାରେ ଉତ୍ତରପ୍ରଦେଶ ୮ ୱିକେଟରେ ୩୧୦ ରନ୍ କରିଥିଲା। ଜବାବରେ ହାର୍ଭିକ ଦେଶାଇଙ୍କ ଅପରାଜିତ ୧୦୦ ରନ୍ ସହାୟତାରେ ସୌରାଷ୍ଟ୍ର ୪୦.୧ ଓଭରରେ ୩ ୱିକେଟ ହରାଇ ୨୩୮ ରନ କରିଥିଲାବେଳେ ବର୍ଷା ଓ ଆଲୋକ ଅଭାବରୁ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଭିଜେଡି ମେଥଡ ଅନୁଯାୟୀ ସୌରାଷ୍ଟ୍ରକୁ ୧୭ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା।

## ଓଡ଼ିଶା ଆସିବେ ଚେସ୍ କିଂବଦନ୍ତି ଆନନ୍ଦ



ଭୁବନେଶ୍ୱର,୧୨।୧(ସମିସ): ଭାରତୀୟ ଚେସର କିଂବଦନ୍ତି ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କ ସହ ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ)ର ସଭାପତି ଆର୍କାଡି ଡିଭୋରକୋଭିଚ୍, ଉପସଭାପତି ଡାନା ରେଜିନ୍‌ଙ୍କ ସମେତ ଦେଶ ଓ ବିଦେଶର ଚେସ୍ କର୍ମକର୍ତ୍ତା ଓ ଖେଳାଳି ଓଡ଼ିଶା ଆସିବେ। କିଟ୍ ଡିମ୍ଡ ୟୁନିଭର୍ସିଟି ଆନୁକୂଲ୍ୟରେ କିଟ୍ କ୍ୟାମ୍ପସ ଓ ଏକ ଘରୋଇ ହୋଟେଲରେ ଆସନ୍ତା ଜାନୁଆରୀ ୧୪ରୁ ୧୬ ଯାଏ ସୋସିଆଲ ଆଣ୍ଡ ଏଜୁକେସନାଲ ଚେସ୍ ଉପରେ ଏକ କର୍ମଶାଳା ଆୟୋଜିତ ହେବ। ଏହି ଅବସରରେ କିଟ୍ ଇଣ୍ଟରନ୍ୟାସନାଲ ଚେସ୍ ହଲ ଓ ଚେସ୍ ଗ୍ରାଉଣ୍ଡକୁ ଆନନ୍ଦ ଉଦ୍‌ଘାଟନ କରିବେ। ଫିଡେ ସଭାପତି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ୪୦ଟି ଦେଶର ପ୍ରାୟ ୫,୨୦୦ ଚେସ୍ ଖେଳାଳି ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କିଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଏପରି କର୍ମଶାଳା ଦେଶରେ ପ୍ରଥମଥର ଆୟୋଜିତ ହେଉଛି ଓ ଏଥିଲାଗି ଭାରତର ଖେଳାଳିମାନେ ବେଶ ଉତ୍ସାହିତ ଅଛନ୍ତି ବୋଲି ଇଭେଣ୍ଟ କମିସନ ସଦସ୍ୟ ରଞ୍ଜନ ମହାନ୍ତିଙ୍କଠାରୁ ଜଣାଯାଇଛି।

## କଳିଙ୍ଗରେ ୧୭ରୁ ମାଗଣାରେ ଖେଳ ଦେଖିବେ ଦର୍ଶକ

ହକି ଇଣ୍ଡିଆ ଲିଗ୍

ଭୁବନେଶ୍ୱର,୧୨।୧(ସମିସ): ଓଡ଼ିଶା ତଥା ଭୁବନେଶ୍ୱର ହକି ପ୍ରେମୀଙ୍କ ଲାଗି ଏକ ଶୁଭ ଖବର। ଏଠାରେ ଜାନୁଆରୀ ୧୭ରୁ ୨୬ ତାରିଖଯାଏ ଖେଳାଯିବାକୁ ଥିବା ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ସମସ୍ତ ମ୍ୟାଚ୍ ଦର୍ଶକ ମାଗଣାରେ ଦେଖିପାରିବେ। ଏ ସମ୍ପର୍କରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲର ଅଧ୍ୟକ୍ଷ ଦିଲୀପ ତିର୍କୀ ଘୋଷଣା କରିବା ସହ ଜାତୀୟ ତଥା ଅନ୍ତର୍ଜାତୀୟ ଖେଳାଳିଙ୍କ ଖେଳ ଦେଖିବାକୁ ଓଡ଼ିଶାର ସମସ୍ତ ହକିପ୍ରେମୀ କଳିଙ୍ଗ ଷ୍ଟାଡିୟମ୍ ଆସିବାକୁ ଅନୁରୋଧ କରିଛନ୍ତି। ଦର୍ଶକମାନେ https://ticketgenie.in/event/Hero-Hockey-India-League-୨୦୨୫-୨୬ ୱେବ୍‌ସାଇଟ୍‌ରେ ନିଜ ଟିକଟ ସଂରକ୍ଷିତ କରିପାରିବେ। ଏଥର ପୁରୁଷ ଏଚ୍‌ଆଇଏଲ୍‌ରେ ୮ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଟାଇଟଲ ଦାବିଦାର ରହିଛି। ଏଚ୍‌ଆଇଏଲ୍‌ର ତୃତୀୟ ଭାଗର ସମସ୍ତ ମ୍ୟାଚ୍ କଳିଙ୍ଗରେ ଖେଳାଯିବ। ଏଠାରେ ୯ଦିନ ମ୍ୟାଚ୍ ଅନୁଷ୍ଠିତ ହେବ। ଜାନୁଆରୀ ୨୪ରେ ବିଶ୍ରାମ ଦିବସ, ଜାନୁଆରୀ ୧୯, ୨୧, ୨୨ ଓ ୨୫ରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳାଯିବ। ଜାନୁଆରୀ ୨୩ରେ କ୍ୱାଲିଫାୟର-୧ ଓ ଏଲିମିନେଟର ଖେଳାଯିବ। ଜାନୁଆରୀ ୨୫ରେ କ୍ୱାଲିଫାୟର-୨, ଜାନୁଆରୀ ୨୬ରେ ତୃତୀୟ ସ୍ଥାନ ଓ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### ହକି ଇଣ୍ଡିଆ ଲିଗ୍

# ଏସଜି ପାଇପର୍ସର ପ୍ରଥମ ବିଜୟ

ରାଞ୍ଚି, ୧୨।୧ (ଏଜେନ୍ସି)



ଏସ୍‌ଜି ପାଇପର୍ସ ଦଳ ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ପୁରୁଷ ବିଭାଗରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସୋମବାର ସ୍ଥାନୀୟ ଜୟପାଲ୍ ସିଂହ ଆଷ୍ଟ୍ରୋ ଟର୍ଫରେ ଅନୁଷ୍ଠିତ ଏକ ମ୍ୟାଚରେ ପାଇପର୍ସ ୨-୧ ଗୋଲ୍‌ରେ ହାଇଦରାବାଦ୍ ତୁଫାନ୍ସକୁ ପରାସ୍ତ କରିଥିଲା। ତୋମାସ ଡୋମେନେ ଡବଲ୍ ଗୋଲ୍‌ସ୍କୋର କରି ପାଇପର୍ସକୁ ଟୁର୍ଣ୍ଣାମେଣ୍ଟରେ ପ୍ରତୀକ୍ଷିତ ବିଜୟ ପଏଣ୍ଟ ଭେଟି ଦେଇଥିଲେ। ଏଥିସହ ପାଇପର୍ସ ୩ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ସୁଟ୍‌ଆଉଟ୍ ପରାଜୟ ସହ ୪ ପଏଣ୍ଟ ପାଇ ଟେବଲ୍‌ର ୫ମ ସ୍ଥାନରେ ରହିଛି।

ହାଇଦରାବାଦ୍ ତୁଫାନ୍ସ ବିପକ୍ଷ ଏହି ମ୍ୟାଚର ପ୍ରଥମାର୍ଦ୍ଧରେ ପାଇପର୍ସ ଦଳ ପ୍ରଭାବ ବିସ୍ତାର କରି ଖେଳିଥିଲା। ପ୍ରଥମ କ୍ୱାର୍ଟରର ୮ମ ମିନିଟ୍‌ରେ ଆର୍ଜେଣ୍ଟିନା ଫରୱାର୍ଡ ଡୋମେନ ପ୍ରଥମ ଗୋଲ୍ ଦେଇ ପାଇପର୍ସକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରର ଶେଷ ତଥା ୨୯ତମ ମିନିଟ୍‌ରେ ଡୋମେନ ବ୍ୟକ୍ତିଗତ ୨ୟ ଗୋଲ୍ ଦେଇଥିଲେ। ଫଳରେ ପ୍ରଥମ ୩୦ ମିନିଟ୍‌ରେ ୨ଟି ଗୋଲ୍ ଦେଇ ପ୍ରଥମାର୍ଦ୍ଧକୁ ପାଇପର୍ସ ନିଜ ନାମରେ କରିଥିଲା। ତେବେ ଏହାପରେ ଦ୍ୱିତୀୟାର୍ଦ୍ଧରେ ତୁଫାନ୍ସ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ କ୍ୱାର୍ଟରରେ ଓଡ଼ିଆ ଖେଳାଳି ଅମନଦୀପ୍ ଲାକ୍ରା ଗୋଟିଏ ଗୋଲ୍ ଦେଇ ତୁଫାନ୍ସର ଖାତା ଖୋଲିଥିଲେ। ଏହାପରେ ପରବର୍ତ୍ତୀ ୧୯ ମିନିଟ୍ ମଧ୍ୟରେ ତୁଫାନ୍ସ ଗୋଲ୍‌କୁ ଶୁଝାଇବା ଲାଗି ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଫଳରେ ପାଇପର୍ସ ୨-୧ ଗୋଲ୍‌ରେ ବାଜିମାତ୍ କରିନେଇଥିଲା। ସୋମବାର ଅନ୍ୟ ଏକ ମ୍ୟାଚରେ ତାମିଲନାଡୁ ଡ୍ରାଗନ୍ସ ବିପକ୍ଷରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଗଭର୍ଣ୍ଣିଂ କାଉନସିଲ୍ ୨-୦ ଗୋଲରେ ଅଗ୍ରଣୀ ରହିଛି। ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୩ଟି ମ୍ୟାଚରୁ ୩ଟି ବିଜୟ ସହ ୮ ପଏଣ୍ଟ ପାଇ ଶୀର୍ଷରେ ରହିଛି।

## ବାର୍ସିଲୋନାକୁ ୧୬ତମ ସୁପର୍ କପ୍ ଟାଇଟଲ

ଜେଦ୍ଦା, ୧୨।୧ (ଏଜେନ୍ସି): ରାଫିନାଙ୍କ ଡବଲ୍ ଗୋଲ୍ ବଳରେ ବାର୍ସିଲୋନା ୩-୨ ଗୋଲରେ ରିଅଲ ମାଦ୍ରିଦକୁ ପରାସ୍ତ କରି ସୁପର୍ କପ୍ ଟାଇଟଲ୍ ହାସଲ କରିଛି। ସ୍ପାନିଶ ସୁପର୍ କପ୍‌ର ୪୧ତମ ସଂସ୍କରଣ ଫାଇନାଲ ସାଉଦୀ ଆରବରେ ଖେଳାଯାଇଥିଲା। ପ୍ରଥମାର୍ଦ୍ଧରେ ମ୍ୟାଚ୍ ୨-୨ ଗୋଲ୍‌ରେ ବରାବର୍ ରହିଥିଲା। ଏହି ୪ଟି ଗୋଲ୍‌ରୁ ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମରେ ୩ଟି ଗୋଲ୍ ହୋଇଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୭୩ତମ ମିନିଟ୍‌ରେ ରାଫିନା ବ୍ୟକ୍ତିଗତ ୨ୟ ଓ ଦଳ ପାଇଁ ୩ୟ ଗୋଲ୍‌ଟି ଦେଇ ବାର୍ସିଲୋନାକୁ ଚାମ୍ପିଅନ କରାଇଥିଲେ। ଏଥିସହ ବାର୍ସିଲୋନା ରେକର୍ଡ ୧୬ଥର ଲାଗି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ଟାଇଟଲ୍ ହାସଲ କରିଛି।

### ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍ ଉଦ୍‌ଯାପିତ

## ମୌସୁମୀଙ୍କୁ ଡବଲ୍ ସ୍ୱର୍ଣ୍ଣ, ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର,୧୨।୧(ସମିସ): ଉତ୍ତରପ୍ରଦେଶର ମୋଦିନଗରଠାରେ ଚାଲିଥିବା ଅସ୍ମିତା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଶେଷ ଦିନରେ ଓଡ଼ିଶା ମୌସୁମୀ ଦାସ ୨ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଯୁବ ଓ ସିନିୟର ବିଭାଗର ୭୭ କେଜିରୁ ଉର୍ଦ୍ଧ୍ୱ ବିଭାଗର ସେ ସ୍ନାଚ୍‌ରେ ୭୦ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୯୪ କେଜି ଓଜନ ଉଠାଇଥିଲେ। ମୋଟରେ ୧୬୪ କେଜି ଓଜନ ଉଠାଇଥିବା ମୌସୁମୀଙ୍କୁ ୨ଟି ସ୍ୱର୍ଣ୍ଣପଦକ ମିଳିଥିଲା। ଏହାକୁ ମିଶାଇ ଟୁର୍ଣ୍ଣାମେଣ୍ଟର ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ରନର୍ସଅପ୍ ହୋଇଛି। ଦଳର ପ୍ରତିଯୋଗୀମାନେ ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଓଡ଼ିଶା ଦଳର ଏହି ସଫଳତା ଲାଗି କୋଚ୍ ଯଜ୍ଞନାରାୟଣ ନନ୍ଦ, ଗୋପାଳକୃଷ୍ଣ ଦାସ ଓ ପଦ୍ମିନୀ ମହାନ୍ତି, ମ୍ୟାନେଜର ଟାଙ୍ଗ ଦେବୀଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS